୬ ହାତ ଗୋଡ଼ ନଥାଇ ବି ତୀରନ୍ଦାଜିରେ ସ୍ୱର୍ଣ୍ଣ ଜିତିଲେ ପାୟଲ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ବର୍ଣ୍ଣେଣ୍ୟ ବାଧିକାରରେ ମା ଫକେସ୍ତ କହାବନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୪୬ ● ୧୪ ଜାନୁଆରୀ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-346 ● 14th January 2025, Tuesday ● Bhubaneswar | Licensed to post without pre-payment of postage No- BN-60/25-27


# ଓଡ଼ିଶାରେ ଲାଗୁହେଲା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା



**ଭୁବନେଶ୍ୱର, ୧୩/୧**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏଥିପାଇଁ ସୋମବାର ନୂଆ ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ହେଲଥ୍ ଅଥରିଟି ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

ଏହା ଦ୍ୱାରା ବର୍ତ୍ତମାନ ରାଜ୍ୟର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଯୋଡିହେଲା । ରାଜ୍ୟର ୧ କୋଟି ୩ ଲକ୍ଷ ପରିବାରର ୩କୋଟି ଲୋକ ଉପକୃତ ହେବେ । ଏହା ଦ୍ୱାରା ରାଜ୍ୟର ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନେ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ । ବର୍ତ୍ତମାନ ରାଜ୍ୟରେ ୨୩, ୧୨, ୯୭୯ ଜଣ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି ବୋଲି ଜଣାଯାଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ଓଡ଼ିଶାର ଲୋକ, ବିଶେଷ କରି ଗ୍ରାମାଞ୍ଚଳର ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ଏହି ଯୋଜନା ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହି ସବୁ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି ତାହା ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପଞ୍ଚାୟତ ସ୍ତରରେ ଯେଉଁ ହେଲଥ ସବ୍ ସେଣ୍ଟର ଅଛି ତାହା ଠିକଭାବେ କାର୍ଯ୍ୟକାରୀ ହେଉନାହିଁ । ତେଣୁ ରାଜ୍ୟ ସରକାର ବର୍ତ୍ତମାନ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଥିରେ ହେଲଥ ୱାର୍କର ଓ ଯୋଗ ଶିକ୍ଷକ ନିୟୋଜିତ ହେବେ । ଏହି ସବୁ କେନ୍ଦ୍ର ଗୁଡିକର ପୂର୍ଣ୍ଣାଙ୍ଗ ଭିତ୍ତିଭୂମି ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନା ୨୦୧୮ ମସିହାରୁ ଲାଗୁ ହୋଇଥିଲେ ମଧ୍ୟ ଓଡିଶାର ଲୋକଙ୍କୁ ଏଥିରୁ ବଞ୍ଚିତ କରାଯାଇଥିଲା । *(ପୃଷ୍ଠା ୭ରେ)*

# ଏଲ୍ଏସି ସ୍ଥିତି ସମ୍ବେଦନଶୀଳ କିନ୍ତୁ ସ୍ଥିର: ସ୍ଥଳ ସେନା ମୁଖ୍ୟ



**ନୂଆଦିଲ୍ଲୀ, ୧୩/୧**

ଏଲ୍ଏସିରେ ସ୍ଥିତି ସମ୍ବେଦନଶୀଳ କିନ୍ତୁ ସ୍ଥିର ରହିଛି । ଭାରତୀୟ ସେନା ପ୍ରତିଟି ସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ । ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ସୋମବାର ଏଭଳି କହିଛନ୍ତି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ।

ସୀମା ବିବାଦକୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କ ଦୀର୍ଘ ଦିନ ଧରି ତିକ୍ତ ରହିଛି । କିନ୍ତୁ ନିକଟରେ ଉଭୟ ଦେଶ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି । ଏଲ୍ଏସି ପ୍ରସଙ୍ଗ ସମ୍ବେଦନଶୀଳ କିନ୍ତୁ ସେଠାରେ ସ୍ଥିତି ସ୍ଥିର ରହିଛି । ଏହି ପ୍ରସଙ୍ଗକୁ ନେଇ ଅନେକ ସ୍ତରରେ ବୈଠକ ହୋଇଛି । ଉଭୟ ପକ୍ଷର ସେନା ପଛକୁ ହଟିଛନ୍ତି ଏବଂ ଉଭୟ ସନ୍ତୁଷ୍ଟ ଅଛନ୍ତି । ତଥାପି, କେତେକ ବିବାଦୀୟ ସ୍ଥାନରେ କୌଣସି ବଫର୍ ଜୋନ୍ ନାହିଁ । ପୂର୍ବ ଲଦାଖର ଡେପସଙ୍ଗ ଏବଂ ଡେମଚୋକର ପାରମ୍ପାରିକ ଅଞ୍ଚଳରେ ପାଟ୍ରୋଲିଂ ଏବଂ ଗୋରୁ ଚରିବା ଆରମ୍ଭ ହୋଇଛି । ଆମର ନିୟୋଜନ ସନ୍ତୁଳିତ ଏବଂ ମଜଭୁତ, ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ । ଆମେ ସୀମାରେ ଭିତ୍ତିଭୂମି ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଉଛୁ ବୋଲି ସ୍ଥଳ ସେନା ମୁଖ୍ୟ କହିଛନ୍ତି ।

ସେହିପରି ଜମ୍ମୁ କଶ୍ମୀରରେ ହ୍ରାସ ପାଇଛି ଆତଙ୍କବାଦ । ଟେରରିଜିମରୁ ଟୁରିଜମ ଆଡକୁ ଅଗ୍ରସର ହେଉଛି ଉପତ୍ୟକା । କାଶ୍ମୀରରେ ଆଜିର ସ୍ଥିତି ନେଇ ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏହା କହିଛନ୍ତି । ଗତ ବର୍ଷ କଶ୍ମୀରରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ପାକିସ୍ତାନୀ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ।

ଏବେ ଉପତ୍ୟକାରେ ସକ୍ରିୟ ଆତଙ୍କବାଦୀଙ୍କ ମଧ୍ୟରୁ ୮୦% ପାକିସ୍ତାନୀ ବୋଲି କହିଛନ୍ତି ସ୍ଥଳସେନା ମୁଖ୍ୟ । ତେବେ ଆତଙ୍କବାଦୀ କାର୍ଯ୍ୟକଳାପ ଓ ସୀମାପାର ଅନୁପ୍ରବେଶ ଜାରି ରହିଛି ବୋଲି ସେ କହିଛନ୍ତି । ଗତ କିଛି ମାସ ମଧ୍ୟରେ ଉତ୍ତର କାଶ୍ମୀର ଓ ଡୋଡା–କିସ୍ତୱାଡା ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢିଛି । ତେବେ ହିଂସା ସମ୍ପୂର୍ଣ୍ଣ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ଓଡ଼ିଶା ଆଗାମୀ ଦିନରେ ଆଇଟି ହବ୍ ହେବ: ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ, ୧୩/୧**

ଆଗାମୀ ଦିନରେ ଓଡିଶା ଆଇଟି ହବ୍ ହେବାକୁ ଯାଉଛି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଓଡ଼ିଶାରେ ସୂଚନା ପ୍ରଯୁକ୍ତି (ଆଇଟି) ପେଶାଦାରଙ୍କର ଅଭାବ ନାହିଁ । ଓଡ଼ିଶାକୁ ଆଗାମୀ ଦିନରେ ଏକ ବଡ଼ ଆଇଟି ହବ୍‌ରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଛି । ଏନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ମଧ୍ୟ ହୋଇଛି । ସେ ବିଭିନ୍ନ ଆଇଟି କ୍ଷେତ୍ରକୁ ଯାଇ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିବା କଥା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଓଡ଼ିଶାରେ ଆଇଟି ପ୍ରତିଭାଙ୍କର ଅଭାବ ନାହିଁ । ଆଇଟି ପ୍ରତିଭାଙ୍କ ଠାରୁ ଆମେ ଆବଶ୍ୟକ ସହଯୋଗ ହାସଲ କରିପାରିବା । *(ପୃଷ୍ଠା ୭ରେ)*

# ଯୋଡ଼ି ହେବ କଶ୍ମୀରରୁ ଲଦାଖ : ଉଦ୍‌ଘାଟିତ ହେଲା ଜେଡ୍ ମୋଡ୍ ଟନେଲ୍

**ଶ୍ରୀନଗର, ୧୩/୧**

ଉଦ୍‌ଘାଟିତ ହେଲା ବହୁ ପ୍ରତୀକ୍ଷିତ ସୋନମାର୍ଗ ଟନେଲ ବା ଜେଡ୍ ମୋଡ୍ ଟନେଲ୍ । ଏହି ଟନେଲ ଦ୍ୱାରା ଉପକୃତ ହେବେ ଲଦାଖବାସୀ । ଆଉ ଯାତାୟତରେ ହେବନି କୌଣସି *(ପୃଷ୍ଠା ୭ରେ)*





DSPL-320

national health authority



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆୟୁଷ୍ମାନ ଭାରତ
ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
ଓ
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର
ସମନ୍ୱିତ କାର୍ଯ୍ୟାନ୍ୱୟନ ନିମନ୍ତେ ୧୩ ଜାନୁଆରୀ ୨୦୨୫, ନୂଆଦିଲ୍ଲୀ ଠାରେ
ବୁଝାମଣା ପତ୍ର ସ୍ୱାକ୍ଷରିତ

ଗରିମାମୟ ଉପସ୍ଥିତି

ଶ୍ରୀ ଜେ. ପି. ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀ ଜୁଏଲ୍ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡ଼. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR : 10001/13/0023/2425





# ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଦାବିପତ୍ର ପ୍ରଦାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଦଳିତ ବିକାଶ ପରିଷଦ ଜଗତସିଂହପୁର ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ, ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଜଗତସିଂହପୁର ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଥିବା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ଥାପନ କରାଯିବାପାଇଁ ଉଲେଖ କରାଯାଇଛି । ପୂର୍ବରୁ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପୌରପ୍ରଶାସନ ପକ୍ଷରୁ ୩ ସ୍ଥାନକୁ ଚିହ୍ନଟ କରିଥିଲେ । ସେଥିମଧ୍ୟରୁ ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଥିବା ପାଣିଶାଳିଆ ମୌଜା ଖାତା ନମ୍ବର ୪୭୪, ପ୍ଲଟ ନମ୍ବର ୧୦୩୨ ସ୍ଥାନରେ ସ୍ଥାପନ ପାଇଁ ଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ, ଗଣେଶ୍ୱର ହାଂସଦା, ରାଜକିଶୋର ମଲ୍ଲିକ, ଦୁର୍ଯ୍ୟୋଧନ ଦାସ, ଶୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ସଂଘର କର୍ମକର୍ତ୍ତାମାନେ ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ବିଧାୟକ ଶ୍ରୀ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।



# କଟକରେ ଚୋରି, ଛିନ୍‌ତାଇ ବୃଦ୍ଧି ନେଇ ଡିସିପିଙ୍କୁ ଦାବିପତ୍ର ପ୍ରଦାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ତା ୧୧/୦୧/- ୨୦୦୮ ମସିହା ଜାନୁଆରୀ ମାସରୁ କଟକ ସହରରେ କମିଶନରେଟ ବ୍ୟବସ୍ଥା ଲାଗୁ କରାଗଲା । ସାଧାରଣ ଲୋକଙ୍କ ଧାରଣା ଥିଲା କମିଶନରେଟ ବ୍ୟବସ୍ଥା ଲାଗୁ ହେଲେ ଆଇନ୍ କାନୁନ୍ ଶକ୍ତ ହେବ ଲୋକେ ଅଧିକ ସୁଫଳ ପାଇବେ । ମାତ୍ର କମିଶନରେଟ ବ୍ୟବସ୍ଥା ଲାଗୁ ହେବାର ୧୬ବର୍ଷ ବିତି ଯାଇଥିଲେ ମଧ୍ୟ ଯଥା ପୂର୍ବମ୍ ତଥା ପରମ୍ ଢଙ୍ଗରେ ଚାଲିଛି କମିଶନରେଟ ପୋଲିସ ବ୍ୟବସ୍ଥା । କଟକ ସହରରେ ୨୦ଥାନା ଗାଡ଼ି, ୨୫ ପିସିଆର୍ ଭ୍ୟାନ୍, ଏସିପି ଏଡିସିପି ଙ୍କୁ ମିଶେଇ ଆହୁରି ୧୦ରୁ ଉର୍ଦ୍ଧ୍ୱ ନାଲିବତୀ ଗାଡ଼ି ବୁଲୁଥିଲେ ମଧ୍ୟ ଅସାମାଜିକ ବ୍ୟକ୍ତି ଙ୍କ ଭୟ ରହୁନାହିଁ । କଟକ ସହରରେ ଦିନକୁ ଦିନ ଚୋରି, ଛିନ୍ତାଇ, ସାଇବର କ୍ରାଇମ୍, ଅପମିଶ୍ରଣକାରି, ଜମି ମାଫିଆ ଇତ୍ୟାଦି ଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି । ସଂପ୍ରତି କଟକ ସହରର ପ୍ରସିଦ୍ଧ ପଞ୍ଚମୁଖୀ ହନୁମାନ ମନ୍ଦିର ରେ ଗତ ଆଠ ଦିନ ତଳେ ଠାକୁର ଙ୍କ ଆୟ ଅଳଙ୍କାର, ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଯାଇଥିବାବେଳେ ଏପର୍ଯ୍ୟନ୍ତ ମଧୁପାଟଣା ପୋଲିସ ଚୋରକୁ ଧରିବାରେ ସକ୍ଷମ ହୋଇନାହିଁ । ଏହା ଏକ ଦୁର୍ଭାଗ୍ୟ ଜନକ କଥା । ଥାନା ଠାରୁ ମାତ୍ର ୪୦୦ ମିଟର ଦୂରତାରେ ଥିବା ମନ୍ଦିରରୁ ଯଦି ଚୋରି ହୁଏ ତେବେ ଅସାମାଜିକ ବ୍ୟକ୍ତିଙ୍କର ପୋଲିସ ପ୍ରତି ଭୟ ରହୁନଥିବା ଜଣାପଡୁଛି । ତେଣୁ ତୁରନ୍ତ ଚୋରକୁ ଧରିବା ସହ ଚୋରିଯାଇଥିବା ଜିନିଷ ଜବତ କରିବାକୁ ଦାବି କରିଛି କଟକ ଶକ୍ତିନଗର କଂଗ୍ରେସ । ଏହି ପ୍ରସଙ୍ଗରେ କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ କଂଗ୍ରେସ୍‌ର ଏକ ପ୍ରତିନିଧି ଦଳ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମଧୁପାଟଣା ଥାନାରେ ପହଞ୍ଚି ଥାନା ଆଇଆଇସିଙ୍କୁ ସାକ୍ଷାତ୍ କରି ଆଲୋଚନା କରିବା ସହ ଡିସିପିଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଆଇନ ଶୃଙ୍ଖଳାର ସୁଧାର ପାଇଁ ବିଶେଷ କରି ରାତ୍ର ପାଟ୍ରୋଲିଂକୁ କଡାକଡି କରିବା, ପ୍ରମୁଖ ସ୍ଥାନମାନଙ୍କରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସିସିଟିଭି ଯାହାକି ଅନେକ ଅଚଳ ଅଛି ଉକ୍ତ ଅଚଳ ସିସିଟିଭିକୁ ସଚଳ କରିବା, ଥାନାମାନଙ୍କରେ ଷ୍ଟାଫ୍ ଓ କର୍ମଚାରୀ ତଥା ମାନବ ସମ୍ବଳ ବୃଦ୍ଧି କରିବା, ଥାନା ମାନଙ୍କରେ ଅଧିକ ପିସିଆର୍ ଭ୍ୟାନ ନିୟୋଜିତ କରିବା, ଅସାମାଜିକ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା, ପ୍ରତି ଦୁଇମାସରେ ଥରେ ପୋଲିସ-ପବ୍ଲିକ ଜନ ସଂପର୍କ କାର୍ଯ୍ୟକ୍ରମ କରିବା, ମହିଳା ଶିଶୁ ଓ ବରିଷ୍ଠ ନାଗରିକ ଙ୍କ ଅଭିଯୋଗ ଶୁଣିବା ପାଇଁ ସ୍ୱତନ୍ତ୍ର ଡେସ୍କ କରିବା ଇତ୍ୟାଦି ପ୍ରସ୍ତାବ ମାନ ରଖିଛି କଂଗ୍ରେସ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, ପିସିସିର ପ୍ରାକ୍ତନ ସମ୍ପାଦକ ପ୍ରୀୟଜିତ୍ ରାୟ, କଟକ ନଗର(ଜିଲ୍ଲା)କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ୱାର୍ଡ ସଭାପତି ସନ୍ତୋଷ ବିଶ୍ୱାଳ, ରଜନୀ ବସ୍ତିଆ, ବରିଷ୍ଠ କଂଗ୍ରେସ ନେତା ସୀତାକାନ୍ତ ପଣ୍ଡା, ନିହାର ରଞ୍ଜନ ନନ୍ଦ, ଜୟ ନାରାୟଣ ତ୍ରିପାଠୀ, ଦେବାଶିଷ ଜେଠି, ଯୁବନେତା ପ୍ରତ୍ୟୁଷ ସାହୁ, ଯୁବସଂଗଠକ କାଳନ୍ଦୀ ଖୁଣ୍ଟିଆ, ଋଷି କାଣ୍ଡି, ସୁବ୍ରତ ସ୍ୱାଇଁ, ବିଦୁଭୂଷଣ ବସ୍ତିଆ, ଶ୍ୟାମସୁନ୍ଦର ସାମଲ, ଯଶୋବନ୍ତ ନାରାୟଣ ବାରିକ ପ୍ରମୁଖ ଯୋଗଦେଇଥିଲେ ।

# ଭକ୍ତଙ୍କ ଠାରୁ ଜୋର ଜବରଦସ୍ତ ପାର୍କିଂ ଫିସ୍ ଆଦାୟ ଅଭିଯୋଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନଙ୍କ ଠାରୁ ଜୋର ଜବରଦସ୍ତ ପାର୍କିଂ ଫିସ୍ ଆଦାୟ ଓ ଅଶାଳୀନ ବ୍ୟବହାର କରୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ପ୍ରକାଶ ଯେ, ଶ୍ରୀ ବଳଦେବ ଜୀଉଙ୍କର ପ୍ରଥମ ଜୟ ମଙ୍ଗଳା ଆଳତୀ ଭୋର ୫ଟା ସମୟରେ ଦର୍ଶନ କରିବାକୁ ଅସୁଥିବା ଭକ୍ତମାନଙ୍କ ଠାରୁ ବାଇକ୍ ପାର୍କିଂ ଫିସ୍ ଜୋର ଜବରଦସ୍ତ ଆଦାୟ କରା ଯାଉଛି । ଭୋର ସମୟରେ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନଙ୍କ ପାଖରେ ଫିସ୍ ନଥିବାରୁ ପାର୍କିଂ ଦାୟିତ୍ୱରେ ଥିବା ବ୍ୟକ୍ତି ତାଙ୍କ ମଟର ସାଇକେଲର ପମ୍ପ ଖୋଲିବା ସହିତ ତାଙ୍କୁ ଅଶାଳୀନ ବ୍ୟବହାର କରୁଛନ୍ତି । ଏନେଇ ଜିଲ୍ଲାପାଳଙ୍କ ନିକଟରେ କ୍ଷେତ୍ରବାସୀ ଜେନା, ରାଜେନ୍ଦ୍ର ମହାପାତ୍ର, ବିଜୁ ମାହାଳି, ନରହରି ପୃଷ୍ଟି, ଖଗେଶ୍ୱର ରାଉତ, ଭାଗବତ ବରାଳଙ୍କ ସମେତ ଶତାଧିକ ଭକ୍ତ ଅଭିଯୋଗ କରିଛନ୍ତି ।

# ଚୌଦ୍ୱାର କଲେଜ ୧୯୯୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ମହାବିଦ୍ୟାଳୟର ୧୯୯୩ ବ୍ୟାଚ୍ ବନ୍ଧୁ ମିଳନ ସ୍ଥାନୀୟ ଏକ ହୋଟେଲ ପରିସରରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ବ୍ୟାଚର ପୂର୍ବତନ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗ ଯୋଗଦେଇ ଭାବର ଆଦାନପ୍ରଦାନ କରିଥିଲେ । ଆଗାମୀ ଦିନରେ କିଛି ସାମାଜିକ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ନିର୍ମଳ ସିଂ, ଲୋପାମୁଦ୍ରା ବରାଳ, ନାରାୟଣ ସାହୁ, ହରିହର ପରିଡ଼ା, ଅଞ୍ଜୁଲତା ସାହୁ, ବାସୁଦେବ ସାହୁ, ସାଜିଦ୍ ଚାନ୍ଦ, ହରିହର ବେହେରା, ରୀତା ମହାନ୍ତି, ଧରିତ୍ରୀ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସ୍କୁଲର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଲେ ପୁରାତନ ଛାତ୍ରଛାତ୍ରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ହାଇସ୍କୁଲର ଉନ୍ନତି ପାଇଁ ପୁରାତନ ଛାତ୍ରମାନେ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି । ସିଦ୍ଧ ମରିଚାଣୀ ବିଦ୍ୟାପୀଠ ୧୯୯୩ ମସିହା ବ୍ୟାଚର ପୁରାତନ ଛାତ୍ର ମାନେ ବନ୍ଧୁ ମିଳନ ଅବସରରେ ସ୍କୁଲର ଉନ୍ନତି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିବା ଜଣାପଡ଼ିଛି । ଜୟନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ସଭାରେ ଦିପକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସହପାଠୀ ମାନେ ଏକତ୍ରିତ ହୋଇ ଅଭୁଲା ସ୍ମୃତିକୁ ମନେ ପକାଇଥିଲେ । ଏଥି ସହିତ ବିଦ୍ୟାପୀଠର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଇଂ ନିରଞ୍ଜନ ପରିଡ଼ା, ରତୀକାନ୍ତ ଜେନା, ଇଂ ବିଶ୍ୱ ରଞ୍ଜନ ପରିଡ଼ା, ଅନ୍ନପୂର୍ଣ୍ଣା ସାମଲ, ନଳିନୀପ୍ରଭା ବାରିକ, ସସ୍ମିତା ବିଶ୍ୱଦର୍ଶିନୀ ରାଉତ, ଅମିନା ବାରିକ ପ୍ରମୁଖ ଉପସ୍ଥିତ ହୋଇ ଗୁରୁ ପୂଜନ ପାଇଁ ତାରିଖ ଧାର୍ଯ୍ୟ କରିବାକୁ ଆଲୋଚନା କରିଥିଲେ । ସଭା ଶେଷରେ ମଞ୍ଜୁଲତା ଓ ମୀନାରାଣି ଧନ୍ୟବାଦ ଅର୍ପଣ କରିଥିଲେ ।



# ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସ୍ଥିତ ସର୍କିଟ ହାଉସ ଠାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜ୍ୟ କଂଗ୍ରେସ ଷ୍ଟିୟରିଙ୍ଗ କମିଟି ସଂଯୋଜକ ଇଂ ମହମ୍ମଦ ମୋକିମ୍, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୃଷକ ସେଲ୍ ସଭାପତି ଅମିୟ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ଭୂୟାଁ, ବାଲିକୁଦା-ଏରସମା କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦେବ ପ୍ରସାଦ ନାୟକ, ପୌରାଧକ୍ଷା ଅର୍ଚ୍ଚନା ସିଂହ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ଆର୍ଯ୍ୟ କୁମାର ଲେଙ୍କା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତା କୁ ନେଇ ବର୍ଷିଥିଲେ । ରାଜ୍ୟରେ ଆଇନି ଶୃଙ୍ଖଳା ପରିସ୍ଥିତି ବିଫଳ ବୋଲି ବର୍ଷିଥିଲେ । ସାମ୍ବାଦିକ ସମ୍ମିଳନୀ ପରେ ଜଗତସିଂହପୁର ସ୍ଥିତ ବଡବାଗରେ ହୋଇଥିବା ବାଣ ବିସ୍ଫୋରଣ ଘଟଣା ସ୍ଥଳକୁ ପରିଦର୍ଶନ କରିଥିଲେ । ବାଣ ବିସ୍ଫୋରଣରେ ପ୍ରାଣ ହରାଇଥିବା ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ରାଜ୍ୟ କୃଷକ ସେଲ୍‌ର ସଭାପତି ଜଗତସିଂହପୁର ଚାଷୀ ତଥା ଅନ୍ୟ ଜିଲ୍ଲାର ଚାଷୀ ମାନଙ୍କର ଏକ ତଥ୍ୟମୂଳକ ଡାଟା ପ୍ରଦାନ କରି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ । ତତ୍‌ସହିତ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ପିସିସି କୃଷକ ସେଲ୍ ରାଜ୍ୟ ସ୍ତରରେ ତୀବ୍ର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିକ୍ରମ ପରିଡ଼ା, ସର୍ବେଶ୍ୱର ପଣ୍ଡା, ମହାନୀ ଚରଣ ରାଉତ, ଦୀପ୍ତିରାଣୀ ପ୍ରଧାନ, ମାନସ ରଥ, ଆର୍ତ୍ତତ୍ରାଣ ପଣ୍ଡା, ପ୍ରଶାନ୍ତ ଦାସ, ଅଶ୍ୱିନୀ ସ୍ୱାଇଁ, ବେଦଦ୍ୟୁତି ପୃଷ୍ଟି, ନିହାର ଦାସ, ସାଇ ପ୍ରଭଜଂନ ମହାପାତ୍ର, ରବିନ୍ଦ୍ର ମଲ୍ଲିକ, ନାଥ କାଣ୍ଡି, ନୂତନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପ୍ରଧାନ, ନିହାର ଦାସ, ଇମତିୟାଜ ଖାଁ, ସେଖ୍ ସାମସୁଦିନ, ଆର୍ଶୀବାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସିପିଆଇର ପରିବର୍ଦ୍ଧିତ ଜିଲ୍ଲା କମିଟି ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପରିବର୍ଦ୍ଧିତ ଜିଲ୍ଲା କମିଟି ସଭା ଗୋପଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାର୍ଟିର ରାଜ୍ୟ ସଂପାଦକ ଆଶିଷ କାନୁନଗୋ ମୁଖ୍ୟ ଅତିଥି ଓ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ପର୍ଯ୍ୟବେକ୍ଷକ ରୂପେ ଯୋଗଦେଇଥିଲେ । ଚଳିତ ବର୍ଷ ପାର୍ଟିର ବର୍ଷ ବ୍ୟାପୀ ଶତବାର୍ଷିକ ଉତ୍ସବ ପାଳନ କରାଯାଉଥିବାରୁ ପାର୍ଟିର ଗୌରବମୟ ଐତିହ୍ୟ ଓ ଜନଗଣଙ୍କ ସ୍ୱାର୍ଥରେ ଦୀର୍ଘ ସାଲିସ ହୀନ ସଂଗ୍ରାମର ଇତିହାସ ଜନଗଣଙ୍କ ମଧ୍ୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଏଥି ସହିତ ଆସନ୍ତା ଜାନୁଆରୀ ୨୯ ତାରିଖରେ କୃଷକ ମାନଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଅଫିସ ଆଗରେ ଏକ ବିଶାଳ ବିକ୍ଷୋଭ ସମାବେଶ ସଂଗଠିତ କରିବାକୁ ଘୋଷଣା କରାଯାଇ ଥିଲା । ଜିଲ୍ଲା ସମ୍ପାଦକ ରମଣୀ ରଂଜନ ରାଉତରାୟ, ବିକାଶ ଚନ୍ଦ୍ର ବେଉରା, ନିରଂଜନ ଦାସ, ହରେକୃଷ୍ଣ ମାଝୀ, ରମେଶ ଚନ୍ଦ୍ର ନାୟକ, ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ସଂଯୁକ୍ତା ରାଉତ ଧନ୍ୟବାଦ ଦେଇଥିଲେ ।



# ଖୋର୍ଦ୍ଧା ଅହମଦୀୟା ମୁସଲିମ୍ ମହିଳାମାନଙ୍କ ଅସହାୟଙ୍କୁ ସହାୟତା



**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ପୁରାଣ ଓ କୋରାନରେ ଲେଖାଅଛି, ପୁଣ୍ୟ କର୍ମ କରିବାରେ ଜଣେ ଅନ୍ୟ ଜଣଙ୍କ ଠାରୁ ଆଗେଇ ଯିବା ଉଚିତ ମାନବ ସେବା ହିଁ ମାଧବ ସେବା ଏହି ଭଳି ମାନବ ସେବା କାର୍ଯ୍ୟ କରି ଦେଖାଇଛି, ଖୋର୍ଦ୍ଧା ଅହମଦୀୟା ମୁସଲିମ ମହିଳା ସଂଗଠନ ଏହି ସଂଗଠନ ଝାଁଳା ସ୍ଥିତ ମିଶନ ଆଶ୍ରାର ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାମାନଙ୍କୁ ଶୀତବସ୍ତ୍ର, ଡ୍ରେସ, ବିସ୍କୁଟ, ବ୍ରେଡ, ଚୁଡ଼ା ଓ ଗୁଡ଼ ଇତ୍ୟାଦି ବଣ୍ଟନ କରିଛି । ବର୍ଷ ସାରା କୌଣସି ନା କୌଣସି ଅବସରରେ ବିଭିନ୍ନ ସ୍ଥାନରେ ଅହମଦୀୟା ମୁସଲିମ ମହିଳା ସଂଗଠନ ମାନବ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଥାନ୍ତି । ଦିନ-ଦରିଦ୍ରଙ୍କୁ ସାହାଯ୍ୟ ଓ ସହଯୋଗ କରିବା ଏଇ ସଂଗଠନର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା, ସର୍ବେ ଭବନ୍ତୁ ସୁନଃର ପରିବେଶ ଗଢିବା ସହିତ ବିଶ୍ୱଶାନ୍ତି, ବିଶ୍ୱ ଭାଇଚାରା ତଥା ମାନବବାଦର ପ୍ରତିଷ୍ଠା କରିବା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ମହିଳା ସଭାନେତ୍ରୀ ସୟଦା ଜୈବୁନ ନିସା, ସମ୍ମାନୀତ ଅତିଥି ଭାବେ ରେହାନା ପରୱିନ, ରଶିଦା ପରୱିନ ଏବଂ ହୁସେନ ଆରା ବେଗମ ଯୋଗଦେଇ ଥିଲେ ।

# ଆଭାଶକ୍ତି ପକ୍ଷରୁ ୪୩ ୟୁନିଟ ରକ୍ତ ସଂଗ୍ରହ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିଷନପୁର ପଞ୍ଚାୟତ କୋଲଟା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆଭାଶକ୍ତି କୋଲର ଉପବିଭାଗ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରୀତିଲତା ମଲ୍ଲଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥିଭାବେ ବିଷନପୁର ସରପଞ୍ଚ ରାଜଶ୍ରୀ ମହାପାତ୍ର, କନିମୁଳ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ପ୍ରଭାସ କୁମାର ସାହୁ, ବିଷନପୁର ସମିତିସଭ୍ୟା ଜୟନ୍ତୀ ମହାପାତ୍ର ପ୍ରମୁଖ ଉଦଘାଟନ କରିଥିଲେ । ଏହି ଶିବିରରେ କୋଲର ଉପବିଭାଗ ବିଦ୍ୟୁତ ଯନ୍ତ୍ରୀ ବିଜୟ କୃଷ୍ଣ ମହାରଥୀ, ତିର୍ତ୍ତୋଲ ଉପ ବିଭାଗର ବିଦ୍ୟୁତ ଯନ୍ତ୍ରୀ ମନୋଜ କୁମାର ନାୟକ, ନିର୍ମଳ କୁମାର ସାମଲ, ବିଜୟ ବାରିକ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ଯୁବ ଓ ଛାତ୍ର ବିଜେଡ଼ିର ବନ୍ଧୁ ମିଳନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଯୁବ ଓ ଛାତ୍ର ବିଜେଡ଼ିର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗାନ୍ଧୀ ଛକ ସ୍ଥିତ ପୌର ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଯୁବ ସଭାପତି ସାରଦା ରଞ୍ଜନ ପରିଜାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଲୋକମାନଙ୍କ ଘରକୁ ଯାଇ ସେମାନଙ୍କର ସମସ୍ୟା ବୁଝି ସେମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ଯଥାସମ୍ଭବ ସାହାଯ୍ୟ ସହଯୋଗ କରି ଲୋମାନଙ୍କ ସହିତ ଯୋଡି ହୋଇ ରହିଲେ ଆଗାମୀ ଦିନରେ ସଫଳତା ନିଶ୍ଚିତ ମିଳିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ ଉଦ୍‌ବୋଧନ ଦେଇ ଛାତ୍ର ଓ ଯୁବଗୋଷ୍ଠୀ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ସୁବ୍ରତ ସାମଲ, ଦିଲ୍ଲିପ ସାହୁ, ବିଜୟ କୁମାର ସାହୁ, ଅର୍ଜୁନ ପଣ୍ଡା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମହିଳା ସଭାନେତ୍ରୀ କବିତା ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।



# ବିଭିନ୍ନ ଦାବି ନେଇ ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ, ନୂଆ ଦିଲ୍ଲୀର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ନୂଆ ଦିଲ୍ଲୀ ସ୍ଥିତ ଜନକପୁରୀ ଶିକ୍ଷକ ଭବନ ଠାରେ ଦିବା ୧୦. ୦୦ ଘଟିକା ସମୟରେ ସଂଘର ସଭାପତି ବାସବରାଜ ଗୌରୀକର ଓ ମହାସଚିବ କମଳାକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଓଡ଼ିଶାରୁର ମହାସଚିବ କମଳାକାନ୍ତ ତ୍ରିପାଠୀ, ସମ୍ପାଦିକା ତଥା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ୫-ଖାରବେଳନଗର, ଭୁବନେଶ୍ୱର ସଭାନେତ୍ରୀ ଡଃ ଅନିତା ମେହେର ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଏନଇପି-୨୦୨୦ ସମସ୍ତ ରାଜ୍ୟରେ ଲାଗୁ କରିବା ସହ ସମସ୍ତ ରାଜ୍ୟରେ ପ୍ରାଥମିକ ଶିକ୍ଷକ ମାନଙ୍କୁ ଅବିକଳ କେନ୍ଦ୍ରୀୟ ହାର (୪୨୦୦ ଗ୍ରେଡ ପେ)ରେ ଦରମା ପ୍ରଦାନ ସହ ଅବିକଳ ପୁରୁଣା ପେନସନ୍ ପ୍ରଚଳନ ଉପରେ ବିଷଦ ଆଲୋଚନା ହୋଇଥିଲା । ଦାବି ସମୁହକୁ କେନ୍ଦ୍ର ସରକାରଙ୍କ ନିକଟରେ ରଖିବାକୁ ସ୍ଥିର କରାଗଲା । ଜାନୁଆରୀ ୩୧ ତାରିଖ ସୁଦ୍ଧା କେନ୍ଦ୍ର ସରକାର ଉକ୍ତ ଦାବି ସମୁହକୁ ପୂରଣ ନ କଲେ ଦେଶର ସମସ୍ତ ପ୍ରାଥମିକ ଶିକ୍ଷକ କଳା ବ୍ୟାଚ୍ ପରିଧାନ କରିବା ସହ ଏପ୍ରିଲ ମାସ ଶେଷରେ ବାଙ୍ଗାଲୋର ଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକରେ ନଭେମ୍ବରରୁ ଡିସେମ୍ବର ମାସ ମଧ୍ୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ଦିଲ୍ଲୀ ଠାରେ ଶିକ୍ଷକ ସମ୍ମିଳନୀ ହେବାକୁ କାର୍ଯ୍ୟସୂଚୀ ପ୍ରସ୍ତୁତ ହେବା ପାଇଁ ସ୍ଥିର କରାଯାଇଛି ।



# ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ଉଦ୍‌ଯାପିତ

# କୃଷି ପ୍ରଧାନ ଦେଶରେ ପାଣିପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପାଣିପଞ୍ଚାୟତ ପକ୍ଷ ପାଳନ ଜରିଆରେ ଜଳସଚେନ, ଜଳସେଚନର ସଦୁପଯୋଗ, ଜଳର ସୁବଣ୍ଟନ ସମ୍ବନ୍ଧରେ କୃଷକମାନଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଗତ ଡିସେମ୍ବର ୨୨ରୁ ଚଳିତ ଜାନୁୟାରୀ ୫ ପର୍ଯ୍ୟନ୍ତ ପାଳନ କରାଯାଉଥିବା ପାଣି ପଞ୍ଚାୟତ ପକ୍ଷର ଜିଲ୍ଲାସ୍ତରୀୟ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଅଭିମନ୍ୟୁ ସେଠୀ ଆମ ଦେଶ ଓ ରାଜ୍ୟ ଭଳି କୃଷି ପ୍ରଧାନ ମାଟିରେ ଜଳସେଚନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପାଣି ପଞ୍ଚାୟତର ସୁପରିଚାଳନା ପାଇଁ ଦେଖାଯାଉଥିବା ସମସ୍ୟାର ଆଶୁ ସମାଧାନ କରାଯାଇ ଚାଷୀମାନଙ୍କ ଜଳାଭାବ ଦୂରୀକରଣ ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପାଣି ପଞ୍ଚାୟତ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜଳ ସେଚନ ଜନିତ ସୁବିଧାର ଫାଇଦା ଉଠାଇ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଯୋଜନାକୁ ଫଳପ୍ରଦ କରାଇ ଚାଷୀମାନେ ସ୍ୱାବଲମ୍ବୀ ହେବା ସହିତ ରାଜ୍ୟ ଓ ଦେଶର ଆର୍ଥିକ ସୁଦୃଢ଼ୀକରଣରେ ସହାୟକ ହୁଅନ୍ତୁ ବୋଲି ଜିଲ୍ଲାପାଳ ଚାଷୀମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ ।

ଜିଲ୍ଲାପ୍ରଶାସନ ଆନୁକୂଲ୍ୟରେ ସାଳନ୍ଦୀ କେନାଲ ବିଭାଜନ ଭଦ୍ରକ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଂଜୟ କୁମାର ମହାନ୍ତି, ସହକାରୀ କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ସହକାରୀ ମୁଖ୍ୟଯନ୍ତ୍ରୀ ଶାଳପଡ଼ା ବାବୁଲାଲ ବେହେରା ପ୍ରମୁଖ ଯୋଗ ଦେଇ ଜଳବାୟୁ ଅନୁଯାୟୀ ପାଣି ପଞ୍ଚାୟତ ଗୁଡ଼ିକର ଦାୟିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସାଳନ୍ଦୀ କେନାଲ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ମଞ୍ଚ ପରିଚାଳନା କରିଥିଲେ । ଏସ୍.ଡ଼ି.ଓ. ରାଇକାନ ବେସ୍ରା ଓ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ । ବିଭିନ୍ନ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, ସଦସ୍ୟ ଓ କୃଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



# ମନମୋହନ ସିଂହଙ୍କୁ 'ଭାରତ ରତ୍ନ' ପ୍ରଦାନ ପାଇଁ ଦାବି



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ଅର୍ଥନୀତିଜ୍ଞ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡ଼ ମନମୋହନ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଦିକବି ସାରଳା ଦାସ ସଂସ୍କୃତ ଭବନ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ଶିକ୍ଷାବିତ ଉତ୍କଳ ରଞ୍ଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ସଭାକୁ ଉଦ୍‌ଘାଟନ କରିଥିଲେ । ସଭା ପ୍ରାରମ୍ଭରେ ଅଧ୍ୟାପକ ଭଗବାନ ଦାଶ ଗୀତା ପାଠ, ମୌଲାନା ତାଜ ଉଦିନ କୋରନ ପାଠ, ଆଚାର୍ଯ୍ୟ ପ୍ରତ୍ୟୁଷ କୁମାର ବାରିକ ବାଇବେଲ ପାଠ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୌରାଧକ୍ଷା ଅର୍ଚ୍ଚନା ସିଂ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବାଲିକୁଦା ଏରସମା କଂଗ୍ରେସ ନେତା ନଳିନୀ କୁମାର ସ୍ୱାଇଁ, ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦେବ ପ୍ରସାଦ ନାୟକ, ଚାଷୀ ମୂଲିଆ ସଙ୍ଘର ଜିଲ୍ଲା ସଭାପତି ବେଦଦୃତ୍ତ ପୃଷ୍ଟି, ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ସାମନ୍ତ ରାୟ, ମାନସ କୁମାର ରଥ, ଅଭୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଦିବଙ୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବିଶିଷ୍ଟ ଅର୍ଥନିତିଜ୍ଞ, ଋଷିପ୍ରତିମ ରାଜନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହ ଙ୍କୁ ଭାରତ ରତ୍ନ ପ୍ରଦାନ କରିବା ପାଇଁ ଭାରତ ସରକାର ଙ୍କ ନିକଟରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା ।





# ମନ୍ତ୍ରୀଙ୍କ ଗସ୍ତ ବେଳେ ଅନୁପସ୍ଥିତ ରହିବାରୁ ନିଲମ୍ବିତ ହେଲେ ଯୋଗାଣ ଅଧିକାରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାକୁ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଦିନିକିଆ ଗସ୍ତ ସମୟରେ ଉପସ୍ଥିତ ନରହିବାରୁ ନିଲମ୍ବନ ହେଲେ ପାରାଦ୍ୱୀପର ଯୋଗାଣ ଅଧିକାରୀ। ଶନିବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଧାନର କ୍ଷୟକ୍ଷତି ବୁଝିବା ସହିତ ଧାନମଣ୍ଡି ବୁଲି ଦେଖିଥିଲେ । ଏହି ଅବସରରେ ଡିଲର୍ ମାନଙ୍କର କାର୍ଯ୍ୟଶୈଳୀ ସମୀକ୍ଷା କରିବା ବେଳେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ମାତ୍ର ପାରାଦ୍ୱୀପର ଯୋଗାଣ ଅଧିକାରୀ ଅଲିଭା ଦାଶ ଅନୁପସ୍ଥିତ ଥିଲେ। ଜିଲ୍ଲାକୁ ଯୋଗାଣ ମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲାପାଳ ଜିଲ୍ଲାରେ ଥିବା ମତ୍ସ୍ୟ, ପ୍ରାଣୀ ଧନ, ଯୋଗାଣ ବିଭାଗ, ଭଳି ବହୁ ବିଭାଗର ଅଧିକାରୀ ମାନଙ୍କୁ ଉପସ୍ଥିତ ରହିବା ପାଇଁ ଚିଠି ନଂ ୧୭୫ /୨୫ରେ କରିଥିଲେ । ମଧ ଏହାକୁ ପାରାଦ୍ୱୀପ ଯୋଗାଣ ନିରୀକ୍ଷକ ଅଲିଭା ଦାଶ ବେଖାତିର କରିବା ସହ ଉକ୍ତ ବୈଠକରେ ଅନୁପସ୍ଥିତ ଥିଲେ । ମାତ୍ର ସମୀକ୍ଷା ବୈଠକକୁ ନେଇ ଯୋଗାଣ ନିରୀକ୍ଷକଙ୍କୁ ମନ୍ତ୍ରୀ ଖୋଜିବା ସମୟରେ ଶ୍ରୀମତୀ ଦାଶ ଅନୁପସ୍ଥିତ ରହିବା ସହିତ ଅନୁପସ୍ଥିତିର କାରଣ ମଧ ଜଣାଇନଥିଲେ। ଯାହାକୁ ନେଇ ମନ୍ତ୍ରୀ ବିରକ୍ତ ପ୍ରକାଶ କରିଥିଲେ। ଫଳରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ୍ ଉକ୍ତ ଯୋଗାଣ ନିରୀକ୍ଷକଙ୍କୁ ଚାକିରୀରୁ ନିଲମ୍ବନ କରିବା ସହ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ କଲେଜ:ବହୁ ବିଭାଗ ପାଇଁ ଘର ନାହିଁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ହୋମିଓପ୍ୟାଥିକ୍ ଚିକିତ୍ସା ବିଜ୍ଞାନର ପ୍ରଚାର ଓ ପ୍ରସାର ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଯଦ୍ୱାରା ଆଧୁନିକ ଯୁଗରେ ମଧ ହୋମିଓପ୍ୟାଥିକ୍ ଚିକିତ୍ସାର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଜନସାଧାରଣ ଅବଗତ ହେବା ସହ ସଚେତନ ହୋଇପାରିବେ। କିନ୍ତୁ ବ୍ରହ୍ମପୁର ସହରରେ ଏଥିରେ ଦେଖାଯାଇଛି ବ୍ୟତିକ୍ରମ । ସହରର ବହୁ ପୁରାତନ ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅବହେଳା ହେଉଥିବା ଅଭିଯୋଗ ହୋଇଛି । ଫଳରେ ଏହି ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଭିତ୍ତିଭୂମି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଡ଼ାକ୍ତର ଛାତ୍ରଛାତ୍ରୀଙ୍କ ପାଠପଢ଼ା ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ଘୋର୍ ଅଭାବ ରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗତ ୨୦୨୩ ମସିହା ଅଗଷ୍ଟ ମାସରେ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପରିସରରେ ଦୁଇ ମହଲା ବିଶିଷ୍ଟ ଏକ କୋଠା ନିର୍ମାଣ କରିବାକୁ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଥିଲା । ଏବଂ



ପ୍ରକଳ୍ପ ପାଇଁ ୨ କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁରୀ ମିଳିଥିଲା। ଇତି ମଧ୍ୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାର ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ କାଳ ବିତିଯାଇଥିଲେ ସୁଦ୍ଧା ନିର୍ମାଣ ଶେଷ ହେବାର ଦୂରର କଥା ଅଧପନ୍ତରିଆ ଭାବେ ପଡ଼ି ରହିଛି। ଫଳରେ ଭିତ୍ତିଭୂମି ଅଭାବରୁ ଡ଼ାକ୍ତର ଛାତ୍ରଛାତ୍ରୀଙ୍କ ପାଠପଢ଼ା ସାଙ୍ଗକୁ ରୋଗୀ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ସହରରେ ୧୯୬୯ ମସିହାରେ ବିଜୁ ପଟ୍ଟନାୟକ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିବା ବେଳେ ଏଠାରେ ମୋଟ୍ ୧୨ଟି ବିଭାଗ ରହିଛି । ହୋମିଓପ୍ୟାଥିକ୍ ଚିକିତ୍ସା ଶିକ୍ଷା ନିମନ୍ତେ ଏଠାରେ ମୋଟ୍ ୧୨ଟି ବିଭାଗ ରହିଛି । ହୋମିଓପ୍ୟାଥିକ୍ ଚିକିତ୍ସା ଶିକ୍ଷା ନିମନ୍ତେ ଏଠାରେ ମୋଟ୍ ୧୧୭ ଜଣ ଡ଼ାକ୍ତର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଥିବା ବିଭିନ୍ନ ବିଭାଗ ମଧ୍ୟରୁ ଆନାଟୋମି, ସର୍ଜରୀ, ପାଥୋଲୋଜି, ଏଫ୍‌ଏମ୍‌ଟି, ପ୍ରସୂତି ଓ ସ୍ତ୍ରୀରୋଗ ଆଦି ବିଭାଗ ନିମନ୍ତେ ସ୍ଥାନର ଘୋର ଅଭାବ ରହିଛି । ଏହାକୁ ଦୃଷ୍ଟିରେ ରଖି ୨୦୨୨–୨୩ ମସିହାରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଅଧୀନରେ ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ମହାବିଦ୍ୟାଳୟରେ ପ୍ରେକ୍ଷାଳୟ ସମେତ ଅନ୍ୟକିଛି ବିଭାଗ ପାଇଁ ଏକ କୋଠା ନିର୍ମାଣ କରିବାକୁ ୨ କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କା ଅନୁମୋଦନ ହୋଇଥିଲା । ସେଥିମଧ୍ୟରୁ ସିଭିଲ୍ କାର୍ଯ୍ୟ ନିମନ୍ତେ ୧ କୋଟି ୯୬ ଲକ୍ଷ ୮ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ସମସ୍ତ କୋଠାରେ ବିଦ୍ୟୁତ୍ ସଂଯୋଗ ନିମନ୍ତେ ୨୫ ଲକ୍ଷ ୩୬ ହଜାର ଓ ପାନୀୟ ଜଳ ସଂଯୋଗ ପାଇଁ ୨୫ ଲକ୍ଷ ୩୬ ହଜାର ପ୍ରଦାନ କରାଯାଇଛି । ଉକ୍ତ ଅନୁଦାନ ଅର୍ଥରେ ଦୁଇ ମହଲା ବିଶିଷ୍ଟ କୋଠା ନିର୍ମାଣ କରିବାକୁ ନିଷ୍ପତି ହୋଇଥିବା ବେଳେ ପୂର୍ତ୍ତବିଭାଗ ପକ୍ଷରୁ କାର୍ଯ୍ୟ ହାତକୁ ନିଆଯାଇଛି । କୋଠାର ତଳ ମହଲା କାମ ଶେଷ ପରେ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଛି । ଟେଣ୍ଡରରେ କିଛି ସମସ୍ୟା ଥିବା କାରଣରୁ ନିର୍ମାଣ କାର୍ଯ୍ୟ ବନ୍ଦ ଥିବା ଜଣାପଡ଼ିଛି । କୋଠା ନିର୍ମାଣ କାର୍ଯ୍ୟରେ ବିଳମ୍ବ କାରଣରୁ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁପଡୁଛି । ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ତ୍ତବିଭାଗକୁ ବାରମ୍ବାର ଚିଠି ଲେଖି ଅନୁରୋଧ କରିବା ସତ୍ତ୍ୱେ ଅର୍ଦ୍ଧନିର୍ମିତ କୋଠାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନଥିବା ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଅଧ୍ୟକ୍ଷ ଡ଼ା. ଗୀତାଞ୍ଜଳି ପଟ୍ଟନାୟକ କହିଛନ୍ତି । ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ବିଳମ୍ବ କାରଣକୁ ନେଇ ଛାତ୍ରଛାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ତେଣୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷକୁ ଉଗ୍ର ରୂପ ଧାରଣ କରିବା ପୂର୍ବରୁ ତୁରନ୍ତ ଅଧପନ୍ତରିଆ ନିର୍ମାଣ କାର୍ଯ୍ୟକୁ ଶେଷ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ବିଜେଡ଼ିକୁ ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ବିଜେଡ଼ିର କାର୍ଯ୍ୟକାରିଣୀ ବୈଠକ ମୁସ୍ତାଫାପୁର ପଞ୍ଚାୟତ ଗୋହିରାଟିକିରି ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କର୍ମୀମାନେ ମନୋବଳ ଦୃଢ଼ କରି ଦଳକୁ ମଜ୍‌ବୁତ୍ କରିବା ସହ ଦଳର ଦଲାଲ୍‌କୁ ବାହାରକରି ନେତା ଓ କର୍ମୀଙ୍କୁ ନେଇ ସଂଗଠନକୁ ମଜ୍‌ବୁତ୍ କରିବାକୁ ଶ୍ରୀ ଦାସ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧାମନଗର ନିର୍ବାଚନ ମଣ୍ଡଳୀ ନେତା ଡ଼ା. ସଂଜୟ କୁମାର ଦାସ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ




ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଏମଡି ନୁରାନି, ଧୁଶୁରି ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ଧାମନଗର ସଭାପତି ଶୁଶାନ୍ତ ରାଉତ, ସମିତି ସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ, ସରପଞ୍ଚ ସରିତା ମହାନ୍ତି, ସୁବାସ ମହାକୁଡ, ନରେନ୍ଦ୍ର ନାରାୟଣ ନାୟକ, ସୀତାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକାଉଚନ୍ତି । ଦୁର୍ନୀତି, ହତ୍ୟା ଓ ନିର୍ଯାତନା ବଢ଼ି ଚାଲିଚି ବୋଲି ସରକାରଙ୍କୁ କଟୁ ସମାଲୋଚନା କରିଥିଲେ ।

# 'ଜୀବନର ବାସ୍ତବତାକୁ ସମ୍ପୂର୍ଣ୍ଣ ରଖିବାକୁ ବନ୍ଧୁମିଳନ ଏକାନ୍ତ ଆବଶ୍ୟକ'

## ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନରେ ଜୀବନର ସ୍ମୃତି ବାଣ୍ଟିଲେ ପୁରାତନ ବନ୍ଧୁମାନେ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ମହାରାଜା ହାଇସ୍କୁଲ୍ ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁ ମିଳନ ଜାନୁୟାରୀ ୧୧ ତାରିଖ ୨୦୨୫ ମସିହାରେ ବ୍ୟୋମକେଶ ଦାଶଙ୍କ ଫାର୍ମ ହାଉସ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପରଲୋକପ୍ରାପ୍ତ ବନ୍ଧୁ ପ୍ରଭାକର ସେନାପତିଙ୍କ ବିୟୋଗରେ ସମସ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା କରିଥିଲେ । ବନ୍ଧୁ ମିଳନର ଉଦ୍ୟୋକ୍ତା ଆଡଭୋକେଟ୍ ବ୍ୟୋମକେଶ ଦାଶ ବନ୍ଧୁମାନଙ୍କ ସହଯୋଗ କ୍ରମେ ୨୦୦୪ ଦୀର୍ଘ ୨୨ ବର୍ଷ ହେଲା ସୂଚାରୁ ଭାବେ ବନ୍ଧୁ ମିଳନ ସଫଳ ଭାବେ ହୋଇପାରୁଥିବାରୁ ସାଧୁବାଦ ଜଣାଇ ନିଶ୍ଚିତ ଭାବେ ଆଗାମୀ ବର୍ଷ ମାନଙ୍କରେ ଯୋଗଦାନ କରିବାକୁ ଆହ୍ୱାନ୍ ଜଣାଇଥିଲେ । ଆଡ୍‌ଭୋକେଟ୍ ଇନ୍ଦ୍ରମଣି ଦାଶ ସମସ୍ତେ ନିଜର ପୁରାତନ ବନ୍ଧୁମାନଙ୍କ ସହ ମିଳିତ ହେବାକୁ ଲକ୍ଷ୍ୟ ରଖିଲେ ସେମାନଙ୍କୁ ଆପେ ଆପେ ଏ ସମାବେଶ ଟାଣି ଆଣିବ ବୋଲି ଆଶାବ୍ୟକ୍ତ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଞ୍ଚାନନ ଦଳପତି ଜୀବନ ଅପରାହ୍ନରେ ବନ୍ଧୁ ଭାବକୁ ଉଜ୍ଜୀବିତ କରିବା ପାଇଁ ସମାବେଶ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ବନ୍ଧୁମିଳନ ହିଁ ଏକମାତ୍ର ବିକଳ୍ପ, ହରି ନାରାୟଣ ତ୍ରିପାଠୀ ସମସ୍ତେ ସୁସ୍ଥମୟ ରହି ଆଗାମୀ ବର୍ଷ ବନ୍ଧୁମିଳନରେ ଅଂଶଗ୍ରହଣ କରିବାକୁ ନିବେଦନ କରିଥିଲେ । ରସରାବ ସା ବନ୍ଧୁ ଭାବର ମୂଲ୍ୟତ୍ୱ ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ସର୍ବଶ୍ରୀ ନିତ୍ୟାନନ୍ଦ ମାଝୀ, ପ୍ରଫୁଲ୍ଲ କୁମାର ଚାନ୍ଦ, ବୁଧୁଭୂଷଣ ପାଣିଗ୍ରାହୀ, ନରସିଂହ ପଟ୍ଟନାୟକ, ବେଦବ୍ୟାସ ତ୍ରିପାଠୀ, ରଘୁବୀର ଦାଶ, କୃପାସିନ୍ଧୁ ପାଣିଗ୍ରାହୀ, ଥବିର ଚରଣ ବିଶି, ବ୍ରଜ ଗୋପାଳ ପୁଜାହାରୀ, ପରମେଶ୍ୱର ଦାନୀ, ମଧୁସୂଦନ ମିଶ୍ର, ଧ୍ରୁବରାଜ ବାରିକ, ମୋହନ ମାଝୀ, କେଶବ ଚରଣ କର୍ମୀ, ସତ୍ୟନାରାୟଣ ମେହେରେ ୨୦ଜଣ ଯୋଗ ଦେଇଥିଲେ । ସର୍ବଶେଷରେ କୃପାସିନ୍ଧୁ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଅର୍ପଣ ପରେ ସମାବେଶ ଉଦ୍‌ଯାପିତ ହୋଇଥିଲା ।

# ରାଜ୍ୟସ୍ତରୀୟ ଲୋକକଳା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

# ଲୋକ କଳା ହିଁ ଆମ ସଂସ୍କୃତିର ମହାନ୍ ପରମ୍ପରା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଲଙ୍ଗଳେଶ୍ୱରସ୍ଥିତ ବାବା ଛତ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପଲ୍ଲୀ ବିକାଶ ପାଠାଗାର ସଂସ୍କୃତି ବିଭାଗ, ଆଞ୍ଚଳିକ କଳା ଓ ସାଂସ୍କୃତିକ ସଂଗଠନ ଲଙ୍ଗଳେଶ୍ୱର, ଗଞ୍ଜାମ ପକ୍ଷରୁ ତିନ ଦିନ ଧରି ଚାଲିଥିବା ୩୦ତମ ରାଜ୍ୟ ସ୍ତରୀୟ ଲୋକକଳା ଓ ସାଂସ୍କୃତିକ ମହୋତ୍ସବ–୨୦୨୪ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା– ନିର୍ଦ୍ଦେଶକ ପ୍ରହଲ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ସଙ୍ଗୀତ ଗୁରୁ ମୁମ୍ବାଇର ଜଗନ୍ନାଥ ଦୋରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, ବ୍ଲକ୍ କଳାକାର ସଂଘର ସଭାପତି ଦିଗାମ୍ବର ମହାରଣା, ବରିଷ୍ଠ ଆଇନଜୀବୀ ଦିଲୀପ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଲୋକକଳା ହିଁ ଆମ ସଂସ୍କୃତିର ମହାନ୍ ପରମ୍ପରା ବୋଲି ଆଲୋକପାତ କରିଥିଲେ । ସମସ୍ତ ଅତିଥି ବୃନ୍ଦ ସଂଗଠନର ଏପରି ଉଦ୍ୟମକୁ



ସାଧୁବାଦ ଜଣାଇବା ସହ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଦ୍ୱିତୀୟ ଦିବସକୁ ଅତିଥି ଭାବେ ଖଲ୍ଲିକୋଟ୍ ବ୍ଲକ୍ କଳାକାର ସଂଘର ସଭାପତି ଦିଗାମ୍ବର ମହାରଣା, ଭୋବନି ପଣ୍ଡା ଓ ଶିକ୍ଷକ ସତ୍ୟବାଦୀ ବେହେରା ଆଦି କଳା ଓ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ମଞ୍ଚାସୀନ ରହି କଳାକାର ମାନଙ୍କୁ ଅଭିପ୍ରେରଣା ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ପ୍ରାୟ ଦୁଇ ଶହ ଓ ଦ୍ୱିତୀୟ ଦିବସରେ ସେହିପରି ଚାରି ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର କଳାକାର ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ । ଏହାକୁ ଶହ ଶହ ଦର୍ଶକ ଉପଭୋଗ କରିଥିଲେ । ତୃତୀୟ ଦିବସୀୟ ସାଂସ୍କୃତିକ ପର୍ବ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଗବେଷକ ତଥା ଜଗନ୍ନାଥ ପ୍ରସାଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଲୋକନାଥ ମହାନ୍ତି, ମୁଖ୍ୟ ବକ୍ତା ଭାବେ କେଶପୁର କଲେଜର ଓଡ଼ିଆ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ, ପ୍ରାକ୍ତନ ଲେବର କମିଶନର ଦୀନବନ୍ଧୁ ଅଧିକାରୀ ପ୍ରମୁଖ ମଞ୍ଚାସିନ ରହିଥିଲେ । ଏଥିରେ ପ୍ରାୟ ଶତାଧିକ କବି ଯୋଗଦେଇ ସ୍ୱ–ରଚିତ କବିତା ପାଠ କରିଥିଲେ । ଏହାକୁ ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ ଓ ବରିଷ୍ଠ କବୟିତ୍ରୀ ବିଦ୍ୟୁତ୍‌ପ୍ରଭା ଦାଶଙ୍କ ମିଳିତ ସଂଯୋଜନା ଉପସ୍ଥିତ ଶ୍ରୋତାମାନଙ୍କୁ ମୋହିତ କରିଥିଲା । ଏଥିରେ କବି ଗଗନ କୁମାର ପ୍ରାମାଣିକ, ସୁରେନ୍ଦ୍ର ବେହେରା, ଉପେନ୍ଦ୍ର କୁମାର ପରିଡ଼ା, ପ୍ରଭାତ କୁମାର ଆଚାର୍ଯ୍ୟ, ବିଦ୍ୟାଧର ଷଡ଼ଙ୍ଗୀ, ଜଗନ୍ନାଥ ପ୍ରଧାନ, ରମେଶ ମହାପାତ୍ର, ଦିଲୀପ କୁମାର ସ୍ୱାଇଁ, ଦୁର୍ଗାପ୍ରସାଦ ସାହୁ ଆଦି ରାଜ୍ୟର ବିଭିନ୍ନ ଜିଲ୍ଲାର ବହୁ ବିଶିଷ୍ଟ କବିମାନେ ଯୋଗଦେଇ ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ତିନିଦିନର ମହୋତ୍ସବ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରହଲ୍ଲାଦ ବେହେରା ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ସୁରଥ ବେହେରା, ସନ୍ତୋଷ ବେହେରା, କିର୍ତ୍ତିକାନ୍ତ ବେହେରା, ନକୁଳ ବେହେରା, ଚିନ୍ମୟ ବେହେରା, ଦୀପକ ସେଠୀ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଶୀ ନୃତ୍ୟାଙ୍ଗନା କୁମାରୀ ଅଭିଲିପ୍ସା ମିଶ୍ର, କବି ପଞ୍ଚାନନ ଖଟୁଆ, ବସନ୍ତ କୁମାରୀ ସାମନ୍ତ, ଡ. ଲୋକନାଥ ମହାନ୍ତି ପ୍ରମୁଖଙ୍କ ପ୍ରତିଭା ନିମନ୍ତେ ବିଭିନ୍ନ ଉପାଧିରେ ଭୂଷିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଲୋକକଳା ମହୋତ୍ସବରେ ଅଂଶଗ୍ରହଣ କରିଥିବା କବି ଓ କଳାକାରମାନଙ୍କୁ ଅନୁଷ୍ଠାନ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।



# ଆୟକର ଫ୍ରେଣ୍ଡସ୍ ସୋସାଇଟିର ବାର୍ଷିକ ସାଧାରଣ ଅଧିବେଶନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ଦ୍ୱାରା ପଞ୍ଜିକୃତ ଆୟକର ଫ୍ରେଣ୍ଡସ୍ ସୋସାଇଟିର ବାର୍ଷିକ ଅଧିବେଶନ ବ୍ରାହ୍ମଣଝରିଲୋ ସ୍ଥିତ ଏକ କୃଷି ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆୟକର ବିଭାଗର ଶତାଧିକ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ଏହି ଅଧିବେଶନରେ ଯୋଗଦେଇ ବିଭିନ୍ନ ବିଷୟ ଉପରେ ବିଶଦ ଆଲୋଚନା କରିଥିଲେ । ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା ଯେ ଏହି ବର୍ଷ ଠାରୁ ସୋସାଇଟି ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟକ୍ରମ ହାତକୁ ନେବ । ଏଥିପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରିବାକୁ ମଧ ମତ ପ୍ରକାଶ ପାଇଥିଲା । ଆଗାମୀ ଏକବର୍ଷ ପାଇଁ ସୋସାଇଟିର କାର୍ଯ୍ୟକର୍ତ୍ତା ନିର୍ବାଚନ ଏହି ଅଧିବେଶନରେ ସମାପନ କରାଯାଇଥିଲା । ସର୍ବସମ୍ମତିକ୍ରମେ ବ୍ରଜେନ୍ଦ୍ର ମହାନ୍ତି ଓ ଜଗବନ୍ଧୁ ସାହୁ ଉପଦେଷ୍ଟା, ଶରତ ଦାଶ ସଭାପତି, ଗୌତମ ଦାସ ଉପସଭାପତି, ରାଧେଶ୍ୟାମ ଗିରି ସମ୍ପାଦକ, ତ୍ରିଲୋଚନ ମଲ୍ଲିକ ଅତିରିକ୍ତ ସମ୍ପାଦକ, ଶଶିକାନ୍ତ ବେହେରା ଯୁଗ୍ମ ସମ୍ପାଦକ, ଲଳିତ ପଣ୍ଡା କୋଷାଧ୍ୟକ୍ଷ ଓ ସୁଶାନ୍ତ ପଟ୍ଟନାୟକ ସହ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ବାରଜଣ ସଦସ୍ୟଙ୍କୁ ନେଇ ଏକ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା । ଯେଉଁଥିରେ ପ୍ରମୁଖ ସଦସ୍ୟ ହେଲେ କବିତାଞ୍ଜଳି ପାଲ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କିଶୋର ମହାନ୍ତି, ପୀତାମ୍ବର ଲେଙ୍କା, ଚିତ୍ତ ରଂଜନ ପଟ୍ଟନାୟକ, ବିଦ୍ୟାଧର ସାହୁ, ଏମ୍‌କେ ସାଇ, ମଙ୍ଗରାଜ ସେଠୀ, ରବୀନ୍ଦ୍ରନାଥ ମହାନ୍ତି, ନିର୍ମଳେନ୍ଦୁ ଗୁପ୍ତା, ନାରାୟଣ ଦାସ ଓ ସେଖ୍ ରାଜେନ୍ ଜାନ୍ ।

## ||||||||||||||||||||| ରାଜଧାନୀରେ ପଥପ୍ରାନ୍ତ ଶିଶୁ କ୍ରୀଡ଼ା ଉତ୍ସବ |||||||||||||||||||||

# ନିଜ ସଂଘର୍ଷର କାହାଣୀ ଶୁଣାଇ ପିଲାମାନଙ୍କୁ ଉତ୍ସାହିତ କଲେ ପ୍ରମୋଦ ଭଗତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରଥମ ଥର ପାଇଁ ରାଜଧାନୀରେ ନିଆରା ଭାବେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନର ପଥପ୍ରାନ୍ତ ଶିଶୁଗଣ ଭାଗନେଇ ବେଶ୍ ଉତ୍ସାହିତ ହୋଇଥିବାର ନଜିର ଦେଖିବାକୁ ମିଳିଛି । ସ୍ୱେଚ୍ଛାସେବୀ ସଂଗଠନ ଆଶାଏଁ ଏହି କାର୍ଯ୍ୟକ୍ରମକୁ ପ୍ରୋସେସିଓ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଫେଡେରେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜନ କରିଥିଲା । ଏହାର ଉଦ୍‌ଘାଟନୀ ଉତ୍ସବରେ ଖ୍ୟାତନାମା ବ୍ୟାଡମିଣ୍ଟନ ଖେଳାଳି ତଥା ପାରା–ଅଲମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟ ଉଦ୍‌ଘାଟକ ଭାବେ ଯୋଗଦେଇ ନିଜ ସଂଘର୍ଷ କାହାଣୀ ମାଧ୍ୟମରେ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ଏହି ପିଲାମାନଙ୍କ ପାଇଁ ପ୍ରଶିକ୍ଷଣ ସୁଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ମନ୍ଦାକିନୀ କର ପ୍ରତିଟି ପିଲାମାନଙ୍କ ପାଖରେ ଭରି ରହିଥିବା ପ୍ରତିଭାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଦର୍ଶାଇଥିଲେ। ମଦର୍ସ ପବ୍ଲିକ୍ ସ୍କୁଲ୍ ପ୍ରତିଷ୍ଠାତା ପଲି ପଟ୍ଟନାୟକ ପିଲାମାନଙ୍କ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ ପିଲାମାନଙ୍କୁ ଜଣେ ଜଣେ ଭବିଷ୍ୟତ ଖେଳାଳି ଭାବେ ଦେଶ ଓ ଜାତି ପାଇଁ ଗୌରବ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ । ଖ୍ୟାତନାମା ଡାକ୍ତର ଡଃ ସୋମନାଥ ମୁଖାର୍ଜୀ ପିଲାମାନଙ୍କୁ ଖେଳର ଉପକାରିତା ବୁଝାଇବା ସହ ଜୀବନରେ ବଡ ଲକ୍ଷ୍ୟ ରଖିବା ପାଇ ଉପଦେଶ ଦେଇଥିଲେ । ଆଶାଏଁର ମାର୍ଗଦର୍ଶକ ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ ପିଲାମାନଙ୍କୁ ସଙ୍କୋଚତାର ସହ ଖେଳିବା ପାଇଁ ଉତ୍ସାହିତ କରିଥିଲେ । ଆଶାଏଁର ଅଧ୍ୟକ୍ଷ



ରତ୍ନାକର ସାହୁ ଅତିଥି ସ୍ୱାଗତ ସହ ଆଶାଏଁର ପ୍ରୟାସ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଓଡ଼ିଶା ତଥା ରାଜଧାନୀ ଭୁବନେଶ୍ୱର ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିରେ ସମୃଦ୍ଧ ହୋଇଥିବା ବେଳେ ହକି ବିଶ୍ୱକପ୍ ଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି । କିନ୍ତୁ ଏହି ଭିତ୍ତିଭୂମିର ସୁଫଳ ଉଠାଇବା ଏହିଭଳି ପିଲାମାନଙ୍କ ପାଇଁ ଏକ ସ୍ୱପ୍ନ ସଦୃଶ୍ୟ ଅଟେ । ଆଶାଏଁ ଅନୁଷ୍ଠାନ ତରଫରୁ ଦୀର୍ଘ ଦଶବର୍ଷ ଧରି ଏହିଭଳି ପଥପ୍ରାନ୍ତ ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ନିରବଚ୍ଛିନ୍ନ ପ୍ରୟାସ ଜାରି ରହିଛି । ଖେଳ କେବଳ ପୁରସ୍କାର ପାଇବା ନୁହେଁ ବରଂ ଜୀବନ କୌଶଳ ସହ ଏକ ଶୃଙ୍ଖଳିତ ଚରିତ୍ର ଗଠନ ନିମନ୍ତେ ବେଶ୍ ଉପାଦେୟ ହୋଇଥିବାରୁ, ଏବର୍ଷ ପ୍ରଥମ ଥର ପାଇଁ କ୍ରୀଡ଼ା ଉତ୍ସବ ଆୟୋଜନ ହୋଇଥିଲା । ଏହାର ଆୟୋଜନ ମଧ ବେଶ୍ ରୋଚକ ହୋଇଥିଲା । ପିଲାମାନଙ୍କ ଖେଳିବା ପାଇଁ ପରିତ୍ୟକ୍ତ ହୋଇ ପଡିଥିବା ୟୁନିଟ୍–୨ ପୁରୁଣା ପ୍ରାଥମିକ ବିଦ୍ୟାଳୟର ପଡିଆକୁ ପିଲାମାନଙ୍କ ମାଆମାନେ ପ୍ରାୟ ଏକ ସପ୍ତାହ ଧରି ସଫା କରି ଖେଳ ଉପଯୁକ୍ତ ପରିବେଶ ସୃଷ୍ଟି କରିଥିଲେ । ଆଶାଏଁ ଅନୁଷ୍ଠାନର ସହଯୋଗୀ ସଂସ୍ଥା ଓ ଶୁଭେଚ୍ଛୁ ମାନଙ୍କର ପ୍ରୋତ୍ସାହନରେ ଆୟୋଜିତ କ୍ରୀଡ଼ା ଉତ୍ସବ ନିଆରା ପରିବେଶ ତିଆରି କରିଥିଲା । ପ୍ରଥମ ଥର ପାଇଁ ଉପଯୁକ୍ତ ପରିବେଶରେ ଖେଳିବାର ସୁଯୋଗ ପାଇ ପିଲାମାନେ ବେଶ୍ ଖୁସି ହୋଇଥିଲେ । ଉପ–କନିଷ୍ଠ, କନିଷ୍ଠ, ବରିଷ୍ଠ ବର୍ଗରେ ଚାମଚ ଲେମ୍ବୁ ଦୌଡ଼, ଗଣିତ ଦୌଡ଼, ଡିସ୍କସ୍, ଷଟ୍‌ପୁଟ୍, ରିଲେ ରେସ୍ ଇତ୍ୟାଦିରେ ପିଲାମାନେ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ହସ୍ପିଟାଲ୍ ପ୍ରତିଷ୍ଠାତା ଶାଲିନି କୋଥକୋଣ୍ଡା, ଖ୍ୟାତନାମା ବୈଜ୍ଞାନିକ ଡ. ଲିଟନ୍ ମଜୁମ୍‌ଦାର୍ ଓ ଡ଼. ଅନନ୍ୟା ଦାସଗୁପ୍ତା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଓଡ଼ିଶା ଫୁଟ୍‌ବଲ୍ ଏକାଡେମୀର ଖେଳାଳିମାନେ ପିଲାମାନଙ୍କ ସହ ମିଶିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଶ୍ରୀ ହସ୍ପିଟାଲ୍ ତରଫରୁ ଆଶୁ ଚିକିତ୍ସା ସହାୟତା ଦେଇଥିବା ବେଳେ M3M ଫାଉଣ୍ଡେସନ୍ ଓ we4you ସହଯୋଗ କରିଥିଲେ । ପ୍ରୋସେସିଓର ଅଧିକାରୀ ସିନି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଖ୍ୟାତନାମା ବାସ୍କେଟ୍ ବଲ୍ ପ୍ରଶିକ୍ଷକ ଅରୁଣ କୁମାର ମିଶ୍ର ଓ ସାଥିମାନେ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ । ପରିଶେଷରେ ଆଶାଏଁର ସହ ପ୍ରତିଷ୍ଠାତା ସଂଗ୍ରାମ ରାଉତରାୟ ସମସ୍ତ ଅତିଥି, ସହଯୋଗୀ, ସ୍ୱେଚ୍ଛାସେବୀ ଓ ସଂଗଠନ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲିକଙ୍କ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଜନପ୍ରିୟ ନେତା ତଥା ପୂର୍ବତନ ମନ୍ତ୍ରୀ, ରାଜ୍ୟ ଯୋଜନା ବୋର୍ଡର ସଭାପତି ସ୍ୱର୍ଗତ ପ୍ରହଲ୍ଲାଦ ମଲିକଙ୍କର ୯୬ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ପୌରାଞ୍ଚଳ ଅନ୍ତର୍ଗତ କଜଳା ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ବିଧାୟିକା ତଥା ସ୍ୱର୍ଗତ ମଲିକଙ୍କର ଝିଅ ଡ଼ଃ ସିପ୍ରା ମଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ପୂର୍ବତନ ବିଧାୟକ ଚିନ୍ମୟୀ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପ୍ରାକ୍ତନ ଅଧ୍ୟାପକ ଗିରିଶ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ପ୍ରଫୁଲ୍ଲ ଦାସ, ଯୁବ ନେତା ରାଜେଶ ପଣ୍ଡା, ଶିକ୍ଷକ ଶୁଭ୍ରାଂଶୁ ଦାସ, ରଶ୍ମି ରଞ୍ଜନ ଚୌଧୁରୀ, ମିର୍ ଜୁମା, ମିର୍ ମୁରସିଦ୍ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମଲିକଙ୍କ ସ୍ମୃତି ଚାରଣ ସହ କେନ୍ଦ୍ରାପଡା ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

# ପ୍ରଦୂଷଣ ଦୂରୀକରଣ ଉପରେ ସୋଆରେ ନୂତନ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୃଥିବୀରେ ପ୍ରଦୂଷଣ ଦୂରୀକରଣ ନିମନ୍ତେ ଅନେକ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ କରାଯାଉଛି । ମାତ୍ର ଏଗୁଡ଼ିକ ଅତ୍ୟଧିକ ବ୍ୟୟସାପେକ୍ଷ । ଏହାଛଡ଼ା ଏହି ପଦ୍ଧତିଗୁଡ଼ିକ ବ୍ୟବହାର କରିବା ଫଳରେ ପ୍ରଦୂଷଣ ବୃଦ୍ଧି ପାଇବା ମଧ ଲକ୍ଷ୍ୟ କରାଯାଉଛି । ମାତ୍ର ଗବେଷକମାନେ ଅନୁଭବ କରୁଛନ୍ତି ଯେ ଉଦ୍ଭିଦକୁ ବ୍ୟବହାର କରି 'ଫାଇଟୋରେମେଡିଏସନ୍' ନାମକ ପଦ୍ଧତି ଏହି ପ୍ରଦୂଷଣ ଦୂରୀକରଣରେ ସାହାଯ୍ୟ କରିପାରିବ । ଏହି ପଦ୍ଧତି ଅଧିକ ଲାଭଦାୟକ ହେବ ବୋଲି ସେମାନେ ମନେ କରୁଛନ୍ତି। ଏହି ପ୍ରସଙ୍ଗ ଉପରେ ଲିଖିତ ଏକ ପୁସ୍ତକ 'ସଷ୍ଟେନେବଲ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ଏନ୍‌ଭାଇରନ୍‌ମେନ୍‌ଟାଲ୍ ପଲ୍ୟୁଟାଣ୍ଟସ୍ ଥ୍ରୁ ଫାଇଟୋରେମେଡିଏସନ୍'କୁ ନିକଟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡକ୍ଟର ମନୋଜରଞ୍ଜନ ନାୟକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକଟି ୪ ଜଣ ଗବେଷକଙ୍କ ଦ୍ୱାରା ଅନୁଦିତ ହୋଇଛି । ଏହି ଗବେଷକଙ୍କ ମଧ୍ୟରୁ ସୋଆ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଛନ୍ତି । ସେମାନେ ହେଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ରିସର୍ଚ୍ଚ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଦତ୍ତାତ୍ରେୟ କର ଓ ସେଣ୍ଟର ଫର୍ ବାୟୋଟେକ୍ନୋଲଜିର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଅନନ୍ୟା କୁଅଁର । ଅନ୍ୟ ଦୁଇଜଣ ଗବେଷକ ହେଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଆଲୋକ ପ୍ରସାଦ ଦାସ ଓ ଗବେଷକ ଓ ଲେଖକ ଡକ୍ଟର ମଲିନ୍ ପି. ସାହ । ପୁସ୍ତକ ଉନ୍ମୋଚନ ବେଳେ ଡକ୍ଟର ଦତ୍ତାତ୍ରେୟ କର ଓ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ଉପସ୍ଥିତ ଥିଲେ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍‌–୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅଠ୬୮ଙ୍କ

**ତା୧୪।୧।୨୦୨୫, ମାଘ ଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୨୪।୩୬ **ଚନ୍ଦ୍ରୋଦୟ-** ସଂଘ ୫।୫୩।୦୮

**ପ୍ରତିପଦ-** ରାଘ ୩।୨୨ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ଦିଘ ୧୦।୪୮ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୩।୨୨ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୯ ଗତେ ଘ ୧୦।୫୦ ମଧ୍ୟେ । ଦିଘ ୪।୦୨ ଗତେ ଘ ୪।୩୯ ମଧ୍ୟେ । **ପର୍ବୋତ୍ସବ-** ମକର ସଂକ୍ରାନ୍ତି, ଗଙ୍ଗାସାଗର ମେଳା, ପୋଙ୍ଗଲ, ଉତ୍ତରାୟଣ ବନ୍ଦାପନା, ମାଘବ୍ରତ ଆରମ୍ଭ, ପ୍ରୟାଗରେ କୁମ୍ଭ ସ୍ନାନ, ବ୍ୟାସକବି ଫକିର ମୋହନ ଜୟନ୍ତୀ ।



**ମେଷ:** ବ୍ୟବସାୟରୁ ଆଶାନୁରୂପକ ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ଲାଭ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ । ମନ ଆନନ୍ଦ ରହିବ ।



**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ନୂତନ ବନ୍ଧୁ ଦର୍ଶନର ସୁଯୋଗ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**ମିଥୁନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ଧନ ଲାଭ ହେବ । ଗୃହେ ଆନନ୍ଦ ଦେଖାଦେବ। ମାଲିମୋକଦ୍ଦମାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ପରୋପକାରୀ ହେବେ ।



**କର୍କଟ:** ଆୟ ଠାରୁ ବ୍ୟୟର ପରିମାଣ ବୃଦ୍ଧି ପାଇବ । କର୍ମକ୍ଷେତ୍ରରେ ସଫଳତା ସହ ଶୁଭ ଖବର ପ୍ରାପ୍ତ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବାର ସୂଚନା ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା । ଦେହ ଓ ମନ ଭଲ ରହିବ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଶରୀର ସୁସ୍ଥ ରହିବ । ଅନେକ ଦିନର ଆଶା ପୂରଣ ହେବ । ଗୃହେ ସୁଖ ଶାନ୍ତି ଲାଭ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ମହିଳାମାନେ ସୁଖୀ ହେବେ ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଶତ୍ରୁନାଶ ହେବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଆୟର ପରିମାଣ ବଢ଼ିବ । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବାର ସୂଚନା ।



**ବିଛା:** ଦୂରକୁ ଯାତ୍ରା କରି କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।



**ଧନୁ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ଘରେ ଆନନ୍ଦ ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ହଠାତ୍ ଶୁଭ ଖବର ପାଇପାରନ୍ତି । ଧର୍ମ କାର୍ଯ୍ୟ କରିପାରନ୍ତି ।



**ମକର:** ଚାକିରୀ କ୍ଷେତ୍ରରେ ଭୁଲ୍ ବୁଝାମଣା ହୋଇପାରେ। ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନୀୟ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ଖର୍ଚ୍ଚ ବଢ଼ିବ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।



**କୁମ୍ଭ:** କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ । କଚେରି ମାମଲାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ଭ୍ରମଣ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅଠ୬୮ଙ୍କ

**ତା୧୫।୧।୨୦୨୫, ମାଘ ଦି୨ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୬।୨୪।୪୦ **ଚନ୍ଦ୍ରୋଦୟ-** ସଂଘ ୬।୫୨।୧୦

**ଦ୍ୱିତୀୟା-** ରାଘ ୩।୨୪ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ଦିଘ ୧୦।୩୦ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୩।୨୪ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୫ ମଧ୍ୟେ । ଦିଘ ୧।୪୬ ଗତେ ଘ ୪।୪୦ ମଧ୍ୟେ । **ପର୍ବୋତ୍ସବ-** ରାଜାଭିଷେକ, ପୁଷ୍ୟାଭିଷେକ, ଭାରତୀୟ ସେନା ଦିବସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୬୪୫.୬ ବିଲିଅନ ଡଲାରରେ ପହଞ୍ଚିବ

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪–୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍‌ସି)ରେ ସଭରେନ୍ ଗ୍ରିନ ବଣ୍ଡ୍ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ଼ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି।

ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**‘ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା’**
**କ୍ଷୀରବ୍ଧୀ ତନୟା ରମା ।’**


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାୟସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

## କଥା ନିରବଧି

# ପ୍ରଶାସନିକ ଶୃଙ୍ଖଳା ଓ ସ୍ଥାନାନ୍ତର



ଡ. ନିରଞ୍ଜନ ସାହୁ
ମୋ : ୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ବରିଷ୍ଠ ଅଧିକାରୀ)

ପ୍ରଶାସନର ବିଭିନ୍ନ ସ୍ତରରେ କାମ କରୁଥିବା ଲୋକମାନଙ୍କ ପାଇଁ ଅନେକ ଆଇନ କାନୁନ ରହିଛି । ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ ପର୍ଯ୍ୟନ୍ତ ଅନେକ ପ୍ରସ୍ଥ ରହିଛି କର୍ମଚାରୀ ଓ ଅଧିକାରୀଙ୍କ ଶ୍ରେଣୀକରଣରେ। ହେଲେ ପ୍ରାୟ ସବୁ ସ୍ତରୀୟ କର୍ମଚାରୀଙ୍କ ପାଇଁ ବଦଳି ନିୟମ ରହିଛି । ପ୍ରଶାସନିକ ଶୃଙ୍ଖଳା ଏହାଦ୍ୱାରା ରକ୍ଷାହୁଏ । ଯଦି ଜଣେ କର୍ମଚାରୀ ଗୋଟିଏ ସ୍ଥାନରେ ବହୁଦିନ କାର୍ଯ୍ୟ କରନ୍ତି, ତାହେଲେ ସେ ନିରପେକ୍ଷ ରହିବା କଷ୍ଟକର ହୋଇପଡ଼େ । ତାଛଡ଼ା ଏହାଦ୍ୱାରା କର୍ମଚାରୀଙ୍କର କର୍ମପ୍ରେରଣା କମିଯାଏ। ବଦଳି କରିବା ସରକାରଙ୍କର ଇଚ୍ଛାଧୀନ କ୍ଷମତା; ମାତ୍ର ତାହାକୁ ସାର୍ବଜନୀନ କରିବା ପାଇଁ କିଛି ନୀତି ଅନୁସରଣ କରାଯାଇଥାଏ। ଓଡ଼ିଶା ସରକାର ବଦଳି ବିଷୟରେ ଯେଉଁ ମୁଖ୍ୟ ନିର୍ଦ୍ଦେଶନାମା ଜାରି କରିଛନ୍ତି ତାହାକୁ ସାଧାରଣତଃ ବୁକ୍ ସର୍କୁଲାର ୪୨ (ବୟାଳିଶ) ବୋଲି କୁହାଯାଇଥାଏ ।

ସାଧାରଣ ଭାବରେ ଜଣେ କର୍ମଚାରୀ ଗୋଟିଏ ସ୍ଥାନରେ ତିନିବର୍ଷ ରହିଲେ ତାଙ୍କର ବଦଳି ହେବା ଦରକାର ବୋଲି ନୀତି ନିର୍ଦ୍ଧାରଣ କରାଯାଇଛି; ମାତ୍ର ଏହି ନିୟମ ସଚରାଚର କଡ଼ାକଡ଼ି ଭାବରେ ପାଳନ କରାନଯାଇ ସେଥିରେ ବହୁ ବ୍ୟତିକ୍ରମ ଦେଖାଯାଇଥାଏ। ସରକାରୀ ଭାବରେ କୌଣସି କ୍ୟାଡ଼ରର ନିର୍ଦ୍ଦିଷ୍ଟ ସ୍ତରୀୟ ଚାକିରିଆମାନେ ଆଇନତଃ ସବୁ ସମାନ; ମାତ୍ର କିଏ ଦୁଧିଆଳୀ ବିଭାଗ ପାଇବ ଆଉ କିଏ ରାଜଧାନୀଠାରୁ ବହୁ ଦୂରକୁ ସ୍ଥାନାନ୍ତରିତ ହେବ, ତାହା ସରକାରଙ୍କ ଇଚ୍ଛାଧୀନ ବ୍ୟାପାର ହୋଇଥିବାରୁ ସରକାରଙ୍କ ଗେହ୍ଲାପୁଅମାନେ ସବୁବେଳେ ତାଙ୍କ ନିଜ ସୁବିଧାଜନକ ସ୍ଥାନରେ ଅବସ୍ଥାପିତ ହେଉଥିବାବେଳେ କିଛି ନିରୀହ କର୍ମଚାରୀ ଓ ଅଧିକାରୀ ଅସୁବିଧାରେ ପଡ଼ିଥାନ୍ତି। ଏହା ଅନେକ ସମୟରେ ପ୍ରଶାସନିକ ବିଶୃଙ୍ଖଳା ସୃଷ୍ଟି କରେ। ପ୍ରଚଳିତ ଆଇନର ବିରୋଧାଚରଣ କରି କରାଯାଉଥିବା ବଦଳି କିପରି କାର୍ଯ୍ୟକାରୀ ନ ହେବ, ସେଥିପାଇଁ ବଦଳି ଦ୍ୱାରା ଅସୁବିଧାରେ ପଡୁଥିବା ଲୋକେ ନ୍ୟାୟାଳୟରେ ଆଶ୍ରୟ ନିଅନ୍ତି, ଆଉ ନ୍ୟାୟାଳୟ ଥରେ ‘ଷ୍ଟେ ଅର୍ଡ଼ର’ ଜାରି କଲେ ତାହା କେବେ ପୁନର୍ବାର ପ୍ରତ୍ୟାହୃତ ହେବ, ସେକଥା ସ୍ୱୟଂ ନ୍ୟାୟାଧୀଶଙ୍କୁ ବି ଜଣା ନଥାଏ, ବିଶେଷତଃ ସେମାନେ ଦୈନିକ ଏତେ ମାମଲାରେ ‘ଷ୍ଟେ ଅର୍ଡ଼ର’ ଜାରି କରନ୍ତି ଯେ, ପ୍ରତି ମାମଲାକୁ ନିରୀକ୍ଷଣ କରିବା ପାଲଟେ କାଠିକରପାଠ। ଅଧିକରୁ ଅଧିକ କ୍ଷେତ୍ରରେ ‘ବଦଳି ସ୍ଥଗିତ’ ଆଦେଶ ଦେଇ ପ୍ରଶାସନକୁ ଅସୁବିଧାରେ ପକାଉଥିବା ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲକୁ ରଦ୍ଦ କରି ପୂର୍ବତନ ସରକାର ପ୍ରମାଣ କରି ଦେଇଛନ୍ତି – “ମୂଳୁ ମାଇଲେ ଯିବ ସରି....” ଅବଶ୍ୟ ଆଇନଗତ ଲଢ଼େଇରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କର ଏଇ ପଦକ୍ଷେପକୁ ଗ୍ରହଣ କରିଛନ୍ତି।”

ଆଜକୁ ପ୍ରାୟ ଷାଠିଏ-ସତୁରୀ ବର୍ଷ ତଳେ ପଞ୍ଜାବରେ ଘଟିଥିବା ଘଟଣାଟିଏ ମନେ ପଡୁଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ପଦାସୀନ ହେବାର ମାସମାସ ବିତିଗଲାପରେ ବି ଦେଖିଲେ ଯେ ତାଙ୍କ ନିକଟକୁ କିଛି ବଦଳି ଫାଇଲ ଆସୁନାହିଁ । ସେ ନିଜର ମୁଖ୍ୟ ଶାସନ ସଚିବଙ୍କୁ ଡାକି କହିଲେ – କାହିଁକି ଏପରି ହେଉଛ? ମୁଖ୍ୟ ଶାସନ ସଚିବ କହିଲେ, ସାର୍, ବଦଳି ଗୋଟିଏ ମାମୁଲି କାମ । ତେଣୁ ସେପରି ଛୋଟ ଛୋଟ କାମରେ ଆପଣଙ୍କ ସମୟର ଅପଚୟ କରୁନାହୁଁ । ମୁଖ୍ୟମନ୍ତ୍ରୀ କହିଲେ ମୁଁ ତାହେଲେ ଏତେ ଫାଇଲ ଦସ୍ତଖତ କରୁଛି, ସେଗୁଡ଼ାକ କଣ ଫାଇଲ ଯେ! ମୁଖ୍ୟ ସଚିବ କହିଲେ, ସେଗୁଡ଼ାକ ହେଉଛି ପ୍ଲାନ ଓ ପଲିସି ସଂକ୍ରାନ୍ତୀୟ ଫାଇଲ । ମୁଖ୍ୟମନ୍ତ୍ରୀ ତହୁଁ କହିଲେ, ହଉ ଆଜିଠାରୁ ଏଇ ପ୍ଲାନ ଓ ପଲିସି ସଂକ୍ରାନ୍ତ, ଫାଇଲ ସବୁ ଆପଣ କରନ୍ତୁ, ମୋ ପାଖକୁ କେବଳ ବଦଳି ଫାଇଲ ପଠାନ୍ତୁ ।

ଯେ କଥା ବଖାଣିବାର ଅର୍ଥ ହେଉଛି, ସେତେବେଳେ ନେତାମାନଙ୍କର ଲଜ୍ଜାବୋଧ ଅଧିକ ଥିଲା ଏବଂ ସେମାନେ ଏତେ ଚତୁର ହୁଏ ନଥିଲେ; ମାତ୍ର ଆଜିକାଲି ସେମାନେ କ୍ଷମତା ଗାଦିରେ ବସିବା ବେଳକୁ ତାଙ୍କର ପ୍ରାଥମିକତା ହେଉଛି ବଦଳି କରିବା । ଯଦି ସର୍ବୋଚ୍ଚ ଶାସକ ସ୍ଥାନାନ୍ତର କରିବା କ୍ଷମତା ନିଜଠାରେ ରଖିବେ ନାହିଁ ତାହେଲେ ଅମଲାମାନଙ୍କୁ ନିୟନ୍ତ୍ରଣ କରିବା ହୋଇପଡ଼ିବ ମୁସ୍କିଲ, ଏହି ଧାରଣା ଏବେ ବଦ୍ଧମୂଳ।

ଆପଣ ଯଦି ମଝିରେ ମଝିରେ ଖବରକାଗଜରେ ପ୍ରକାଶିତ ହେଉଥିବା ବନ୍ଧନୀମାର୍କା ସମ୍ବାଦ ପ୍ରତି ଦୃଷ୍ଟି ପକାଉଥିବେ ତାହେଲେ ଆପଣଙ୍କ ନଜର ମଝିରେ ମଝିରେ ପଡୁଥିବ ହରିଆନା କ୍ୟାଡ଼ରରେ ଅବସ୍ଥାପିତ ହୋଇଥିବା ଆଇ.ଏ.ଏସ୍ ଅଫିସର ଶ୍ରୀଯୁକ୍ତ ଖେମକାଙ୍କ ଉପରେ । ଏହି ମହାଶୟଙ୍କ ଚାକିରି ଜନ୍ମକୁଣ୍ଡଳୀରେ କଣ ଅସୁବିଧା ଅଛି ନିଶ୍ଚୟ, କାରଣ ତାଙ୍କର ତେତିଶ ବର୍ଷ ଚାକିରିରେ ପ୍ରାୟ ସତସ୍ତରୀ ଥର ବଦଳି ଆଦେଶ ପାଇଛନ୍ତି ସେ । ଆଗ କାଳରେ ପୁଲିସ ଚାକିରିରେ ଏତେ ବଦଳି ହେଉଥିଲା ଯେ, କୁହାଯାଉଥିଲା ତାଙ୍କ ହାଣ୍ଡିରେ କଳା ଲାଗିବା ଆଗରୁ ତାଙ୍କ ନୂଆ ଜାଗାକୁ ବଦଳି ହୋଇଯାଏ । ଅବଶ୍ୟ କାଠଚୁଲି ବ୍ୟବସ୍ଥା ଆଜିକାଲି ଏତେ କମିଗଲାଣି ଯେ ଏଇ ରୂଢ଼ି ପ୍ରୟୋଗ ବି ଆପେ ଆପେ ଅଦରକାରୀ ହୋଇ ପଡ଼ିଲାଣି; ମାତ୍ର ବାରମ୍ବାର ବଦଳି ସାମ୍ନା କରୁଥିବା ଲୋକଟି କେତେ ହନ୍ତସନ୍ତ ହେଉଥିବ ଆପଣ ଅନୁଭବୀ ନ ହୋଇଥିଲେ ବି ଅନୁମାନ କରିପାରନ୍ତି। ସଂପୃକ୍ତ ଅଫିସରଙ୍କର ପିଲାମାନଙ୍କର ସାଙ୍ଗଟିଏ ବି ନଥାଏ । ସାଙ୍ଗର ନାଁ ଠିକ୍ ଭାବରେ ମନେ ରଖୁରଖୁ ବାପାଙ୍କର ବଦଳି ଖବର ଆସେ । ତରୁଣ ବୟସରେ ତାଠାରୁ ଆଉ କଣ ଅଧିକ ଦଣ୍ଡ ଥାଇପାରେ । ଥରେ ଜଣେ ବାପାଙ୍କୁ ତାଙ୍କର ସ୍କୁଲଶିକ୍ଷା ଶେଷ କରିଥିବା ପୁଅଟି କହିଲା, ବାପା, ତମେ ସିନା ଗୋଟିଏ ସ୍କୁଲରେ ମାଧ୍ୟମିକ ଶିକ୍ଷା ଶେଷ କରିଥିଲ ବୋଲି ଅନେକ ସମୟରେ ଝୁରି ହେଉଛ? ମୁଁ ତିନିବର୍ଷ ମାତ୍ର କଟେଇବା ଭିତରେ ଛଅଟା ସ୍କୁଲ ବଦଳି କରିଛି । କେଉଁଟା ମୋ ସ୍କୁଲ ତାହା କହିବି? ବାହାରୁ କୌତୁକିଆ ଲାଗିପାରେ କଥାଟି । ହେଲେ କେତେ ମର୍ମଭେଦୀ ଏହାର ଭିତିରି କଥା ମନେ ମନେ ଭାବନ୍ତୁ ପାଠକେ!

ବଦଳି କରୁଥିବା ବ୍ୟକ୍ତି ଓ ବଦଳି ହେଉଥିବା ବ୍ୟକ୍ତିବିଶେଷ ଭିତରେ ଭାବଗତ ସମ୍ପର୍କ କେବେ ବି ନଥାଏ କହିଲେ ଚଳେ । ଏଥିରେ ହେଉଥିବା ଇଚ୍ଛାଧୀନ କ୍ଷମତାକୁ ଉଦାରତାର ଏପରି ସ୍ତରକୁ ନେଇ କିଛି ଅଧିକାରୀ ବଦଳି ଆଦେଶ ବାହାର କରନ୍ତି ଯାହା ବହୁ ପରିବାରକୁ ଆର୍ଥିକ କ୍ଷତିରେ ପକେଇବା ସହିତ ମାନସିକ ସନ୍ତୁଳନ ବିଗାଡ଼ି ଦିଏ । ବାରମ୍ବାର ବଦଳି ହେଲେ ପରିବାରଟିର ଚେର ବାରମ୍ବାର ଗଛକୁ ଚେର ଧରିବା ଆଗରୁ ଓପାଡ଼ି ରୋଇଲେ ଯାହାହୁଏ ଠିକ୍ ସେହିପରି । ଭାରତ ପରି ଏକ ଗଣତାନ୍ତ୍ରିକ ଦେଶରେ ବଦଳି କେବଳ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂପାଦିତ ହୁଏ ନାହିଁ । ଏଥିରେ କ୍ଷମତାସୀନ ଦଳର ଦଲାଲମାନେ ହାତ ଚିକ୍‌କଣ କରନ୍ତି । ଫଳହୁଏ ଏଇଆ ଯେ, ବଦଳି ଏକ କାରଖାନା ପାଲଟି ଯାଏ, ବଦଳି ଋତୁ ପାଲଟି ଯାଏ ସବୁ ଋତୁ ଆଉ ସରକାରୀ ଚାକିରିଆଟିଏ ସବୁବେଳେ ଭୟରେ ସମୟ କଟେଇବ କିମ୍ବା ଅଶାନ୍ତିରେ । ପବନ ଯେମିତି ମେଘକୁ ନିଜର ଇଚ୍ଛା ଅନୁସାରେ ଉଡ଼େଇ ନେଇଯାଏ, ସେଇମିତି ରାଜନୈତିକ ଦୃଷ୍ଟିକୋଣରୁ ବଦଳି ହୁଏ, କୌଣସି ପ୍ରଶାସନିକ ଅସଙ୍ଗତି ନଥାଇ । ବଦଳି ହେବା, ବଦଳି ଆଦେଶ ରଦ୍ଦ ହେବା କିମ୍ବା ସଂଶୋଧିତ ହେବା ଭଳି ବ୍ୟାପାରରେ ପେଶି ହୋଇ ବହୁ କର୍ମଚାରୀ ନିଜର ସ୍ୱାଭାବିକ ଦକ୍ଷତା ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି।

କଥାରେ ଯାହା କୁହାଯାଏ, ପୃଥିବୀର ସବୁଠାରୁ ବଡ଼ ନିୟମ ହେଉଛି ପରିବର୍ତ୍ତନ ଆଉ ଚାକିରି କରୁଥିବା ବ୍ୟକ୍ତିଟି ବା କିପରି ଏପରି ସାର୍ବଜନୀନ ନିୟମକୁ ଉଲ୍ଲଙ୍ଘନ କରିବ! ପ୍ରଶାସନିକ ଶୃଙ୍ଖଳା ରକ୍ଷା କରିବା ପାଇଁ ବଦଳି ହେବା ନିହାତି ଜରୁରୀ; ମାତ୍ର ରାଜନୈତିକ ହସ୍ତକ୍ଷେପ, କର୍ତ୍ତୃପକ୍ଷଙ୍କ ଇଚ୍ଛାଧୀନ କ୍ଷମତାର ବାରମ୍ବାର ଦୁରୁପଯୋଗ ବହୁ ବିଶୃଙ୍ଖଳା ସୃଷ୍ଟି କରୁଛି, ସେ କଥା ନିହାତି ସତ । ଶାସନକଳକୁ ଲୋକାଭିମୁଖୀ କଲାବେଳେ ଏହାକୁ ଧ୍ୟାନ ଦେବା ଜରୁରୀ ।

# ୨୦୨୫ : (B)ବିଟା ଯୁଗର ଆରମ୍ଭ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍–୧/ ୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ପୃଥିବୀରେ ମାନବ ଇତିହାସର ବିଗତ ୨୦୦ ବର୍ଷରେ ଅନେକ ଘଟଣା ବହୁଳ ପରିବର୍ତ୍ତନ ଆସିଛି। ସାରା ବିଶ୍ୱ ରାଜତନ୍ତ୍ର ବାଦରୁ ଧିରେ ଧିରେ ଗଣତନ୍ତ୍ର ବାଦି ହେବାରେ ଲାଗିଛି। ଅସ୍ତ୍ର–ଶସ୍ତ୍ର ଠାରୁ ଭୂତାଣୁ ପର୍ଯ୍ୟନ୍ତ ଯୁଦ୍ଧ ଓ ସଂଘର୍ଷର ରୂପ ବଦଳିଛି। ରୋଗର ଚିକିତ୍ସାରୁ ନିରାକରଣ ଆଡେ ଆମର ଧ୍ୟାନ ଅଧିକ କେନ୍ଦ୍ରିଭୂତ ହେବାରେ ଲାଗିଛି। ଏହି ସବୁ ପରିବର୍ତ୍ତନ ଭିତରେ ମାନବ ସଭ୍ୟତା ମଧ୍ୟ ପିଢି ପରେ ପିଢି ବଦଳିବାକୁ ଲାଗିଛି।

ଆଜି ଯେତେ ବେଳେ ୨୦୨୪ ବର୍ଷର ଶେଷ ଓ ୨୦୨୫ ବର୍ଷର ଆରମ୍ଭର ଘଡିସନ୍ଧି ମୁହୂର୍ତ୍ତରେ ଆମେ ଅଛେ, ସେତେବେଳେ ଗୋଟିଏ ରୋଚକ କଥା ମନକୁ ଆସୁଛି। ବିଂଶ ଶତାବ୍ଦୀର ପ୍ରାରମ୍ଭ ୧୯୦୧ର ପରବର୍ତ୍ତୀ ସମୟରେ ଯେଉଁ ମାନେ ସବୁ ଜନ୍ମ ଗ୍ରହଣ କରିଥିବେ ସେମାନେ ଆଜି ଶତାୟୁ ହେବା ଦିଗରେ ଅଗ୍ରସର ଥିବେ କିମ୍ବା ହେଇ ସାରିଥିବେ। ଏହି ସମୟରେ ତାଙ୍କ ପିଢିର ପିଢିକୁ ଯଦି ଆକଳନ କରାଯାଏ ତେବେ ଆମେ ଜାଣି ପାରିବା ଯେ ପ୍ରାୟତଃ ବର୍ତ୍ତମାନ ୨୦୨୫ରେ ତାଙ୍କ ଆଗରେ ଅଷ୍ଟମ ପିଢି ଆଗମନ କରିବାକୁ ଯାଉଥିବ।

ବିଦେଶର ଅନେକ ସଂସ୍ଥା ଓ ମନୋବୈଜ୍ଞାନିକ ମାନେ ମାନବ ସଭ୍ୟତାରୁ ପିଢିକୁ ବିଗତ ୧୦୦ ବର୍ଷ ହେବ ୨୦–୨୫ ବର୍ଷ ବ୍ୟବଧାନରେ ବିଭାଜିତ କରି ଉକ୍ତ ପିଢିମାନଙ୍କ ବିଭିନ୍ନ ନାମ ଦେଇଛନ୍ତି। ଏପରି କରିବା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଯୁଗରେ ସାମ୍ପ୍ରତିକ ସମାଜର ପରିସ୍ଥିତି, ପରିବେଶ, ପରମ୍ପରା, ପ୍ରାଥମିକତା ଆଦି ଅନେକ କଥା ସନ୍ଦର୍ଶନ କରି ହେବ। ୧୯୦୧ରୁ ୧୯୨୬ ପିଢିକୁ “ଦ୍ ଗ୍ରେଟ୍‌ଷ୍ଟ” ବା ଶ୍ରେଷ୍ଠ ପିଢି ବୋଲି କୁହାଗଲା। ଏହି ପିଢିକୁ ଶ୍ରେଷ୍ଠ ଏଥିପାଇଁ କୁହାଗଲା କାରଣ ସେମାନେ ବିଶ୍ୱ ଯୁଦ୍ଧ, ମରୁଡି ଓ ମାନ୍ଦାବସ୍ଥା ଭଳି ଅନେକ ବଡ ବଡ ବିପତ୍ତି ସହ ସଂଗ୍ରାମ କରି ଏକ ରାଷ୍ଟ୍ର ନିର୍ମାଣ କରିଥିଲେ ବା ରାଷ୍ଟ୍ରକୁ ରକ୍ଷା କରିଥିଲେ। ୧୯୨୭ରୁ ୧୯୪୫ : ଏହି ପିଢିକୁ “ସାଇଲେଣ୍ଟ” ବା ‘ନୀରବ’ ପିଢି ବୋଲି କୁହାଗଲା। ବିଶ୍ୱ ଯୁଦ୍ଧ ଓ ମାନ୍ଦାବସ୍ଥା ସମୟରେ ବଢି ନିଜ ପିଢିକୁ ଆଗକୁ ନେଲା ବେଳେ ଏହି କାଳର ଲୋକମାନେ ମିତବ୍ୟୟ, ଶାନ୍ତ ଓ ସ୍ଥିର ସ୍ୱଭାବ ଯୁକ୍ତ ହେବାକୁ ଉତ୍ତମ ମନେ କରୁଥିଲେ। ୧୯୪୬ରୁ ୧୯୬୪ : ଏହି କାଳଖଣ୍ଡର ପିଢିକୁ “ବେବି ବୁମ୍‌ର” କୁହାଗଲା କାରଣ ୟା’ଙ୍କ କାଳରେ ସାରା ବିଶ୍ୱରେ ଜନ ସଂଖ୍ୟାର ଏକ ଦ୍ରୁତ ବୃଦ୍ଧି ଘଟିଲା। ବିଶ୍ୱଯୁଦ୍ଧ ପରର ଏହି ପିଢି ଆଜିକା ତିଥିରେ ବିଶ୍ୱର ୨ୟ ସର୍ବବୃହତ ପିଢି। ଏମାନେ ଦୀର୍ଘଜୀବି ହେବା ସହ ଆର୍ଥିକ ଭାବେ ଅଧିକ ସବଳ ଅଟନ୍ତି। ଜ୍ଞାନ ଓ ବିଜ୍ଞାନର ବିକାଶ ସହ ଏହି ପିଢିର ବୌଦ୍ଧିକ ଶାରିରୀକ ଓ ସାମାଜିକ ସ୍ଥିତି ଆଜି ଏମାନଙ୍କୁ ବିଶ୍ୱର ନେତୃତ୍ୱ ମଧ୍ୟ ଦେଇଛି।

୧୯୬୫ରୁ ୧୯୮୦ ସମୟର ପିଢି ପୂର୍ବ ପିଢି ମାନଙ୍କ ତୁଳନାରେ ଅଧିକ ସ୍ଥିର ହେବା ସହ ଏହି କାଳ ଖଣ୍ଡର ପିଲାମାନେ ଶିକ୍ଷାଗତ ଉନ୍ନତି ପ୍ରାପ୍ତ କରିଥିବା ବେଳେ ପିତା–ମାତା ଭାବେ ମଧ୍ୟ ପୂର୍ବ ପିଢି ତୁଳନାରେ ଏମାନେ ତାଙ୍କ ପିଲାର ସାମାଜିକ ଓ ଶିକ୍ଷାଗତ ଉନ୍ନତିରେ ଅଧିକ ମନୋନିବେଶ କରିଛନ୍ତି। ଏହି ପିଢିକୁ କୁହାଗଲା “ଜେନ୍ ଏକ୍ସ”।

୧୯୮୧ରୁ ୧୯୯୬ : ସମୟ ସହ ଶତାବ୍ଦୀର ପରିବର୍ତ୍ତନ ନିକଟ ହେଲା ବେଳକୁ ପିଢିର ନାମାଙ୍କନ ମଧ୍ୟ ଦୃଢ ଭାବେ ବଦଳିବାକୁ ଲାଗିଲା। ଏହି କାଳ ଖଣ୍ଡରେ ଜନ୍ମିତ ବ୍ୟକ୍ତି ଆଜି ତା’ର ୨ୟରୁ ୩ୟ ଦଶନ୍ଧି ବୟସରେ ଥିବ। ଏହି ପିଢି ହେଉଛି ଗୋଟିଏ ଦେଶର ସର୍ବବୃହତ ପିଢି । ବିଂଶ ଶତାବ୍ଦୀର ବାକି ପିଢି ମାନଙ୍କ ଠାରୁ ଏହି ‘ମିଲେନିଆଲ୍” ପିଢି ସଂମ୍ପୂର୍ଣ୍ଣ ଭାବେ ଭିନ୍ନ। ଏମାନଙ୍କ ମଧ୍ୟରେ ଅଦ୍ୱିତୀୟ ଉର୍ଜା ସହ ଏମାନେ ସକାରାତ୍ମକ ଚିନ୍ତାଧାରାବାଦି। ଏହି ପିଢିର ପିଲାମାନେ ମୁକ୍ତାଚିନ୍ତା ଧାରା ସହ ନିଜର ସନ୍ତାନ/ ପର ପିଢିକୁ ସଂକୁଚିତ ଭବିଷ୍ୟତଠୁ ଦୂରେଇ ରଖି ନିଜସ୍ୱ ଅସ୍ତିତ୍ୱକୁ ପ୍ରତିପାଦିତ କରିବାକୁ ଉତ୍ସାହ ଦେବା ସହ ଏକ ଅଧିକ ମୈତ୍ରୀପୂର୍ଣ୍ଣ ସମାଜ ଗଠନ ଦିଗରେ କାର୍ଯ୍ୟ କରିବେ।

୧୯୯୭–୨୦୦୯ ବିଂଶ ଶତାବ୍ଦୀରୁ ଏକବିଂଶ ଶତାବ୍ଦୀ ଆସିଥିବା ଏହି କାଳଖଣ୍ଡରେ ଜନ୍ମିତ ପିଢିକୁ ଆଜି “ଜେନ୍ ଜୀ” କୁହାଯାଉଛି। ଏହି ପିଢିର ସମୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଦୃଶ୍ୟମାନ ବିକାଶ ଏହି ପିଢିକୁ ସର୍ବାଧିକ ପ୍ରଭାବିତ କରିଛି। ମାତ୍ର ମହାମାରୀ କୋଭିଡ୍ ପରେ ଏହି ପିଢି ସୂଚନା ସହ ଆର୍ଥିକ ଓ ସାମାଜିକ ସୁରକ୍ଷା ଦିଗରେ ଏବେ ସଚେତନ।

୨୦୧୦ରୁ ୨୦୨୪ର ପିଢିକୁ “ଜେନ୍ ଆଲ୍‌ଫା” ବୋଲି କୁହାଯାଉଛି। ଏହି ପିଢିର ସବୁଠାରୁ ବଡ ପିଲାର ବୟସ ବର୍ତ୍ତମାନ ୧୪ ବର୍ଷ ହେଇଥିବ। ଏମାନେ “ମିଲେନିଆଲ୍” ପିଢିଙ୍କ ପିଲା ହୋଇଥିବାରୁ ପ୍ରଯୁକ୍ତି ବିଦ୍ୟାର ସର୍ବୋତ୍କୃଷ୍ଟ ପ୍ରଭାବ ଏଇ ମାନଙ୍କ ଉପରେ ଥିବ। ମାନବ ଇତିହାସର ଏହା ସର୍ବ ବୃହତ୍ତ ପିଢି ହେବ ବୋଲି ବିଶେଷଜ୍ଞ ମାନେ ମତ ପୋଷଣ କରୁଛନ୍ତି। ୨୦୨୪ ଶେଷ ଶୁଦ୍ଧା ଏହି କାଳଖଣ୍ଡରେ ୨ବିଲିୟନ୍ ପିଲା ଜନ୍ମ ହେଇଥିବାର ଅନୁମାନ ଅଛି। ଏହି ପିଢିର ନିଜ ପରିବାର ସହ ଘନିଷ୍ଠତା ଥିବ। ମାତ୍ର ସେଇ ପରିବାର ପରିଧି ସଂକୁଚିତ ହୋଇ ସାରିଥିବ। ଅତ୍ୟାଧୁନିକ ବିଚାରଧାରା ଯୁକ୍ତ ଏହି ପିଢିର ଭବିଷ୍ୟତ ବହୁଗାମୀ।

୨୦୨୫ରୁ ୨୦୩୯ ବର୍ତ୍ତମାନ ଆମେ ଯେଉଁ ପିଢିକୁ ଦେଖିବାକୁ ଯାଉଛେ ସେମାନେ ହେଲେ “ଜେନ୍ ବିଟା” ଜିଜ୍ଞାସା ଓ ପରିବର୍ତ୍ତନ ଏହି ପିଢିର ପ୍ରମୁଖ ପରିଚୟ ହେବେ। ଅତି ଅତ୍ୟାଧୁନିକ ପ୍ରଯୁକ୍ତି ସହ ବିବିଧତାର ସମ୍ମାନ ଏବଂ ଭବିଷ୍ୟଗାମି କାର୍ଯ୍ୟପନ୍ଥା ଏହି ପିଢିକୁ ଏକ ସଂମ୍ପୂର୍ଣ୍ଣ ଭିନ୍ନ ପିଢି କରି ଗଢି ତୋଳିବ। ଏକ ବିଂଶ ଶତାବ୍ଦୀର ଶୁଦ୍ଧ ପ୍ରଭାବ ଏହି ପିଢିରୁ ଦୃଶ୍ୟମାନ ହେବ। ଏହି ପିଢିର ପିଲାମାନେ “ନିଜସ୍ୱ ପଢା” ପ୍ରତି ଅଧିକ ଆକୃଷ୍ଟ ହେବେ। କୌଶଳିକ ଜ୍ଞାନ, ବୌଦ୍ଧିକ ଜ୍ଞାନ ଠାରୁ ଅଧିକ ଆବଶ୍ୟକ ହେବ। ଏହି ପିଢିରେ ମଣିଷ ଠାରୁ କୃତ୍ରିମ-ଜ୍ଞାନ’ର (Intelligence Artificial) ପ୍ରୟୋଗ ଅଧିକ ହେବ। ବିଂଶ ଶତାବ୍ଦୀର “ବେବି ବୁମ୍‌ମର” ଯେମିତି ସମାଜରେ ଯୁଗାନ୍ତକାରି ପରିବର୍ତ୍ତନ ଆଣିଥିଲେ ଏହି ପିଢି ମଧ୍ୟ ତାହା ଏକବିଂଶ ଶତାବ୍ଦୀରେ କରିପାରିବ ତେଣୁ ଏହି ନୂତନ ପିଢିର ଆଗମନରେ ଆମେ ଗୋଟିଏ କଥା ମନେ ରଖିବା ଉଚିତ ଯେ ପିଢିକ ପରେ ପିଢି ଜ୍ଞାନ ସହ ଅନୁଭବ ମଧ୍ୟ ବଢିଥାଏ। ତେଣୁ ଗୋଟିଏ ସମତଳ ସମାଜର ଗଠନ ଲାଗି ସର୍ବ କନିଷ୍ଠ ପିଢି ଓ ସର୍ବ ବରିଷ୍ଠ ପିଢି ଉଭୟ ଦାୟିତ୍ୱ ନେବା ଉଚିତ।

# ସଂକ୍ରାନ୍ତି ପୁରୁଷ ଫକୀର ମୋହନ



ରାଜସ୍ମିତା ବାରିକ୍
ନୀଳଗିରି, ବାଲେଶ୍ୱର

ଉତ୍କଳ ସାହିତ୍ୟ ଆକାଶରେ ଓଡିଆ ସାହିତ୍ୟରେ ଯେଉଁ ମହାନ ବ୍ୟକ୍ତିତ୍ୱ ଦେଖାଯାଆନ୍ତି ସେଥିମଧ୍ୟରୁ ଫକୀର ମୋହନ ସେନାପତି ଅନ୍ୟତମ । ଓଡ଼ିଆ ସାହିତ୍ୟକୁ ଆଗକୁ ନେବାରେ ତାଙ୍କର ପ୍ରଚେଷ୍ଟା ଓ ଉଦ୍ୟମ ପାଇଁ ଆଜି ସେ ଜନମାନସରେ ପରିଚିତ । ନିଜର ଲେଖାରେ ସେତେବେଳେ ସମାଜରେ ଥିବା ଅନ୍ଧ ବିଶ୍ୱାସ କୁସଂସ୍କାରକୁ ସୁନ୍ଦର ଭାବରେ ପ୍ରତିପାଦିତ କରିଛନ୍ତି । ଫକୀର ମୋହନ ସେନାପତି ଏକାଧାରରେ ଜଣେ କବି, ଲେଖକ, ଗାଳ୍ପିକ, ଔପନ୍ୟାସିକ ଏବଂ ସମାଜ ସଂସ୍କାରକ ଥିଲେ। ସେହି ମହାନ୍ ବ୍ୟକ୍ତିତ୍ୱଙ୍କ ଜନ୍ମ ୧୩ ଜାନୁଆରୀ ୧୮୪୩ ରେ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ହୋଇଥିଲା। ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ସ୍ୱର୍ଣ୍ଣ ଗର୍ଭା ତୁଳସୀ ଦେବୀଙ୍କ ପୁତ୍ର ଥିଲେ । ସେ ଯେତେବେଳେ ଏକ ବର୍ଷ ପାଞ୍ଚ ମାସ ବୟସ ରେ ଥିଲେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା । ଏହାର ମାତ୍ର ୧୪ ମାସ ପରେ ତାଙ୍କ ମାତାଙ୍କର ମଧ୍ୟ ମୃତ୍ୟ ହୋଇଥିଲା। ପିତା ମାତାଙ୍କ ମୃତ୍ୟ ପରେ ତାଙ୍କର ଲାଳନପାଳନ ତାଙ୍କ ଜେଜେମା କରିଥିଲେ । ଫକୀର ମୋହନଙ୍କ ଜନ୍ମ ଏବଂ ମୃତ୍ୟ ଏକ ଦିବ୍ୟ ସଂଯୋଗରେ ହୋଇଥିଲା । ମକର ସଂକ୍ରାନ୍ତିରେ ଜନ୍ମ ହୋଇଥିଲେ ମୃତ୍ୟୁ ମଧ୍ୟ ରଜ ସଂକ୍ରାନ୍ତି ହୋଇଥଲା।

> **ତାଙ୍କର ଉପନ୍ୟାସ ମାନଙ୍କ ମଧ୍ୟରେ ‘ଛ’ ମାଣ ଆଠ ଗୁଣ୍ଠ’, ‘ମାମୁଁ’, ‘ପ୍ରାୟଶ୍ଚିତ’ ଓ ‘ଲଛମା’ ଇତ୍ୟାଦି। ଏହି ଉପନ୍ୟାସ ମାନଙ୍କରେ ଫକୀର ମୋହନ ସେତେବେଳେ ଓଡ଼ିଶାର ସାମାଜିକ ଅବସ୍ଥାକୁ ନିଛକ ଭାବରେ ବର୍ଣ୍ଣନା କରିଛନ୍ତି । ଛ’ ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାର ମାନଙ୍କ ଦ୍ୱାରା ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋଇଛି । ତାଙ୍କର ଗଳ୍ପ ମାନଙ୍କ ମଧ୍ୟରେ ରେବତୀ ହିଁ ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପର ମାନ୍ୟତା ଲାଭ କରିଥିଲା। ସେହି ଗଳ୍ପଟିରେ ରହିଛି ଗୋଟିଏ ଛୋଟ ଝିଅ ରେବତୀର ପାଠ ପଢ଼ିବାର ପ୍ରବଳ ଇଚ୍ଛା ଓ ଏଥିରେ ବାଧକ ସାଜୁଥିଲା ଗ୍ରାମୀଣ ସମାଜର ଅନ୍ଧବିଶ୍ୱାସ ପୂର୍ଣ୍ଣ କଥା।**

ସେଥି ପାଇଁ ତାଙ୍କୁ ସଂକ୍ରାନ୍ତି ପୁରୁଷ ବୋଲି କୁହାଯାଏ।

ତାଙ୍କର ଉପନ୍ୟାସ ମାନଙ୍କ ମଧ୍ୟରେ ‘ଛ’ ମାଣ ଆଠ ଗୁଣ୍ଠ’, ‘ମାମୁଁ’, ‘ପ୍ରାୟଶ୍ଚିତ’ ଓ ‘ଲଛମା’ ଇତ୍ୟାଦି। ଏହି ଉପନ୍ୟାସ ମାନଙ୍କରେ ଫକୀର ମୋହନ ସେତେବେଳେ ଓଡ଼ିଶାର ସାମାଜିକ ଅବସ୍ଥାକୁ ନିଛକ ଭାବରେ ବର୍ଣ୍ଣନା କରିଛନ୍ତି । ଛ’ ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାର ମାନଙ୍କ ଦ୍ୱାରା ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋଇଛି । ତାଙ୍କର ଗଳ୍ପ ମାନଙ୍କ ମଧ୍ୟରେ ରେବତୀ ହିଁ ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପର ମାନ୍ୟତା ଲାଭ କରିଥିଲା। ସେହି ଗଳ୍ପଟିରେ ରହିଛି ଗୋଟିଏ ଛୋଟ ଝିଅ ରେବତୀର ପାଠ ପଢ଼ିବାର ପ୍ରବଳ ଇଚ୍ଛା ଓ ଏଥିରେ ବାଧକ ସାଜୁଥିଲା ଗ୍ରାମୀଣ ସମାଜର ଅନ୍ଧବିଶ୍ୱାସ ପୂର୍ଣ୍ଣ କଥା। ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି ଏଥିପାଇଁ ତା’ର ବିଦ୍ୟା ଅଧ୍ୟୟନକୁ ଦାୟୀ କରାଯାଇଛି । ‘ରେବତୀ’, ‘ପରି ତାଙ୍କର ଅନ୍ୟ ଗଳ୍ପ ଗୁଡିକ ହେଉଛି ରାଣ୍ଡି ପୁଅ ଅନନ୍ତା’, ‘ଡାକମୁନସୀ’ ଆଦି ଗଳ୍ପ ଚିର ସ୍ମରଣୀୟ। ତାଙ୍କର ଗଳ୍ପରେ ସମାଜରେ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ବର୍ଣ୍ଣନା କରିଛନ୍ତି। ତାଙ୍କ ଲେଖାରେ ସେ ସବୁ ଚରିତ୍ରକୁ ଜୀବନ୍ତ ଭାବରେ ବର୍ଣ୍ଣନା କରୁଥିଲେ।

ତାଙ୍କୁ ଓଡିଆ ସାହିତ୍ୟର ଜନକ ବୋଲି କୁହାଯାଏ । ଓଡ଼ିଆ ଭାଷାକୁ ଆଗକୁ ନେବାରେ ତାଙ୍କର ପ୍ରଚେଷ୍ଟା ଆଜିବି ଚିରସ୍ମରଣୀୟ । ପିଲାଟି ଦିନରୁ ଫକୀର ମୋହନ ମଧ୍ୟ ପାଠ ପଢ଼ିବାର ଅନୁମତି ପାଇ ନଥିଲେ। ବାଲ୍ୟକାଳରେ ବହୁତ ଅସୁସ୍ଥ ରହୁଥିଲେ ବୋଲି ବିଳମ୍ବରେ ପଢ଼ା ଆରମ୍ଭ କଲେ । ତାଙ୍କ ପାଖରେ ପଢ଼ିବାରେ ମଧ୍ୟ ଅର୍ଥ ବାଧକ ସାଜିଥିଲା। ସେ ଯେତେ ବିଦ୍ୟା ଅଧ୍ୟୟନ କଲେ ମଧ୍ୟ ସନ୍ତୁଷ୍ଟ ହେଉନଥିଲେ ।ଆହୁରି ଆଧିକ ଜ୍ଞାନ ପ୍ରାପ୍ତ କରିବାରେ ଲାଗୁଥିଲେ । ନିଜ ମାତୃଭାଷାରେ ପଢିବା ସହିତ ସେ ପାର୍ସୀ ଭାଷା ମଧ୍ୟ ଶିକ୍ଷା କରିଥିଲେ । ପିଲାଦିନେ ସେ ଶ୍ରମିକ ଭାବରେ ବାଲେଶ୍ୱରରେ ଥିବା ବନ୍ଦରରେ କାର୍ଯ୍ୟ କରୁଥିଲେ । ସେଠାରେ ସେ ବଙ୍ଗାଳୀ ଓ ସଂସ୍କୃତ ଭାଷା ମଧ୍ୟ ଶିଖିଥିଲେ । ବିଦ୍ୟା ଅଧ୍ୟୟନ ତାଙ୍କର ଏପରି ନିଶା ଥିଲା ତାଙ୍କ ଠାରେ ବହୁତ୍ ଅଭାବ ପରିସ୍ଥିତି ମଧ୍ୟ ଜିତି ପାରିନଥିଲା । ମୃତ୍ୟୁ ତାଙ୍କ ଶରୀରକୁ ଜୟ କରିଛି କିନ୍ତୁ ତାଙ୍କ କର୍ମ କୁ ନୁହଁ। ଆଜି ସେଇ ଯୁଗଜନ୍ମା ପୁରୁଷ ସମଗ୍ର ଓଡ଼ିଆ ଜାତି ନିକଟରେ ଅମର ହୋଇ ରହିଯାଇଛନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଜାନୁଆରୀ ୨୦୨୫ ମଙ୍ଗଳବାର





# ‘ଆମେ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ଆପଣେଇ ପାରିଲେ ଭାରତ ବିଶ୍ୱଗୁରୁ ମର୍ଯ୍ୟାଦା ପାଇବ’




**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ୨୫ତମ ବାର୍ଷିକ ପ୍ରତିଷ୍ଠା ସ୍ମାରକୀ ସମାରୋହ ଓ ନେତଉଡାଣ ଉତ୍ସବର ଅପରାହ୍ନ ଅଧିବେଶନ ଦିବା ୨ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହା ଆଧାତ୍ମିକ ସଭାରେ ସମିତିର ମୁଖ୍ୟ ପରିଚାଳକ ପ୍ର. ଭାଗୀରଥି ନନ୍ଦଶର୍ମା ଅଧକ୍ଷତା କରିଥିଲେ ।ମୁଖ୍ୟ ବକ୍ତା ଭାବରେ ଅଧାପକ ଡଃ ନନ୍ଦକିଶୋର ସାହୁ, ସମ୍ମାନୀତ ଅତିଥି ଭାବରେ କୃପାସିନ୍ଧୁ ନାୟକ, ଡଃ ଅନିଲ କୁମାର ଦାଶ, ଡଃ କୈଳାସ ଦାସ, ସୁଦର୍ଶନ ପାତ୍ର, ବାବୁଲା ଦାସ, କାହ୍ନୁଚରଣ ଦାସ, ସନାତନ ସାହୁ ପ୍ରମୁଖ ବକ୍ତାଗଣ ଯୋଗଦାନ କରି ନିଜ ନିଜ ବକ୍ତବ୍ୟ ରଖିଥିଲେ। ଶ୍ରୀଜଗନ୍ନାଥ ସାଂସ୍କୃତିକୁ ଆପଣେଇ ପାରିଲେ ଭାରତ ଦିନେ ନା ଦିନେ ବିଶ୍ୱଗୁରୁର ଅଖ୍ୟା ଲାଭ କରିପାରିବ ବୋଲି ଆଶା ରହିଛି। ଧର୍ମକୁ ନାପସନ୍ଦ କରୁଥିବା ପାଶ୍ଚାତ୍ୟ ରାଷ୍ଟ୍ର ଗୁଡ଼ିକରେ ଶ୍ରୀ ଜଗନ୍ନାଥ ମନ୍ଦିର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ଓଡ଼ିଶା ପାଇଁ ଏକ ଗର୍ବ ଗୌରବ ବିଷୟ ବୋଲି ବକ୍ତାଗଣ ନିଜ ବକ୍ତବ୍ୟରେ ସୂଚାଇଥିଲେ। ବୈଠକ ପ୍ରାରମ୍ଭରେ ସୁଶ୍ରୀକଣ୍ଠ ଶିଳ୍ପୀ ଶଶୀକଳା ମିଶ୍ର ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ସହ ଆବାହକ ବାବୁଲାଲ ଦାସ ଅତିଥିମାନଙ୍କୁ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ। ମୁଖ୍ୟ ଅବାହକ ସମିତିର ବିବରଣୀ ପ୍ରଦାନ କରିଥିଲେ। ବୈଠକ ପୂର୍ବରୁ ସାମ୍ବାଦିକ ରବିନାରାୟଣ ମିଶ୍ର, ନିରୁପମା ପଣ୍ଡା ପ୍ରମୁଖ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଶ୍ରଦ୍ଧା ଅର୍ପଣ କରିଥିଲେ। ସମିତିର ବାର୍ଷିକ ମୁଖ୍ୟପତ୍ର “ନୀଳକନ୍ଦର” ପ୍ରତିଭାକୁ ମୁଖ୍ୟ ପରିଚାଳକ ପ୍ର. ନନ୍ଦଶର୍ମା ଉନ୍ମୋଚନ କରିଥିଲେ। ସହ ପରିଚାଳକ ସୁଦର୍ଶନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡିରେ ଉନ୍ନତମାନର ଧାନ କ୍ରୟ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଧାନର FAQ ମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀଭାଇ ମାନେ ଉନ୍ନତ ମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ। ଜଗତସିଂହପୁର ଜିଲ୍ଲାରେ ଅଦିନିଆ ବର୍ଷାରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ କଟ୍‌ନି ଛଟ୍‌ନି ପାଇଁ କୌଣସି ନିୟମ କରାଯାଇନାହିଁ। ଜାନୁଆରୀ ୩୧ ତାରିଖ ସୁଦ୍ଧା ସମସ୍ତ ଖାଉଟିମାନେ ନିଜର e-KYC କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଯଦି ବାହାର ରାଜ୍ୟରେ କେହି e-KYC କରିପାରୁ ନାହାନ୍ତି, ତେବେ ୧୯୬୭ କୁ ଫୋନ୍ କଲେ ଏହାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ। ଧାନ ସଂଗ୍ରହ ବେଳେ ମିଲର୍‌ମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ, ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ସାଧାରଣ ଲୋକଙ୍କ ହିତ ପାଇଁ ଖାଦ୍ୟ ଯୋଗାଣ ବିଭାଗ ଜଡ଼ିତ। ରାଜ୍ୟରେ ଧାନମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମସ୍ଥଳୀ, ପାନୀୟ ଜଳ ଇତ୍ୟାଦି ସୁବ୍ୟବସ୍ଥିତ ଭାବରେ କରାଯାଇଛି। ଏହି ବୈଠକରେ ଯୋଗଦେଇ ବାଲିକୁଦା-ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା କହିଲେ ଚଳିତ ବର୍ଷ ଜିଲ୍ଲାରେ ଭଲ ଧାନ ଚାଷ ହୋଇଛି। ଅଦିନିଆ ବର୍ଷାରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି, ତେଣୁ ଜଗତସିଂହପୁର ଜିଲ୍ଲା ପାଇଁ FAQ ଧାନ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଏହି ବୈଠକରେ ଯୋଗଦେଇ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ କହିଲେ ଜଗତସିଂହପୁର ଜିଲ୍ଲାରେ ଅଦିନିଆ ବର୍ଷାରେ ଧାନ ଚାଷ କ୍ଷତିଗ୍ରସ୍ତ ହେବା ସହ ଧାନର ମାନ ହ୍ରାସ ପାଇଛି, ତେଣୁ ଏ ଜିଲ୍ଲା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। କ୍ଷୟକ୍ଷତି ପାଇଁ ସଠିକ୍ ଭାବରେ ଯୁଗ୍ମ ଯାଞ୍ଚ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜରୁରୀକାଳୀନ ପାଇଁ ଗରିବ ଲୋକଙ୍କ ନିମନ୍ତେ କିଛି ରାସନ୍ କାର୍ଡର ବ୍ୟବସ୍ଥା କରାଯାଉ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ଜେ ସୋନାଲ୍ ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିବା ସହ ଅଦିନିଆ ବର୍ଷାର କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଉପସ୍ଥିତ ଥିଲେ। ଏହି ବୈଠକରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, ସହକାରୀ ନିବନ୍ଧକ ପ୍ରଭାତ କୁମାର ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ନିଜ ନିଜ ବିଭାଗ ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଜିଲ୍ଲା ପଞ୍ଚାୟତ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ନିର୍ବାହୀ ଅଧିକାରୀ, ଜଗତସିଂହପୁର ପୌର ପରିଷଦ, ଲିଗାଲ୍ ମେଟ୍ରୋଲୋଜି ବିଭାଗର ଯୁଗ୍ମ କଣ୍ଟ୍ରୋଲର, ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଯୋଗାଣ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଅବସରକାଳୀନ ପ୍ରୋତ୍ସାହନ ରାଶି ନପାଇ ଶିକ୍ଷକଙ୍କ ପରିବାର ହଟହଟା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପରିବାର ପ୍ରୋତ୍ସାହନ ରାଶି ପାଇନପାରି ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅବସରକାଳୀନ ସରକାରୀ ପ୍ରୋତ୍ସାହନ ସୁବିଧା ସୁଯୋଗ ସରକାର ଅବସର ଗ୍ରହଣ ଦିବସରେ ପ୍ରଦାନ କରିବାକୁ ଡିଣ୍ଡିମ ପିଟୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପରିବାର ପ୍ରୋତ୍ସାହନ ରାଶି ପାଇନପାରି ଚରମ ହଟହଟାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି । ଏହି କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ତିଳୋତ୍ତମା ରାଉତ ଗତ ୨୦୨୪ ମସିହା ଫେବୃୟାରୀ ୨୯ ତାରିଖ ଦିନ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଜଣକ ଗତ ୨୦୨୨ ମାର୍ଚ୍ଚ ମାସରେ ତାଙ୍କର ୩୦ ବର୍ଷିୟା ଏମ୍ଏସିପି ପାଇବାର ଥିଲା। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ଟାଳଟୁଳ ନୀତି ଯୋଗୁ ଅବସର ଗ୍ରହଣ କରିବାର ୫ ମାସ ପରେ ମଧ୍ୟ ଅଫିସ୍ ତରଫରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ମଞ୍ଜୁର କରିବାକୁ ପଠାଯାଇଥିବାର ଅଭିଯୋଗ ହୋଇଛି। ସରକାରୀ ନିୟମରେ ବର୍ଷକୁ ୨ ଥର ଜୁଲାଇ ଓ ଜାନୁଆରୀରେ ୧୦/୨୦/୩୦ ବର୍ଷିୟା ଏମ୍ଏସିପି ମଞ୍ଜୁର କରିବାର ରହିଛି। ମାତ୍ର ବିଭାଗୀୟ ସ୍ତରରେ ଏଥିପ୍ରତି କେହିହେଲେ ଦୃଷ୍ଟି ଦେଉନଥିବାର ଅଭିଯୋଗ ହୋଇଛି। ସରକାରଙ୍କ ପତ୍ରସଂଖ୍ୟା ୩୨୫୯୧ ତା ୧୭/୧୨/୨୦୨୪ ବଳରେ ଅବସର ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଏମ୍ଏସିପିକୁ ଅଗ୍ରାଧିକାର ଭିତିରେ କରିବାର ଥିଲେ ମଧ୍ୟ ଏହା କରାଯାଉନଥିବାର ଅଭିଯୋଗ ହୋଇଛି। ଫଳରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କ ପେନ୍‌ସନ୍ ସୁବିଧା ପାଇନପାରି ମାନସିକ ନିର୍ଯାତନାର ଶୀକାର ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକ ଗତ ୨୦୨୪ ଜୁନ୍ ମାସରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ପୂର୍ଣ୍ଣ ପେନ୍‌ସନ୍ ପାଇ ପାରିନାହାନ୍ତି। ଇତି ମଧ୍ୟରେ ତାଙ୍କର ମୃତ୍ୟୁ ହୋଇସାରିଲାଣି । ସେହିପରି ଭାବେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦଳେଇ ୧ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେଲା ମୃତ୍ୟୁବରଣ କରିଥିଲେ ମଧ୍ୟ ତାଙ୍କ ପରିବାରବର୍ଗ ଏପର୍ଯ୍ୟନ୍ତ ସମସ୍ତ ପ୍ରୋତ୍ସାହନ ରାଶି ପାଇପାରିନଥିବାର ଅଭିଯୋଗ ହୋଇଛି। ଏହି ବ୍ଲକରେ ୩-୪ ଜଣ ଶିକ୍ଷକଙ୍କ ସେବା ପୁସ୍ତିକା ଏମ୍ଏସିପି ମଞ୍ଜୁର ପାଇଁ ଯାଇଥିଲା ବେଳେ ସେମାନେ ଅବସରକାଳୀନ ପ୍ରୋତ୍ସାହନ ରାଶି ଏପର୍ଯ୍ୟନ୍ତ ପାଇପାରିନଥିବାର ଅଭିଯୋଗ ହୋଇଛି। ଏପରିକି ଅବସରପ୍ରାପ୍ତ ଓ ମୃତ ଶିକ୍ଷକଙ୍କ ପରିବାର ବର୍ଗ ବାରମ୍ବାର କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶରେ ଫେରୁଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁନଥିବାର ଅଭିଯୋଗ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସର୍ବୋପରି ଗଣ ଶିକ୍ଷା ସଚିବ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶିକ୍ଷକ ମହଲରେ ଦାବି ହୋଇଛି।



# ୨ ଯୁବକଙ୍କ ସାଇକେଲ୍‌ରେ ୩ ହଜାର କିମି ଯାତ୍ରା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ୨ ଜଣ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ଜଇପୁରା ଗ୍ରାମର ସେକ୍ ନୁର୍ ଇସ୍‌ଲାମ୍ ଓ ମହମ୍ମଦ ମୋକିମ୍ କେନ୍ଦ୍ରାପଡାରୁ ପ୍ରାୟ ୩ ହଜାର କିମି ସାଇକେଲରେ ଯାତ୍ରା କରି ତୀର୍ଥସ୍ଥାନ ଅଭିମୁଖେ ବାହାରିଛନ୍ତି। ସକାଳ ୯ଟା ସମୟରେ କେନ୍ଦ୍ରାପଡାର ପ୍ରସିଦ୍ଧ ପୀର ବାବା ମନ୍‌ସୁର୍ ବାବାଙ୍କ ପୀଠସ୍ଥଳୀରୁ ଯାତ୍ରାକୁ ବିଶିଷ୍ଟ ସମାଜସେବୀ ରିତ କୁମାର ସାହୁ, ପୂର୍ବତନ କାଉନ୍‌ସିଲର ହିଜୁବୁର ରହେମାନ, ସେକ୍ ଚାନ୍ଦ, କାଉନ୍‌ସିଲର ଅସଲମ୍, ସେକ୍ ଇମ୍‌ରାନ୍ ପ୍ରମୁଖ ଉପସ୍ଥିତ ରହି ଏମାନଙ୍କୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଏମାନେ ରାଜସ୍ଥାନର ଆଜମେର୍ ସରିଫ ଓ ମହାରାଷ୍ଟ୍ର ବମ୍ବେର ହାଜିଅଲ୍ଲୀ ମଝାରକୁ ଯାତ୍ରା କରିଛନ୍ତି ।

## ||||||||||||||| ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ |||||||||||||||

# ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ନିରାକରଣ ନେଇ ସମୀକ୍ଷା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଶିଶୁଙ୍କ ପାଇଁ ଦିନଟିଏ ଓ ଜିଲ୍ଲା ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ସଭାର ତ୍ରୟମାସିକ ବୈଠକ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ କୁମାର ପୃଷ୍ଟି ସଭା ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବାପରେ ବାଲ୍ୟବିବାହ ନିଷେଧ ଅଧିକାରୀ ପ୍ରବିଜ୍ଞା ଦାସ ଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ବିଷୟରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ପିତାମାତା ନଥିବା ଶିଶୁ ଓ ଏକକ ଅଭିଭାବକ ଥିବା ଶିଶୁଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଇପାରିବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ଅକ୍ଟୋବର ୨ ତାରିଖରେ ହୋଇଥିବା ସ୍ୱତନ୍ତ୍ର ଶିଶୁ ଅଧିକାର ବୈଠକ ବିଷୟରେ ଆଲୋଚନା ହୋଇଥିଲା। ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର କମାଇବା ପାଇଁ ଆଗୁଆ ପଦକ୍ଷେପ ସଦୃଶ୍ୟ କିଶୋରୀ ବାଳିକା ମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ମା’ ମାନଙ୍କର ସମ୍ପୂର୍ଣ୍ଣ ପୋଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏତଦ୍‌ବ୍ୟତୀତ ୧୮ରୁ ଅଧିକ କିଶୋର କିଶୋରୀଙ୍କୁ କିଭଳି ଧନ୍ଦାମୂଳକ ଶିକ୍ଷା ଦିଆଯାଇପାରିବ ସେ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଂଘମିତ୍ରା ପଣ୍ଡା, ଜିଲ୍ଲା ଶିଶୁମଙ୍ଗଳ ସମିତି ଅଧକ୍ଷ ଦାମୋଦର ସାହୁଙ୍କ ସମେତ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ସମନ୍ୱୟ ଶିଶୁ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ବୌଦ୍ଧ ବ୍ଲକ ସିଡିପିଓ ଓ୍ୱାହିଦା ବେଗମ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ||||||||||||||| ଓଡ଼ିଶାରେ ପ୍ରଥମ ‘ପ୍ରଜ୍ଞାନ’ର ଶୁଭ ଉନ୍ମୋଚନ |||||||||||||||

# ପାଠାଗାର ମାଧ୍ୟମରେ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବିତ କରାଯାଏ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**




ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜଗତସିଂହପୁର ଜିଲ୍ଲା ତଥା ସମଗ୍ର ଓଡ଼ିଶାରେ ପ୍ରଥମ କରି ପାଠାଗାର ପାଇଁ ଉତ୍ସର୍ଗିକୃତ ପ୍ରଜ୍ଞାନ ନାମକ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ୍ କହିଲେ ଶିକ୍ଷା, ସଂସ୍କୃତିରେ ଜଗତସିଂହପୁର ଜିଲ୍ଲା ସମଗ୍ର ଓଡ଼ିଶାରେ ଏକ ଆଗୁଆ ଜିଲ୍ଲା । ପାଠାଗାର ମାଧ୍ୟମରେ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବିତ କରି ରଖିବା ପାଇଁ ପ୍ରଜ୍ଞାନର ଲକ୍ଷ୍ୟ । ଏହା ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାରେ ପଠନ ଓ ଲିଖନ ନିମନ୍ତେ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ ହୋଇପାରିବ । ଛାତ୍ରଛାତ୍ରୀମାନଙ୍କର ପଠନ କୌଶଳ ବୃଦ୍ଧି କରିବା ସହିତ ବାହ୍ୟ ଜଗତ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନ ଆହରଣ କରିବାରେ ସହାୟକ ହେବ । ପ୍ରଜ୍ଞାନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳ ତଥା ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମ୍ବନ୍ଧରେ ଜାଣିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ପାଇପାରିବ । ପ୍ରତ୍ୟେକ ବିଦ୍ୟାଳୟରେ ପାଠାଗାରଗୁଡିକ କ୍ରୀୟାଶୀଳ ହେବା ସହ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ରହିବ । ବିଦ୍ୟାଳୟ ଗୁଡିକରେ ଅତିରିକ୍ତ ଶ୍ରେଣୀଗୃହ ବୃଦ୍ଧି କରାଯିବ । ବିଦ୍ୟାଳୟ ଗୁଡିକର କଣ୍ଟିଜେନ୍ସି ଅର୍ଥରୁ କିଛି ଅର୍ଥ ବାହାର କରି ପୁସ୍ତକ କ୍ରୟ କରାଯିବ । ଆଗାମୀ ଦିନରେ ଜିଲ୍ଲାର ପ୍ରତି ପଞ୍ଚାୟତରେ ପାଠାଗାର ସ୍ଥାପନ ସହ ପ୍ରତି ବ୍ଲକ ଓ ପୌର ପରିଷଦ ମଧ୍ୟରେ ଇ-ଲାଇବ୍ରେରୀ ଖୋଲାଯିବା ପାଇଁ ଉଦ୍ୟମ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଯୋଗଦେଇ କହିଲେ ଜ୍ଞାନକୁ ଅନ୍ୱେଷଣ କରିବା ହେଉଛି ପ୍ରଜ୍ଞାନର ଲକ୍ଷ୍ୟ । ଯୁବପିଢ଼ିମାନଙ୍କ ମଧ୍ୟରେ ପଠନର ସ୍ପୃହା ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରଜ୍ଞାନ ମାଧ୍ୟମରେ ଯେଉଁ ପ୍ରୟାସ କରାଯାଉଛି ତାହାର ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର କହିଲେ ସମାଜର ପରିବର୍ତ୍ତନ ହେବାକୁ ହେଲେ ଜ୍ଞାନର ଆବଶ୍ୟକତା ରହିଛି । ବିଭିନ୍ନ ବହି ପଢିଲେ ଅଧିକରୁ ଅଧିକ ଜ୍ଞାନ ଆହରଣ ହୋଇଥାଏ । ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଜ୍ଞାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କହିଲେ ଯେ, ପ୍ରଜ୍ଞାନ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ମାନସ ସନ୍ତାନ ଏବଂ ପାଠାଗାର ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ରୁଦ୍ଧିମନ୍ତ କରିବା ନିମନ୍ତେ ଏକ ସୁନ୍ଦର ପ୍ରୟାସ ତଥା ବଳିଷ୍ଠ ପଦକ୍ଷେପ ପାଠାଗାର ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ପଠନ, ଲିଖନ ଓ ଚିନ୍ତନଶୀଳତାର ଅଭିବୃଦ୍ଧି ହେବା ଦ୍ୱାରା ସେମାନେ ଜୀବନ ବ୍ୟାପି ଶିକ୍ଷଣ ପ୍ରୟାସ ଜାରି ରଖିବେ ବୋଲି ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ପ୍ରଜ୍ଞାନ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିବା ସହିତ ପ୍ରଜ୍ଞାନ ସମ୍ପର୍କୀୟ ଏକ କ୍ଷୁଦ୍ର ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସଭା ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ମୁଖ୍ୟ ବିକାଶ ତଥା-ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସି.ଆର୍.ସିମାନେ, ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ଶୁଭେନ୍ଦୁ ବରାଳ, ତପନ କୁମାର ନନ୍ଦ, ପଦରାଜ ଉମାକାନ୍ତ ନାୟକ, ସୁମିତ୍ରା ମଲ୍ଲିକ, ପ୍ରାଚୀ ପୂର୍ଣ୍ଣତୋୟା ପଟ୍ଟନାୟକ, ଚନ୍ଦ୍ରଜିତ ପରିଜା, ସଚ୍ଚିଦାନନ୍ଦ ସାହୁ ସହଯୋଗ କରିଥିଲେ ।

# ସ୍ୱଚ୍ଛ ଭାରତ ଓ ପଲିଥିନ୍ ମୁକ୍ତ ଅଭିଯାନର ଶୁଭାରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣ ଲୋକ ମହୋତ୍ସବ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଜିଲ୍ଲା ପ୍ରଶାସନ, ପୌର ପରିଷଦ ଓ ବ୍ଲକ ପ୍ରଶାସନ, ସ୍ୱଚ୍ଛ ଭାରତ ସଂଗଠନ ଓ ସୋନପୁର କଲେଜ୍ ଏନ୍‌ସିସିର ମିଳିତ ସହଯୋଗରେ ସ୍ୱଚ୍ଛ ଭାରତ ଅଭିଯାନ ଓ ପଲିଥିନ ମୁକ୍ତ ସଚେତନତା ଅଭିଯାନ ଶୁଭାରମ୍ଭ କରଯାଇଛି । ଜିଲ୍ଲାପାଳ ଅନ୍ୟା ଦାସଙ୍କ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଶୁଭ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀଙ୍କ ସହ ନିଜେ ଅଳିଆ ଗୋଟାଇ ସଚେତନ କରିଥିଲେ । ପୌରପରିଷଦ ଅଧିକାରୀ ତଥା ସୋନପୁର ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଏଇଓ ଏଡମିନ୍ ପଲ୍ଲବୀ ରାଣୀ ରାଜ, ଏସ୍‌ଇ ଅଜୟ ସ୍ୱାଇଁ, ସୋନପୁର ବିଆର୍‌ସି ବିବେକା ନନ୍ଦ ପଣ୍ଡା, ତରଭା ବିଆର୍‌ସି ଆନନ୍ଦ କୁମାର୍ ନାଏକ, ଉଲୁଣ୍ଡା ବିଆର୍‌ସି ପ୍ରଦୀପ କୁମାର ଭୋଇ, ବିଆର୍‌ସି ବିଏମ୍‌ପୁର ଖେଳାନିଧି ପଧାନ, ଡିଏସ୍‌ସି ତୁଷାରକାନ୍ତ ସାହୁ, ବଂଶୀଧର୍ ନାଏକ, ଏସ୍‌ଏସ୍ ଉତ୍ତମ କୁମାର ମେହେର, ସ୍ୱଚ୍ଛ ଭାରତ ସଂଗଠନ ସଭାପତି ଶୟଦ୍ ଅଲିମୂଲ୍ ଇସ୍‌ଲାମ୍, ଉପଦେଷ୍ଟା ଗରିବ ଲୋଇ, ଗଣେଶ ମିଶ୍ର, ସଭାନେତ୍ରୀ ଇନ୍ଦୁମତି ପୁରୋହିତ, କୋଡ଼ିନେଟର ମନୋରଞ୍ଜନ ତ୍ରିପାଠୀ, ଲଡୁକିଶୋର ମଲ୍ଲିକ, ପ୍ରହଲ୍ଲାଦ ମିଶ୍ର, ତରଣୀ ମେହେର, ରବୀନ୍ଦ୍ର ଜେନା, ଡ଼ା ସରୋଜ ପଟେଲ୍, ନାରାୟଣ ରଥ, ସୁଶାନ୍ତ ସାହୁ, ଜୟନ୍ତ ବେହେରା, ତ୍ରିଲୋଚନ ତରିଆ, କଲେଜ ଏନ୍‌ସିସି ଲେଫ୍ଟନେଣ୍ଟ ଆଶିଷ କୁମାର ଅଗ୍ରୱାଲ, ଏନ୍‌ସିସି କୋର୍ଡ଼ିନେଟର ଶ୍ରାବଣୀ ମହାପାତ୍ର, ଓର୍‌ମାସ୍ କର୍ମଚାରୀ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ମହୋତ୍ସବର ଜିଲ୍ଲା ଉନ୍ନୟନ ମେଳା, ପଲ୍ଲୀଶ୍ରୀ ମେଳା, ଫୁଡ୍ ଷ୍ଟଲ୍ ଓ ସମସ୍ତ ଷ୍ଟଲ୍‌କୁ ବୁଲି ସ୍ୱଚ୍ଛତା ଅଭିଯାନ, ପଲିଥିନ୍ ମୁକ୍ତ, ସଡ଼କ ସୁରକ୍ଷା ଓ ପରିବେଶ ସୁରକ୍ଷା ଉପରେ ବ୍ୟବସାୟୀ ଓ ସଧାରଣ ଜନତାଙ୍କୁ ସଚେତନତା କରାଇଥିଲେ ଓ ଅଳିଆ ଆବର୍ଜନାକୁ ଏଣେ ତେଣେ ନପକାଇ ଡଷ୍ଟବିନ୍ ବ୍ୟବହାର ପାଇଁ ପରାମର୍ଶ କରି ସ୍ୱଚ୍ଛ ସୁବର୍ଣ୍ଣପୁର, ସୁନ୍ଦର ସୁବର୍ଣ୍ଣପୁର, ଦେଶକୁ ସ୍ୱଚ୍ଛ ରଖିବା, ସୁସ୍ଥ ରହିବା, ପରିବେଶ ସୁରକ୍ଷା ଜୀବନ ରକ୍ଷା, ସଡ଼କ ସୁରକ୍ଷା ଜୀବନ ରକ୍ଷା ବିଭିନ୍ନ ନାରା ଦେଇ ସଚେତନତା କରିଥିଲେ ।

# ପେଭର ପ୍ଲେଟ୍ ଯୋଗୁଁ ନଳ କୂପରୁ ପାନୀୟ ଜଳ ସଂଗ୍ରହରେ ବାଧା



**କେନ୍ଦୁଝର, ନ୍ୟୁଜ୍**

ଲୋକମାନଙ୍କୁ ପାନୀୟ ଜଳ ସୁବ୍ୟବସ୍ଥା ପାଇଁ ରାସ୍ତା ପାର୍ଶ୍ୱରେ ନିର୍ମିତ କରାଯାଇଥିବା ନଳକୂପ ଗୁଡ଼ିକର ଉଚ୍ଚତାକୁ ଦୃଷ୍ଟି ଦିଆନଯାଇ ନଳକୂପ ଗୁଡିକର ଚତୁପାର୍ଶ୍ୱ ପେଭର ପ୍ଲେଟ୍ ପକାଯାଉଥିବାରୁ ପାନୀୟ ଜଳ ଯୋଗାଉଥିବା ଅଧିକାଂଶ ନଳକୂପ ଅଦରକାରୀ ହୋଇପଡିଛି । ପେଭର ପ୍ଲେଟ୍ ପକାଇବା ଫଳରେ ନଳକୂପରୁ ପାଣି ବାହାରୁଥିବା ମୁହଁରୁ ଭୂଇଁର ଦୂରତା ମାତ୍ର ୧୦/୧୫ ଇଞ୍ଚ ରହୁଛି, ଯାହାକି ନଳକୂପ ମୁହଁରେ ବାଲ୍‌ଟି କଥା ଛାଡ଼ନ୍ତୁ ବେଲାଟିଏ ମଧ୍ୟ ବସାଇ ଜଳ ସଂଗ୍ରହ କରିବା ଅସମ୍ଭ ହୋଇପଡୁଛି । ଫଳସ୍ୱରୂପ ଦୈନିକ ହଜାର ଲୋକଙ୍କୁ ପାଣି ଯୋଗାଉଥିବା ନଳକୂପ ଗୁଡିକ ଅଦରକାରୀ ହୋଇପଡିଛି । ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି ।

# କୃଷ୍ଣାନନ୍ଦ ମହାନ୍ତିଙ୍କୁ ଆଦର୍ଶ ନଗରପାଳ ଭାବେ ସମ୍ବର୍ଦ୍ଧନା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ବାରିପଦାରେ ସମ୍ବର୍ଦ୍ଧନା ଦିଆଯାଇଛି । ବାରିପଦା ସହରର ବାଘଡାରୋଡ ବାସିନ୍ଦା କୃଷ୍ଣାନନ୍ଦ ମହାନ୍ତିଙ୍କୁ ଏକ ସମ୍ବର୍ଦ୍ଧନା ଉତ୍ସବରେ ଆଦର୍ଶ ନଗରପାଳ ଭାବେ ସମ୍ବୋଧିତ କରିଛନ୍ତି । ବାରିପଦା ସହରର ୦୩,୧୫,୧୬,୧୭,୧୯ ଓ୍ୱାର୍ଡର ବସବାସ କରୁଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବାରିପଦା ମ୍ୟୁନିସିପାଲଟିର ବର୍ତ୍ତମାନର ଅଧକ୍ଷଙ୍କୁ ସମ୍ମାନିତ କରିବାକୁ ନିର୍ଣ୍ଣୟ କରାଯାଇଥିଲା । ଗତ ମ୍ୟୁନିସିପାଲିଟି ନିର୍ବାଚନରେ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିବା କୃଷ୍ଣାନନ୍ଦ ମହାନ୍ତିଙ୍କୁ ବାଘଡାରୋଡ ବାସିନ୍ଦା ଭେଟ କରି ସହରର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଆଲୋଚନା କରିଥିଲେ । ଏହି ସମୟରେ ବାଘଡାରୋଡରେ ଏକ କଲ୍ୟାଣୀ ମଣ୍ଡପ ଏବଂ ବସ୍‌ଷ୍ଟାଣ୍ଡ ଛକରେ ଏକ ସୁନ୍ଦର କାନ୍ଥ ଏବଂ ବସ୍‌ଷ୍ଟାଣ୍ଡ ଛକରୁ ଦାରୋଗାଡିହ ରାସ୍ତାର ସୌନ୍ଦର୍ଯ୍ୟ କରଣ ପାଇଁ ନିବେଦନ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସାହି ବାସିନ୍ଦାଙ୍କ ଅନୁରୋଧ ରକ୍ଷାକରି ବସ୍‌ଷ୍ଟାଣ୍ଡ ଛକରେ ଜୟ ଜଗନ୍ନାଥ ନାମରେ ଏକ ସୁନ୍ଦର କାନ୍ଥ ଏବଂ ମୁଖ୍ୟ ରାସ୍ତାରେ ସୁନ୍ଦର ଆଲୋକି କରଣ କରାଇବା ସହ ପାଣ୍ଡେ ସ୍କୁଲ୍ ସମ୍ମୁଖରେ ଏକ ବିଶାଳ କଲ୍ୟାଣୀ ମଣ୍ଡପ ନିର୍ମାଣ କାର୍ଯ୍ୟ କରାଇପାରିଛନ୍ତି । ସୁନ୍ଦର କାନ୍ଥ ଏବଂ ରାସ୍ତାରେ ରଙ୍ଗ ବେରଙ୍ଗ ଆଲୋକିତ କରି ସହରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରାଇବା ସହ କଲ୍ୟାଣୀ ମଣ୍ଡପର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବାରିପଦା ବାସିନ୍ଦା ଅନେକ ଉପକୃତ ହେବେ ଏବଂ ସ୍ଥାନୀୟ ଲୋକେ ରୋଜଗାର ପାଇ ପାରିବେ । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଏହିପରି ଲୋକାଭିମୁଖୀ କାର୍ଯ୍ୟ ପାଇଁ ପବିତ୍ର ଶାମ୍ବ ଦଶମୀ ଅବସରରେ ବାଘଡାରୋଡ ସୂର୍ଯ୍ୟ ପୂଜା କମିଟି ଆନୁକୂଲ୍ୟରେ ୨୦୨୫ ମସିହାର ୫୮ ତମ ପୂଜା ଅବସରରେ ତାଙ୍କୁ ଆଦର୍ଶ ନଗରପାଳ ଭାବେ ସମ୍ବୋଧିତ କରାଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ସ୍ଥାନୀୟ ଲୋକେ କୃଷ୍ଣାନନ୍ଦ ମହାନ୍ତିଙ୍କୁ ସାଧୁବାଦ ଜଣାଇଥିଲେ ଏବଂ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ ।

# ଯୁବ ଇକୋ କ୍ଲବ୍ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସବୁଜ ବାହିନୀ ଜିଲ୍ଲା କାର୍ଯ୍ୟକାରିଣୀ ଓ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶ ଶିକ୍ଷାକେନ୍ଦ୍ର ସହାୟତାରେ ଏକ ଦିବସୀୟ ୫୦ ଯୁବ ଇକୋ କ୍ଲବ୍ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୁଖ୍ୟଅତିଥି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ କୁଳମଣି ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭୂମିକା ଖାଲି ପରିବେଶ ନୁହେଁ ସମାଜର ସାମଗ୍ରିକ ଉନ୍ନତି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଧନରେ ଭୂମିକା ଅତୁଳନୀୟ । ସେମାନେ ସମାଜର ଉନ୍ନତି ପାଇଁ ଉତ୍ସର୍ଗୀକୃତ ଓ ପୂଜନୀୟ । ଉଦ୍ୟାନ ଅଧିକ୍ଷକ ହରମୋହନ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ପରିବେଶ ସଫା ସୁତୁରା ରଖିବା ଓ ବୃକ୍ଷ ରୋପଣ ଦ୍ୱାରା ପରିବେଶ ସୁରକ୍ଷିତ ହେବା ସହିତ ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷିତ ରହି ପରିବାର ସହିତ ଦୀର୍ଘ ନିରାମୟ ଜୀବନ ଯାପନ ସମ୍ଭବ ହୋଇପାରିବ । ମୁଖ୍ୟ ପ୍ରଶିକ୍ଷକ ଡଃ ନୃସିଂହ ଚରଣ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆବାହକ ଡଃ ଶରତ କୁମାର ସାହୁ ପ୍ରଶିକ୍ଷଣର ଆବଶ୍ୟକତା, ଉପାଦେୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବନ୍ଦନା ପଣ୍ଡା, ବିଷ୍ଣୁ ଚରଣ ସାହୁ, ଯୁଗପ୍ରଭା ସାବତ, ଗାୟତ୍ରୀ ନାୟକ ଇତ୍ୟାଦି ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବିକଳ୍ପ ଓ ବର୍ଜ୍ୟ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ବିଭିନ୍ନ ଗୃହ ସଜା ବସ୍ତୁ ପ୍ରସ୍ତୁତି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ଜେନା ପ୍ରଶିକ୍ଷଣରେ ସଭାପତିତ୍ୱ କରିଥିଲେ । ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ସୁକ୍‌ତେଲ୍ ମହୋତ୍ସବରେ କଳାକାର ସମାବେଶ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ସୁକତେଲ ମହୋତ୍ସବ ଦ୍ୱିତୀୟ ଦିବସ ସନ୍ଧ୍ୟାରେ କଳାକାର ସମାବେଶ ହୋଇଥିଲା ବଲାଙ୍ଗିର ଜିଲ୍ଲାର ବହୁ କଳାକାର ଯୋଗଦେଇ କଳା ପରିବେଷଣ ସହ କଳାକାରଙ୍କ ବିଭିନ୍ନ ଅସୁବିଧା ଉପରେ ଆଲୋଚନା କରିଥିଲେ । ସରକାରଙ୍କ ଯୋଜନା ସବୁ କଳାକାର ଯେମିତି ପାଇ ଲାଭାନ୍ୱିତ ହୋଇପାରିବେ ଏବଂ କଳା ସଂସ୍କୃତିର ଉତ୍ଥାନ ହେବା ସଂଗେ ସଂଗେ କଳାକାରଙ୍କ ଆଗ୍ରହ ବୃଦ୍ଧି କରିବା ପାଇଁ ପ୍ରୟାସ କରିବାକୁ ଯୋଗଦେଇଥିବା ଅତିଥି ମତବ୍ୟକ୍ତ କରିଥିଲେ । ନ୍ୟାସନାଲ୍ ସର୍ଭିସ୍ ଫାଉଣ୍ଡେସନ୍ ଓ ଓଡ଼ିଆ ଭାଷା ସହିତ୍ୟ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଜଗତ ପାଲ୍ ସେଠ୍ ଫାଓ ଲୋୟର୍ ସୁକତେଲ୍ ଜଳ ସେଚନ ପ୍ରକଳ୍ପ, ସମ୍ମାନୀତ ଅତିଥି କେଶଚନ୍ଦ୍ର ମିଶ୍ର ସମାଜ ସେବୀ ଓ ପରିବେଶବିତ୍, ରସରାଜ ଅଚ୍ୟୁତ ପୁରୋହିତ ବ୍ୟଙ୍ଗ କବି, ଏକଡା ଏକଡା ରାର କର୍ଣ୍ଣଶିଳ୍ପୀ ବ୍ୟାସଦେବ ପୁରୋହିତ ପ୍ରମୁଖ ମଞ୍ଚାସିନ ଥିଲେ । ସଚ୍ଚିଦାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ । ସଭା ଶେଷରେ ବରିଷ୍ଠ ସଭ୍ୟ ବିକାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ସୁକ୍‌ତେଲ୍ ସମ୍ମାନ ଅଚ୍ୟୁତ ପୁରୋହିତଙ୍କୁ ପ୍ରଦାନ କରାଯାଇଥିଲା । ଅତିଥି ବୃନ୍ଦ କମ୍ବଳ ବଣ୍ଟନ କରିଥିଲେ ଅସହାୟ ବ୍ୟକ୍ତି ମାନଙ୍କୁ । ତାପରେ ବରଗଡର କଳାଜୀବୀ ଅନୁଷ୍ଠାନ ଡାଲଖାଇ, ନୂଆଖାଇ ଓ ଏକଡା ଏକଡା ରା ଲୋକନୃତ୍ୟ ଓ ଲୋକ ଗୀତ ପରିବେଷଣ କରିଥିଲେ । ବିଶିଷ୍ଟ ଦଣ୍ଡ କଳାକାର ସାନନ୍ଦ ସିକା, ରିନା କୁମ୍ଭାର, ସସ୍ମିତା ପଧାନ ମାନଙ୍କ ଦ୍ୱାରା ଦଣ୍ଡ ନୃତ୍ୟ ପରିବେଷଣ କାରାଯାଇଥିଲା ଓ ଅନ୍ୟାନ୍ୟ ଦଳ ଅଂଶ ଗ୍ରହଣ କରିଥିଲେ । ବେଶ୍ ଆକର୍ଷଣୀୟ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ସଭାପତି ବିଧୁଭୂଷଣ ସିଂଦେଓ ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠୀ, ଆବାହକ ଟିଙ୍କୁ ପ୍ରଧାନ, ହାଡିବନ୍ଧୁ ତ୍ରିପାଠୀ, ସଂଜୟ ତ୍ରିପାଠୀ, ସତ୍ୟନାରାୟଣ ଗହୀର, କଳା ସଂଗଠକ ଜୟକୃଷ୍ଣ ମିଶ୍ର ପ୍ରମୁଖ ସୁକ୍‌ତେଲ୍ ଅବବାହିକା ବାନ୍ଧନଘୋର ରାମ ମନ୍ଦିର ସମ୍ମୁଖ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସଚେତନତା ଅଭାବରୁ ଏଡ଼ସ୍ ମୁକ୍ତ ସମ୍ଭାବନା ଏବେବି ବହୁ ଦୂରରେ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦେଶର ଟପ୍ ଟେନ୍‌ରେ ଥିବା ଏଡ଼ସ୍ ପ୍ରବଣ ଜିଲ୍ଲା ଗଞ୍ଜାମରେ ସଂକ୍ରମଣ ଓ ମୃତ୍ୟୁ ହାରରେ ସାମାନ୍ୟ ହ୍ରାସ ହୋଇଥିଲେ ହେଁ ଏହା ଆଖିଦୃଶିଆ ନୁହେଁ । ଏଡ଼ସ୍‌ମୁକ୍ତ ଗଞ୍ଜାମ ସମ୍ଭାବନା ଏବେବି ବହୁ ଦୂରରେ ଥିବା ଜଣାପଡୁଛି । ରାଜ୍ୟରେ ୬୩, ୪୩୭ ସଂକ୍ରମିତ ଥିବାବେଳେ ଗଞ୍ଜାମରେ ଏହି ସଂଖ୍ୟା ୧୮୪୮୪ । ଅର୍ଥାତ୍ ରାଜ୍ୟର ୩୧ ପ୍ରତିଶତ ପଜିଟିଭ୍ ଗଞ୍ଜାମ ଜିଲ୍ଲାରେ । ସବୁବର୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି । ଏବେ ଜିଲ୍ଲାରେ ଏଡ଼ସ୍ ସଂକ୍ରମଣ ରୋକିବା ଦିଗରେ ବିଶେଷ କାର୍ଯ୍ୟକ୍ରମ ନାହିଁ କି ସ୍ୱତନ୍ତ୍ର ପାଣ୍ଠି ମଧ ନାହିଁ । ଦୀର୍ଘ ୨୪ ବର୍ଷ ମଧ୍ୟରେ ଜିଲ୍ଲାରେ ୫୦୩ ପଞ୍ଚାୟତ ମଧ୍ୟରୁ ମାତ୍ର ୮୦ ପଞ୍ଚାୟତରେ ସରକାରୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ବୋଲି ଏଡ଼ସ୍ ସଚେତନତା ଦିଗରେ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅରୁଣା ନିର୍ଦ୍ଦେଶକ ଲୋକନାଥ ମିଶ୍ର କହିଛନ୍ତି । ଜିଲ୍ଲାର ଆସିକା, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ପୋଲସରା, ବେଗୁନିଆପଡ଼ା, ଖଲ୍ଲିକୋଟ ବ୍ଲକ୍‌ର ୮୦ ପଞ୍ଚାୟତରେ ଲିଙ୍କ୍ ଓ୍ୱାର୍କର ସ୍କିମ୍‌ରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ପ୍ରବାସୀ ଶ୍ରମିକଙ୍କ ସ୍ତ୍ରୀ କିମ୍ବା ତାଙ୍କ ସହ ସମ୍ପର୍କରେ ଥିବା ମହିଳା, ସମଲିଙ୍ଗୀ ପୁରୁଷ, ମହିଳା ଯୌନ କର୍ମୀ, ଟ୍ରକ୍ ଡ୍ରାଇଭରଙ୍କୁ କାଉନ୍‌ସେଲିଂ କରିବା ସହ ନିରୋଧ ବଣ୍ଟନ ପରୀକ୍ଷା କରିବାକୁ ପରାମର୍ଶ, ବିଭିନ୍ନ ପ୍ରକାର ସାମାଜିକ ସୁବିଧା ସହ ସଂଯୋଗ କରାଇବା ସହ ସରପଞ୍ଚ ଓ ଅନ୍ୟ ପଦାଧିକାରୀଙ୍କ ଅଧ୍ୟକ୍ଷତାରେ ବୈଠକ କରି ଏଲ୍‌ଡବ୍ଲୁଏସ୍ କାର୍ଯ୍ୟକ୍ରମର ଆଭିମୁଖ୍ୟ ଜଣାଇବା ଆଦି କରାଯାଉଛି । ପ୍ରବାସୀ ଗ୍ରାମକୁ ଫେରିଲେ ସେମାନଙ୍କୁ କାଉନ୍‌ସେଲିଂ କରି ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଉଛି । ଅନ୍ୟପକ୍ଷରେ ଲକ୍ଷ୍ୟଭେଦୀ ପ୍ରକଳ୍ପ ମାଧ୍ୟମରେ ବ୍ରହ୍ମପୁର ଓ ଭଞ୍ଜନଗର ଅଞ୍ଚଳରେ ପାଞ୍ଚ ଶହ ମହିଳା ଯୌନ କର୍ମୀ ଓ ସମଲିଙ୍ଗୀ ପୁରୁଷଙ୍କୁ ସତର୍କ କରାଯାଇଛି । ନିରାପଦ ଯୌନାଭ୍ୟାସ, ନିରୋଧ ବ୍ୟବହାର, ଯୌନ ସଂକ୍ରମିତ ରୋଗର ଚିହ୍ନଟ ଓ ଚିକିତ୍ସା, ଗୋଷ୍ଠୀକୁ ଏକତ୍ରିକରଣ କରି ସ୍ୱାବଲମ୍ବୀ କରାଇବା, ଅନୁଷ୍ଠାନମାନଙ୍କ ସହ ତାଙ୍କୁ ସଂଯୋଗୀକରଣ କରିବା, ସୁସ୍ଥ ବାତାବରଣରେ କାମ କରିବା ପାଇଁ ପ୍ରୋତ୍ସାହନ ଦେବା । ଏହି ଦୁଇଟି କାର୍ଯ୍ୟକ୍ରମ ପରେ ଆଉ ଏଡ଼ସ୍ ନିୟନ୍ତ୍ରଣ ପାଇଁ ଆଉ କୌଣସି ପ୍ରକଳ୍ପ ନାହିଁ । ଶ୍ରୀ ମିଶ୍ର କହିଛନ୍ତି ଜିଲ୍ଲାର ୮୦ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଯଥେଷ୍ଟ ନୁହେଁ । ସର୍ବାଧିକ ଦାଦନ ଏହି ଜିଲ୍ଲାରୁ ଯାଉଛନ୍ତି । ସମସ୍ତ ଦାଦନଙ୍କ ପରୀକ୍ଷା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଜିଲ୍ଲାରେ ୪୦ ଲକ୍ଷ ଜନସଂଖ୍ୟା ଛୁଇଁଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ୨୦ ଲକ୍ଷ ଲୋକଙ୍କ ଏଚ୍‌ଆଇଭି ପରୀକ୍ଷା କରାଯାଇଛି । ସତର୍କ ନହେଲେ ଆଗାମୀ ଦିନରେ ଜିଲ୍ଲାରେ ଏଡ଼ସ୍ ସଂକ୍ରମଣ ପୁଣି ପୂର୍ବାବସ୍ଥାକୁ ଫେରିବ । ଆମର ଜିଲ୍ଲାରୁ ୭ ଲକ୍ଷ ପ୍ରବାସୀ ଓ ବର୍ଷକୁ ୭୦ ହଜାର ଗର୍ଭବତୀ ରହୁଛନ୍ତି । କିନ୍ତୁ ଜିଲ୍ଲାରେ ମାତ୍ର ୨ ଲକ୍ଷ ପରୀକ୍ଷା କରାଯାଉଛି । ଅଧିକ ସଂଖ୍ୟାରେ ପରୀକ୍ଷା ନକରାଗଲେ ୨୦୩୦ ସୁଦ୍ଧା ଏଡ଼ସ୍‌ମୁକ୍ତ ବିଶ୍ୱ ଯେଉଁ ଲକ୍ଷ୍ୟ ରହିଛି ତାହା ପୂରଣ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି । ଜିଲ୍ଲାର ୮୦ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ହେଉଥିବା ସ୍ୱୀକାର କରିବା ସହ ଡ଼ିଷ୍ଟ୍ରିକ୍ଟ ଏଡ଼ସ୍ ପ୍ରିଭେନ୍‌ସନ୍ କଣ୍ଟ୍ରୋଲ୍ ୟୁନିଟ୍ ଡ଼ିପିଏମ୍ ହେମନ୍ତ କୁମାର ଦାଶ କହିଛନ୍ତି ଏଡ଼ସ୍ ରୋଗୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରକ୍ତ ପରୀକ୍ଷା ପାଇଁ ୨୯ଟି ଆଇସିଟିସି ସେଣ୍ଟର ରହିଛି । ଭଞ୍ଜନଗର ଓ ବ୍ରହ୍ମପୁର ସିଟି ହସ୍‌ପିଟାଲ୍ ଏବଂ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି । ଆସିକା, ପୋଲସରା ଓ ଖଲ୍ଲିକୋଟରେ ତିନୋଟି ଲିଙ୍କ୍ ଏଆର୍‌ଟି ସେଣ୍ଟର ରହିଛି । ସବୁ ସ୍ତରରେ ସଭା କରି ଲୋକଙ୍କୁ ସଚେତନ କରାଯାଉଛି । ଜିଲ୍ଲାରେ ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ୨୧, ୯୬, ୫୨୫ ଜଣଙ୍କୁ କାଉନ୍‌ସେଲିଂ କରାଯାଇଛି ଏବଂ ୨୦, ୩୬, ୯୬୧ ଜଣଙ୍କ ରକ୍ତ ପରୀକ୍ଷା ହୋଇଛି । ଏଥିରୁ ୧୮୪୮୪ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୨୦୧୪ ପର୍ଯ୍ୟନ୍ତ ଜିଲ୍ଲାରେ ହଜାରେରୁ ଅଧିକ ରୋଗୀ ଚିହ୍ନଟ ହେଉଥିବା ବେଳେ ୨୦୧୫ ରୁ ବାର୍ଷିକ ହଜାରେରୁ କମ୍ ରୋଗୀ ଚିହ୍ନଟ ହୋଇଛନ୍ତି । ୨୦୧୫ରେ ୮୪୯, ୨୦୧୬ରେ ୮୧୦, ୨୦୧୭ରେ ୬୫୯, ୨୦୧୮ରେ ୬୭୧, ୨୦୧୯ରେ ୬୭୭, ୨୦୨୦ରେ ୩୯୮, ୨୦୨୧ରେ ୪୩୦, ୨୦୨୨ରେ ୫୧୪, ୨୦୨୩ରେ ୫୧୮ ଏବଂ ୨୦୨୪ ଅକ୍ଟୋବର ସୁଦ୍ଧା ୪୪୧ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଜିଲ୍ଲାରେ ୨୦୦୦ ପରଠାରୁ ୧୪୪୭ ଜଣ ପଜିଟିଭ୍‌ଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ହେଲାଣି । ୨୦୨୪ରେ ୨୪, ୨୦୨୩ରେ ୨୪, ୨୦୨୩ରେ ୩୨, ୨୦୨୧ରେ ୩୪, ୨୦୨୦ରେ ୩୫ ଜଣଙ୍କ ମୃତ୍ୟୁ ହୋଇଥିବା ଡ଼ିପିଏମ୍‌ଙ୍କ କାର୍ଯ୍ୟାଳୟରୁ ପ୍ରକାଶ । ଯଦିଓ ସଂକ୍ରମଣ ଓ ମୃତ୍ୟୁ ପୂର୍ବାପେକ୍ଷା କମିଛି ଏବେବି ଜିଲ୍ଲାରେ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି ।

# ଫେବୃୟାରୀ ପ୍ରଥମ ସପ୍ତାହରୁ ଡବ୍ଲୁପିଏଲ

## ମୁମ୍ବାଇ, ବଡୋଦରା, ଲକ୍ଷ୍ନୌ ଓ ବେଙ୍ଗାଲୁରୁରେ ଖେଳାଯିବ ସମସ୍ତ ମ୍ୟାଚ୍

**ନୂଆଦିଲ୍ଲୀ**

ପୁରୁଷଙ୍କ ଆଇପିଏଲ ଢାଞ୍ଚାରେ ଖେଳାଯାଉଥିବା ମହିଳା ପ୍ରିମିୟର ଲିଗ ବା ଡବ୍ଲୁପିଏଲର ୨୦୨୫ ସଂସ୍କରଣ ଫେବୃଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଚଳିତ ବର୍ଷ ୪ଟି ସହରରେ ଆୟୋଜନ ହେବ। ଏ ସମ୍ପର୍କରେ ଆଜି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, ଡବ୍ଲୁପିଏଲ ୨୦୨୫ ସଂସ୍କରଣ ଫେବୃୟାରୀ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇପାରେ। ଖୁବ୍‌ଶୀଘ୍ର ଏହାର ତାରିଖ ଘୋଷଣା ହେବ। ସମସ୍ତ ମ୍ୟାଚ୍ ଏଥର ମୁମ୍ବାଇ, ବଡୋଦରା, ଲକ୍ଷ୍ନୌ ଓ ବେଙ୍ଗାଲୁରୁରେ ଖେଳାଯିବ। ବିସିସିଆଇ ପ୍ରଥମେ କେବଳ ଲକ୍ଷ୍ନୌ ଓ ବଡୋଦରାରେ ଉତଖ ଆୟୋଜନ କରିବ ବୋଲି ଲକ୍ଷ୍ୟ ରଖିଥିଲା। କିନ୍ତୁ ଗଭର୍ଣ୍ଣିଂ କାଉନସିଲ ମିଟିଂରେ ମୁମ୍ବାଇ ଓ ବେଙ୍ଗାଲୁରୁରେ ମଧ୍ୟ ମ୍ୟାଚ୍ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମୁମ୍ବାଇରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡ଼ିକ କେବଳ ବ୍ରାବର୍ଣ୍ଣ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଶୁକ୍ଲା ସ୍ପଷ୍ଟ କରିଛନ୍ତି।

ମୁମ୍ବାଇରେ ଓପନିଂ ମ୍ୟାଚ୍ ଅନୁଷ୍ଠିତ ହେବ। ବେଙ୍ଗାଲୁରୁରୁ ଟୁର୍ଣ୍ଣାମେଣ୍ଟ ଯିବା ପୂର୍ବରୁ କିଛି ମ୍ୟାଚ୍ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। ବଡୋଦରାରେ ନୂଆ କରି ନିର୍ମାଣ ହୋଇଥିବା କୋଟାମ୍ବି ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ ବୋଲି ଜଣାପଡ଼ିଛି। କୋଟାମ୍ବି ଷ୍ଟାଡିୟମ ସହର ଠାରୁ ମାତ୍ର ୨୦ କିମି ଦୂର। ନିକଟରେ ଏଠାରେ ଭାରତୀୟ ମହିଳା ଦଳ ଓ ୱେଷ୍ଟଇଣ୍ଡିଜ ମହିଳା ଦଳ ମଧ୍ୟରେ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏବେ ସେଠାରେ ବିଜୟ ହଜାରେ ଟ୍ରଫିର ନକଆଉଟ ମ୍ୟାଚ୍‌ଗୁଡ଼ିକ ଖେଳାଯାଉଛି। ୨୦୨୩ ଡବ୍ଲୁପିଏଲ ସଂପୂର୍ଣ୍ଣ ଭାବେ ମୁମ୍ବାଇରେ ଖେଳା ଯାଇଥିଲା। କିନ୍ତୁ ୨୦୨୪ରେ ବେଙ୍ଗାଲୁରୁ ଓ ଦିଲ୍ଲୀରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ୨୦୨୪ରେ ସ୍ମୃତି ମନ୍ଧାନାଙ୍କ ରୟାଲ ଚ୍ୟାଲେଞ୍ଜରସ ବେଙ୍ଗାଲୁରୁ ଚାମ୍ପିୟନ ହୋଇଥିଲା।

# ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷଣା ହେଲା ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସ୍କ୍ୱାଡ୍

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାଇଁ ଆରମ୍ଭ ହେଲାଣି କାଉଣ୍ଟଡାଉନ୍। ୮ ବର୍ଷ ପରେ ଫେରିଥିବା ଏହି ହାଇ ପ୍ରୋଫାଇଲ୍ ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ଗୋଟିଏ ପରେ ଗୋଟିଏ ଦେଶ ଏହାର ସ୍କ୍ୱାଡ୍ ଘୋଷଣା କରୁଛନ୍ତି। ଏହି କ୍ରମରେ ସୋମବାର ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଚାମ୍ପିୟନ୍ସ ଟ୍ରଫି ଲାଗି ଏମାନଙ୍କର ସ୍କ୍ୱାଡ୍ ଘୋଷଣା କରିଛନ୍ତି। କଙ୍ଗାରୁ ଦଳର କମାଣ ପ୍ୟାଟ୍ କମିନ୍ସଙ୍କ କାନ୍ଧରେ ରହିଥିବାବେଳେ ଦକ୍ଷିଣ ଆଫ୍ରିକା ପୁଣିଥରେ ଟେମ୍ବା ବାଭୁମାଙ୍କୁ ଏହାର ଅଧିନାୟକ ନିଯୁକ୍ତ କରିଛି।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସବୁ ରାଷ୍ଟ୍ରର କ୍ରିକେଟ ବୋର୍ଡକୁ ଜାନୁଆରୀ ୧୯ ଭିତରେ ସେମାନଙ୍କର ପ୍ରାରମ୍ଭିକ ଦଳ ଘୋଷଣା କରିବାକୁ ଆଇସିସି ନିର୍ଦ୍ଦେଶ ରହିଛି। ଏହି କ୍ରମରେ ସୋମବାର କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଜର୍ଜ ୱିଲି ସେମାନଙ୍କର ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଆହତ ସମସ୍ୟା କାରଣରୁ ଦଳରୁ ବାହାରେ ଥିବା ଦୁଇ




ପ୍ରମୁଖ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ଜୋଶ ହାଜଲେଉଡ୍‌ଙ୍କ ନାଁ ମଧ୍ୟ ସ୍କ୍ୱାଡ୍‌ରେ ରହିଛି।

ଭାରତ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫିରେ ଦମ୍‌ଦାର ବିଜୟ ପରଠାରୁ ଅଧିନାୟକ କମିନ୍ସ ପରିବାର ସହ ଛୁଟି କାଟୁଛନ୍ତି। ଏପରିକି ସେ ଆହତ ଥିବା ମଧ୍ୟ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଘୋଷଣା କରାଯାଇଥିଲା। ସେହିଭଳି ଆହତ କାରଣରୁ ଦଳର ଅନ୍ୟତମ ପ୍ରମୁଖ ବୋଲର ହାଜଲେଉଡ୍ ମଧ୍ୟ ଭାରତ ବିପକ୍ଷରେ ସବୁ ମ୍ୟାଚ୍ ଖେଳି ପାରି ନଥିଲେ। ଘରୋଇ ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ ଦେଇଥିବା ମ୍ୟାଟ୍ ଶର୍ଟ ଓ ଆରୋନ ହାର୍ଡିଙ୍କୁ ମଧ୍ୟ ମିଳିଛି ମେଡେନ କଲ୍।

ସେହିଭଳି ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ମଧ୍ୟ ସୋମବାର ୧୫ ଜଣିଆ ପ୍ରାରମ୍ଭିକ ସ୍କ୍ୱାଡ୍ ଘୋଷଣା କରିଛି। ଟେମ୍ବା ବାଭୁମାଙ୍କ କାନ୍ଧରେ ରହିଛି ଅଧିନାୟକ ଭାର। ହେନରିଚ କ୍ଲାସେନ, ଡେଭିଡ ମିଲର ଓ ରସି ଭାନ୍-ଡେର୍ ଡସେନଙ୍କ ଭଳି ଦକ୍ଷ ବ୍ୟାଟର ବ୍ୟାଟିଂ କ୍ରମର ନେତୃତ୍ୱ ନେବେ। ସେହିଭଳି ଦୁଇ ଅଭିଜ୍ଞ ଦ୍ରୁତ ବୋଲର କାଗିସୋ ରାବାଡା ଓ ଅନରିଚ୍ ନୋର୍କିଆ ବୋଲିଂ ବିଭାଗର ନେତୃତ୍ୱ ନେବେ। ନୋର୍କିଆ ଆହତ କାରଣରୁ ୨୦୨୩ ଦିନିକିଆ ବିଶ୍ୱକପ୍ ଖେଳିପାରିନଥିଲେ। ଏହି ବିଶ୍ୱକପରେ ଅଷ୍ଟ୍ରେଲିଆଠାରୁ ସେମିଫାଇନାଲରେ ପରାଜୟର ସାମ୍ନା କରିଥିଲା ଦକ୍ଷିଣ ଆଫ୍ରିକା। ଏହା ବ୍ୟତୀତ ଦଳରେ ଟୋନୀ ଡି ଜୋର୍ଜି, ରିଆନ ରିକେଲଟନ, ଟ୍ରିଷ୍ଟନ ଷ୍ଟବ୍ସଙ୍କ ଭଳି ଅଲରାଉଣ୍ଡର ପ୍ରଥମ ଥର ପାଇଁ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସୁଯୋଗ ପାଇବେ।

ଦକ୍ଷିଣ ଆଫ୍ରିକା ସ୍କ୍ୱାଡ୍ : ଟେମ୍ବା ବାଭୁମା (ଅଧିନାୟକ), ଟୋନୀ ଡି ଜୋର୍ଜି, ମାର୍କୋ ଜାନସେନ, ହେନରିଚ କ୍ଲାସେନ, କେଶବ ମହାରାଜ, ଆଡେନ ମାରକ୍ରମ, ଡେଭିଡ ମିଲର, ୱିଆନ ମଲ୍ଡର, ଲୁଙ୍ଗି ଏନଗିଡି, ଅନରିଚ ନୋର୍କିଆ, କାଗିସୋ ରାବାଡା, ରିଆନ ରିକେଲଟନ, ତବ୍ରାଏଜ ଶାମ୍ସି, ଟ୍ରିଷ୍ଟନ ଷ୍ଟବ୍ସ ଓ ରସି ଭାନ-ଡେର ଡସେନ।

ଅଷ୍ଟ୍ରେଲିଆ ସ୍କ୍ୱାଡ୍ : ପ୍ୟାଟ କମିନ୍ସ (ଅଧିନାୟକ), ଆଲେକ୍ସ କ୍ୟାରୀ, ନାଥନ ଏଲିସ, ଆରୋନ ହାର୍ଡି, ଜୋଶ ହାଜଲେଉଡ, ଟ୍ରାଭିସ ହେଡ, ଜୋଶ ଇଂଲିସ, ମାର୍ନସ ଲାବୁସେନ, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମ୍ୟାଟ୍ ଶର୍ଟ, ଷ୍ଟେଭ ସ୍ମିଥ. ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ ଓ ଆଡମ ଜାମ୍ପା।

# ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍‌କୁ ସମ୍ବର୍ଦ୍ଧନା



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଗିନି କପ୍ ଚାମ୍ପିଅନ ହୋଇଥିବା ଖୋର୍ଦ୍ଧା କ୍ରିକେଟ କ୍ଲବ୍‌କୁ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ସମ୍ବର୍ଦ୍ଧିତ କରିଛନ୍ତି। ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ ଫାଇନାଲରେ କଟକ ସୋଲାର କ୍ରିକେଟ କ୍ଲବ୍‌କୁ ୫୧ ରନ୍‌ରେ ହରାଇ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚାମ୍ପିଅନ ହୋଇଥିଲେ। ଅଧିନାୟକ ଭାବରେ ରାକେଶ ପଟ୍ଟନାୟକଙ୍କ ୪୨ ରନ ଓ ୩ ଟି ୱିକେଟ୍ ନେଇଥିଲେ। ସୁମିତ ମହାରଣା ମଧ୍ୟ ବେଷ୍ଟ ବୋଲର ଭାବେ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୯ଟି ୱିକେଟ୍ ନେଇ ଦଳ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ମୂଜିବୁଲ୍ଲା ଖାନ(ମୁନା ଖାନ) ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଖୋର୍ଦ୍ଧାରେ କ୍ରୀଡ଼ା ଭିତ୍ତିଭୂମି ପାଇଁ ନିଜ ପାଣ୍ଠି ବିନିଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା କ୍ରିକେଟ ସଙ୍ଘର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଟିମ୍ ମ୍ୟାନେଜର ଚଣ୍ଡି ପ୍ରାସାଦ ଆଚାର୍ଯ୍ୟ, କିରଣ ଶତପଥୀ, ବ୍ରିଜେଶ ପ୍ରଧାନ, ଜିତୁ ପୃଷ୍ଟି, ବିବେକାନନ୍ଦ ବୋଷ, କାଜଲ ବଳିଆର ସିଂହ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍‌କୁ ଆହୁରି ମଜବୁତ୍ କରିବା ସହ ନୂତନ ପିଢ଼ିର ଖେଳାଳିମାନଙ୍କ ପାଇଁ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ ବୋଲି ସଭାପତି ରାଜେନ୍ଦ୍ର କୁମାର ସାହୁ ଉକ୍ତି ରଖିଥିଲେ। ଉନ୍ନତ କ୍ରୀଡ଼ା ସାମଗ୍ରୀ ସହ ଭଲ ପ୍ରଶିକ୍ଷଣ ଉପରେ ବିକାଶ ପ୍ରଧାନ ଆଲୋକପାତ କରିଥିଲେ। ଏହି ଅବସରରେ ଦଳର କୋଚ୍ ସୌମେନ୍ଦ୍ର ମହାନ୍ତିଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ସାହୁ ସମ୍ବର୍ଦ୍ଧିତ କରିଥିଲେ ଓ ସାଧୁବାଦ ଦେଇଥିଲେ। ଖେଳାଳିମାନଙ୍କୁ ଉପହାର ସହ ଭୂରି ଭୋଜନର ବ୍ୟବସ୍ଥା କରାଯାଇଥିଲା। ଶେଷରେ ଖେଳାଳିମାନଙ୍କର ଉତରୋତ୍ତର ଉନ୍ନତି କାମନା ସହ ଚଣ୍ଡି ପ୍ରାସାଦ ଆଚାର୍ଯ୍ୟ ଧନ୍ୟବାଦ୍ ଦେଇଥିଲେ।

# ହାତ ଗୋଡ଼ ନଥାଇ ବି ତୀରନ୍ଦାଜିରେ ସ୍ୱର୍ଣ୍ଣ ଜିତିଲେ ଓଡ଼ିଶାର ସୁନା ଝିଅ ପାୟଲ

**ବଲାଙ୍ଗୀର**

କଥାରେ ଅଛି ଇଚ୍ଛାଶକ୍ତି ଆଗରେ ସବୁ କିଛି ହାର ମାନେ। ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି ଫିକା ପଡ଼ିଯାଏ। ଏହାକୁ ପ୍ରମାଣ କରିଦେଖାଇଛନ୍ତି ଓଡ଼ିଶାର ଦିବ୍ୟାଙ୍ଗ ଝିଅ ପାୟଲ। ବଲାଙ୍ଗିର ଜିଲ୍ଲା ସହିତ ଦାଦନ ଦୁଃଖ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। କିନ୍ତୁ ଏହି ଦାଦନ ଦୁଃଖର କାହାଣୀର ସଫଳ ନାୟିକା ସାଜିଛନ୍ତି ପାୟଲ। ଓଡ଼ିଶା ପାଇଁ ସେ ଜାତୀୟ ସିନିୟର ତୀରନ୍ଦାଜି ଚାମ୍ପିୟନସିପରେ ଜିତିଛନ୍ତି ସ୍ୱର୍ଣ୍ଣ। ହାତ ଗୋଡ଼ ନଥାଇ ବି ସେ ସ୍ୱର୍ଣ୍ଣିମ ଇତିହାସ ସୃଷ୍ଟି କରିଛନ୍ତି। ଏଥିପାଇଁ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଖୋଦ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋସିଆଲ ମିଡିଆରେ ପାୟଲଙ୍କୁ ସ୍ୱର୍ଣ୍ଣ ପଦକ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଦିନେ ପାୟଲଙ୍କୁ ନେଇ ତାଙ୍କ ପରିବାର ଚିନ୍ତାରେ ଥିଲେ। କାରଣ ବାପାମା' ଦାଦନ ଯାଇଥିବା ବେଳେ ବିଦ୍ୟୁତ ଆଘାତରେ ସେ ୨ ହାତ ଓ ୨ ଗୋଡ଼ ହରାଇଥିଲେ। ହାତଗୋଡ଼ ନଥିବା ଛୁଆର ଭବିଷ୍ୟତକୁ ନେଇ ଚିନ୍ତାରେ ଥିଲେ ପରିବାର। କିନ୍ତୁ ତାଙ୍କ ପାଇଁ ସେତେବେଳେ ଦେବଦୂତ ସାଜିଥିଲେ ତତ୍‌କାଳୀନ ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା। ଆଉ ଏବେ ପାୟଲ କେବଳ ବଲାଙ୍ଗିର କି ଓଡ଼ିଶାର ନୁହେଁ ବରଂ ଦେଶର ଗୋଲ୍ଡଗାର୍ଲ ପାଲଟି ଯାଇଛନ୍ତି। କଟା ଗୋଡ଼ରେ ତୀର ଚଳାଇ ଚାମ୍ପିୟନ ହୋଇଛନ୍ତି। ଜାତୀୟ ପାରା ତୀରନ୍ଦାଜ ଟାଇଟଲ ହାସଲ କରି ଏବେ ସାରା ଦେଶରେ ପାୟଲର ଚର୍ଚ୍ଚାରେ ରହିଛନ୍ତି।

୨୦୧୫ ମସିହାରେ ବିଦ୍ୟୁତ ଆଘାତରେ ପାୟାଲ ଦିବ୍ୟାଙ୍ଗ ପାଲଟି ଯାଇଥିଲେ। ସେତେବେଳେ ଏହି ଖବର ବେଶ୍ ଚର୍ଚ୍ଚାକୁ ଆସିଥିଲା। ବିଦ୍ୟୁତ ଆଘାତ ପରେ ଅପରେସନ ଯୋଗୁ ସେ ନିଜର ଦୁଇ ହାତ ଓ ଦୁଇ ଗୋଡ଼ ହରାଇଥିଲେ। ନିରୀହ ମୁହଁରେ ହସି ହସି ସେତେବେଳେ ସେ କହୁଥିଲେ ଯେ ଏବେ ଆଉ ଭଲ ଲାଗୁନାହିଁ। କାରଣ ଖେଳିବାକୁ ଇଚ୍ଛା ହେଉଛି, କିନ୍ତୁ ଖେଳି ପାରୁନି। ବାସ୍



୨୦୧୫ ମସିହାରେ କାଇଁ କାଇଁ କଥା କହୁଥିବା ପାୟଲ ଏବେ କରିସ୍ମା ଦେଖାଇଛନ୍ତି।

ନିଜର କଠିନ ପରିଶ୍ରମ ବଳରେ ସେ ଦେଶର ସମସ୍ତ ପ୍ରତିଭାନ ପାରା ଆଥଲେଟଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାଜସ୍ଥାନ ଜୟପୁରରେ ଚାଲିଥିବା ଷଷ୍ଠ ଜାତୀୟ ପାରା ତୀରନ୍ଦାଜି କମ୍ପାଉଣ୍ଡ ଓପନ ୱୋମେନ ରାଉଣ୍ଡ-୧ କ୍ୟାଟାଗୋରୀରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି ପାୟଲ ନାଗ। ସବୁଠାରୁ ବଡ଼କଥା ହେଉଛି ଅର୍ଜୁନ ଆୱାର୍ଡୀ ତଥା ଅଲମ୍ପିୟାନ ଶୀତଳ ଦେବୀଙ୍କୁ ସେ ହରାଇ ଏପରି ସଫଳତା ପାଇଛନ୍ତି। ଶୀତଳ ଦେବୀଙ୍କ ହାତ ନାହିଁ। ସେ ଗୋଡ଼ରେ ତୀର ମାରନ୍ତି। ଶୀତଳଙ୍କ ଭିଡିଓ ଦେଖି ତୀରନ୍ଦାଜ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ପାୟଲ। ଏବେ ସେ ଶୀତଳଙ୍କୁ ମାତ୍ ଦେଇ ଚାମ୍ପିୟନ ହୋଇଛନ୍ତି।

ବାପା ମା' ଦାଦନ ଦୁଃଖରେ ପଡ଼ିଥିବା ବେଳେ ପାୟଲ ପାର୍ବତୀଗିରି ବାଳନିକେତନରେ ରୁହନ୍ତି। ପାୟଲ ଏବେ ଜାତୀୟ ସ୍ତରରେ ଚମକିବାରୁ ଆଶ୍ରମର ସଂପାଦିକା ସଂସ୍କୃତି ପଟ୍ଟନାୟକ ଓ ଓ ଜିଲ୍ଲା ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

ଚାମ୍ପିୟନ ଝିଅର କାହାଣୀ କୌଣସି ସିନେମାଠାରୁ କମ୍ ନୁହେଁ। ଦାଦନ ଦୁଃଖର ଅପବାଦ ମୁଣ୍ଡାଇଥିବା ବଲାଙ୍ଗିର ଜିଲ୍ଲା ପାଇଁ ପାୟଲ ଆଣିଛନ୍ତି ସମ୍ମାନର ସନ୍ତକ। ଦଶ ବର୍ଷ ତଳେ ବାପା, ମା' ଓ ପଡ଼ୋଶୀ ରାୟପୁରରେ ଦାଦନ ଖଟୁଥିଲେ। ସେତେବେଳେ ପାୟଲଙ୍କୁ ପ୍ରାୟ ୬ ବର୍ଷ ବୟସ ହୋଇଥିଲା। ଏହି କଅଁଳ ବୟସରେ ପାୟଲ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ମୃତ୍ୟୁ ସହ ସଂଗ୍ରାମ କରିବାକୁ ପଡ଼ିଥିଲା। ଡାକ୍ତରଙ୍କ ପରାମର୍ଶରେ ତାଙ୍କର ୨ ହାତ ଓ ୨ ଗୋଡ଼ କଟାଯାଇଥିଲା। ବାସ୍ ଭିନ୍ନକ୍ଷମ ଭତ୍ତା ପାଇ ଘରେ ପଡ଼ିରହିଥିଲେ ପାୟଲ। ହେଲେ ୨୦୨୨ ମସିହାରେ ହଠାତ୍ ପାୟଲଙ୍କ ଜୀବନର ମୋଡ଼ ବଦଳିଥିଲା।

ବଲାଙ୍ଗିର ଜିଲ୍ଲାର ତତ୍‌କାଳୀନ ଜିଲ୍ଲାପାଳ ଚଂଚଳ ରାଣା ଦିବ୍ୟାଙ୍ଗ ପାୟଲଙ୍କ ପାଇଁ ସହଯୋଗର ହାତ ବଢ଼ାଇଥିଲେ। ପ୍ରଥମେ ପାୟଲର ବାପାମା'ଙ୍କ ସହମତିରେ ତାଙ୍କୁ ବଲାଙ୍ଗିର ସହରରେ ଥିବା ପାର୍ବତୀଗିରି ଆଶ୍ରମକୁ ଅଣାଯାଇଥିଲା। ନିକଟସ୍ଥ ସ୍କୁଲରେ ନାଁ ଲେଖାଇ ପାୟାଲ ପାଠ ପଢ଼ିବା ଆରମ୍ଭ କରିଥିଲେ। ସୁନ୍ଦର ଚିତ୍ର ଅଙ୍କନ କରି ସମସ୍ତଙ୍କ ପ୍ରଶଂସା ସାଉଁଟି ଥିଲେ। ପାୟଲର ଗୁଣ ଦେଖି ତତକାଳୀନ ଜିଲ୍ଲାପାଳ ରାଣା ତାଙ୍କୁ ଦିବ୍ୟାଙ୍ଗ ତୀରନ୍ଦାଜ ଶୀତଳ ଦେବୀଙ୍କ ଭିଡିଓ ଦେଖାଇଥିଲେ। ବାସ୍ ଏହି ଭିଡିଓ ଦେଖି ତୀରନ୍ଦାଜ ହେବାକୁ ପଣ କରିଥିଲେ ପାୟଲ। ଏଥିପାଇଁ ଜିଲ୍ଲାପାଳ ସମସ୍ତ ପ୍ରକାରର ସହଯୋଗ କରିଥିଲେ।

ଏବେ ପାୟଲ ୧୬ ବର୍ଷ ବୟସର ହୋଇଗଲେଣି। ସେ ଟିକିରାପଡ଼ା କଲେଜରେ +୨ର ଛାତ୍ରୀ। ୧୬ ବର୍ଷ ବୟସରେ ପାୟଲ ନିଜର ଆଦର୍ଶ ଶୀତଳ ଦେବୀଙ୍କୁ ମାତ ଦେଇ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପାୟଲଙ୍କ ସଫଳତା ପରେ ବଲାଙ୍ଗିର ଜିଲ୍ଲା ଦାଦନ ପ୍ରବଣ ମୁରିବାହାଲ ବ୍ଲକ ଜମୁନାବାହାଲ ଗାଁରେ ରହୁଥିବା ବାପାମା ବେଶ୍ ଖୁସି ବ୍ୟକ୍ତି କରିଛନ୍ତି।

# ପ୍ରଭୁକୃପା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଞ୍ଚାୟତରେ ଥିବା ପ୍ରଭୁକୃପା ବିଦ୍ୟାଳୟର ତ୍ରୟଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ସନ୍ତୋଷ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦିପକ କୁମାର ଜେନା ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ସ୍କୁଲର ଶତାଧିକ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ । କ୍ରୀଡ଼ାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍କୁଲର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ । ଏହି କ୍ରୀଡ଼ା ଉତ୍ସବରେ ଗୁରୁମା ସ୍ନେହଲତା, ସୁଦେଷ୍ଣା, ପ୍ରଣତୀ, ରିତା, ସୁଖଲତା, ବୁଲା ଗୁରୁଜୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଗୁରୁଜୀ ମାନସ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାକୁମ୍ଭ-୨୦୨୫ : ପରମ୍ପରା ଓ ପରିବର୍ତ୍ତନର ଅନୁଭବ



**ଅମିତାଭ କାନ୍ତ**
ଭାରତର ଜି-୨୦ ଶେର୍ପା ଏବଂ ନୀତି ଆୟୋଗର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

କୁମ୍ଭମେଳା ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମଧ୍ୟରୁ ଅନ୍ୟତମ। ଏହା ଆସ୍ଥା, ଏକତା ଏବଂ ସଭ୍ୟତା ସହ ଭଗବାନଙ୍କ ଚିରନ୍ତନ ସମ୍ପର୍କର ଏକ ପ୍ରତୀକ। କୁହାଯାଏ, ସମୁଦ୍ର ମନ୍ଥନ ବେଳେ ନିର୍ଗତ ଅମରତ୍ୱର ଅମୃତ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଏବଂ ନାସିକ ଭଳି ପବିତ୍ର ସ୍ଥାନରେ ଉଛୁଳି ପଡ଼ିଥିଲା। ଏହି କାରଣରୁ ଏହିସବୁ ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହୋଇଥାଏ। କିନ୍ତୁ କେଉଁ ତିଥିରେ କେଉଁ ସ୍ଥାନରେ କୁମ୍ଭ ଅନୁଷ୍ଠିତ ହେବ ତାହା ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତି ଗ୍ରହମାନଙ୍କର ମହାଜାଗତିକ ସ୍ଥିତିକୁ ଗଣନା କରି ନିର୍ଦ୍ଧାରଣ କରାଯାଏ। ପ୍ରତି ୧୨ ବର୍ଷରେ ଥରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ କୁମ୍ଭମେଳା ଅବସରରେ ପବିତ୍ର ନଦୀମାନଙ୍କରେ ସ୍ନାନ କରି ଆତ୍ମଶୁଦ୍ଧି ଓ ମୁକ୍ତି କାମନା କରିଥାନ୍ତି। ସମୟକ୍ରମେ କୁମ୍ଭମେଳା ବିକଶିତ ହୋଇ ପ୍ରାଚୀନ ପରମ୍ପରାକୁ ଆଧୁନିକ ଉଦ୍ଭାବନ ସହିତ ଯୋଡ଼ିଛି।

ଫେବୃୟାରୀ ୪, ୨୦୧୯ରେ ଅନୁଷ୍ଠିତ କୁମ୍ଭ ମେଳା ସଭ୍ୟତାର ସବୁଠାରୁ ବିଶାଳ ଏବଂ ଶାନ୍ତିପୂର୍ଣ୍ଣ ସମାବେଶର ସାକ୍ଷୀ ହୋଇଛି। ଆଧ୍ୟାତ୍ମିକତା ଆଧାରିତ ଏହି ଅନନ୍ୟ କାର୍ଯ୍ୟକ୍ରମ ହେଉଛି ବିଶ୍ୱାସ, ସମ୍ପ୍ରଦାୟ ଏବଂ ବାଣିଜ୍ୟର ଏକ ଉତ୍ସବ। ମେଳା, ଶିକ୍ଷାନୁଷ୍ଠାନ, ଦିବ୍ୟ ପ୍ରବଚନ, ସାଧୁସନ୍ଥଙ୍କ ସମାଗମ ଓ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ କୁମ୍ଭମେଳା ଭାରତୀୟ ସମାଜର ଜୀବନ୍ତ ମୂଲ୍ୟବୋଧର ଉଦାହରଣ।

ପ୍ରୟାଗରାଜରେ ଅନୁଷ୍ଠିତ ୨୦୧୯ କୁମ୍ଭମେଳା ସଂସ୍କରଣ ବିଶେଷ ଭାବରେ ଉଲ୍ଲେଖନୀୟ ଥିଲା, ଯେଉଁଥିରେ ୫୦ ଦିନ ମଧ୍ୟରେ ଆନୁମାନିକ ୨୪ କୋଟି ପର୍ଯ୍ୟଟକ ଅଂଶଗ୍ରହଣ କରିଥିଲେ। କେବଳ ଫେବୃୟାରୀ ୪ ତାରିଖରେ ହିଁ ୩ କୋଟି ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରସିଦ୍ଧ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ଆୟୋଜିତ ଏହି କୁମ୍ଭ ପାଇଁ ୪୪୦ କିଲୋମିଟର ଅସ୍ଥାୟୀ ରାସ୍ତା, ୩୨୦୦ ହେକ୍ଟର ପରିମିତ ବିଶାଳ ଅଞ୍ଚଳରେ ତମ୍ବୁ ଘର ପାଇଁ ବ୍ୟବସ୍ଥା, ୨୨ଟି ପଣ୍ଟୁନ ପୋଲ, ପାଖାପାଖି ୫୦ ହଜାର ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଏବଂ ପରିମଳ ପାଇଁ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରାଯାଇଥିଲା।

୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁମ୍ଭମେଳା ଗସ୍ତ ଆୟୋଜନ ଓ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏହି କାର୍ଯ୍ୟକ୍ରମକୁ ବିଶ୍ୱସ୍ତରରେ ସଫଳ କରିଥିଲା। ଗସ୍ତ ସମୟରେ ସେ ସଫେଇ କର୍ମଚାରୀଙ୍କୁ ସମ୍ମାନ ଜଣାଇ ସେମାନଙ୍କ ପାଦ ଧୋଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ମିଶନର ଭାବନାକୁ ଦୋହରାଇ ସେ କହିଥିଲେ, 'ପରିଶ୍ରମୀ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିବା ଅବସରରେ... ମୁଁ ସ୍ୱଚ୍ଛ ଭାରତ ପାଇଁ ଯୋଗଦାନ ଦେଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅଭିବାଦନ ଜଣାଉଛି।'

୨୦୧୯ର କୁମ୍ଭମେଳା ସାର୍ବଜନୀନ ସ୍ୱଚ୍ଛତା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପିତ କରିଛି। ୨୦୧୩ରେ ମାତ୍ର ୫ ହଜାର ଗୋଷ୍ଠୀ ଶୌଚାଳୟ ଥିବାବେଳେ ୨୦୧୯ରେ ୧ ଲକ୍ଷ ୨୨ ହଜାର ୫୦୦ ଶୌଚାଳୟ ସହ ୨୦ ହଜାର ଡଷ୍ଟବିନ୍, ଅଳିଆ ଉଠାଇବା ଲାଗି ୧୬୦ଟି ଅଳିଆ ଉଠା ପିକ୍‌ଅପ୍ ଭ୍ୟାନ୍ ବ୍ୟବସ୍ଥା କରାଯାଇଥିଲା। ସ୍ୱଚ୍ଛତା ପାଇଁ ୱାଟର ଜେଟ୍ ସ୍ପ୍ରେ ମେସିନ୍ ଭଳି ଅଭିନବ ପଦକ୍ଷେପ ପାଣିର ଅପଚୟକୁ ବହୁ ମାତ୍ରାରେ ହ୍ରାସ କରିବା ସହ ପରିମଳ କାର୍ଯ୍ୟକୁ ସହଜ କରିଛି।

ଶୌଚାଳୟଗୁଡ଼ିକର ସହଜ ଉପଲବ୍ଧି ପାଇଁ ଏପରି ସ୍ଥାନ ନିରୂପଣ କରାଯାଇଥିଲା, ଯେମିତି ଅଧିକ ଲୋକ ସହଜରେ ସେଠାରେ ପହଞ୍ଚିପାରିବେ। ଏଥିରେ ଲିଙ୍ଗ-ନିର୍ଦ୍ଦିଷ୍ଟ ଏବଂ ଭିନ୍ନକ୍ଷମ-ଅନୁକୂଳ ଡିଜାଇନ୍ ବି





ଅନ୍ତର୍ଭୁକ୍ତ ଥିଲା। ମହିଳା କର୍ମଚାରୀଙ୍କ ଦ୍ୱାରା ମହିଳାମାନଙ୍କ ପାଇଁ ଗୋଲାପୀ ଶୌଚାଳୟ ପରିଚାଳିତ ହୋଇଥିଲା। ସେହିପରି ବୟସ୍କଙ୍କ ପାଇଁ ଅନୁକୂଳ ଶୌଚାଳୟ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ନର୍ଦ୍ଦମା ଟାଙ୍କି ତିଆରି ଓ ଏହାର ବ୍ୟବହାର ଦ୍ୱାରା ନଦୀରେ ପ୍ରଦୂଷଣର ଆଶଙ୍କା ଦୂର ହୋଇଥିଲା।

ଏହି ଶୌଚାଳୟରୁ ଦୁର୍ଗନ୍ଧ ଦୂର କରିବା ପାଇଁ ଏକ ଅଭିନବ ଜ୍ଞାନକୌଶଳ ଅବଲମ୍ବନ କରାଯାଇଥିଲା, ଯାହାକୁ ପ୍ରଥମେ ୨୦୧୮ ମାଘ ମେଳା ସମୟରେ ପରୀକ୍ଷଣ କରାଯାଇଥିଲା। ପରେ କୁମ୍ଭ-୨୦୧୯ରେ କାର୍ଯ୍ୟକାରୀ କରାଯାଇଥିଲା। ଏଥିପାଇଁ ଛାତ୍ର ଗବେଷକମାନେ ମେଳା ସ୍ଥଳରେ ଦୈନିକ ପ୍ରାୟ ୬୫ ହଜାର ଲିଟର ଡିଓଡ୍ରାଣ୍ଟ ପ୍ରସ୍ତୁତ କରୁଥିଲେ। ଏହାବ୍ୟତୀତ ସ୍ୱଚ୍ଛତା ବଜାୟ ରଖିବା ଏବଂ ଶୌଚାଳୟ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି ସ୍ୱେଚ୍ଛାସେବୀମାନେ ବିଶାଳ ପଡ଼ିଆରେ ଥିବା ୬୦ ହଜାର ଶୌଚାଳୟ ଉପରେ ନଜର ରଖିଥିଲେ, ଯାହାଦ୍ୱାରା ରିୟଲ ଟାଇମ୍ ସମସ୍ୟାର ସମାଧାନ ସୁନିଶ୍ଚିତ ହୋଇପାରିଥିଲା। ଏହି ପଦକ୍ଷେପ କେବଳ ପରିଚାଳନା ଦକ୍ଷତା ବୃଦ୍ଧି କରିନାହିଁ ବରଂ ସ୍ୱେଚ୍ଛାସେବୀମାନଙ୍କୁ ସଶକ୍ତ କରିଛି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଏବଂ ମହିଳା ଥିଲେ।

୨୦୧୭ରେ ୟୁନେସ୍କୋ କୁମ୍ଭମେଳାକୁ ସଭ୍ୟତାର ଚିରନ୍ତନୀ ସାଂସ୍କୃତିକ ଐତିହ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରିଥିଲା। ୨୦୧୯ ସଂସ୍କରଣ ଏହି ସମ୍ମାନକୁ ବଜାୟ ରଖିଥିଲା, ଯେଉଁଥିରେ ଭାରତର ଅତୁଳନୀୟ କ୍ଷମତା ଓ ପରିବ୍ୟାପ୍ତିକୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।

ପ୍ରୟାଗରାଜରେ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା-୨୦୨୫ରେ ସମଗ୍ର ବିଶ୍ୱର ୩୦ କୋଟିରୁ ଅଧିକ ତୀର୍ଥଯାତ୍ରୀ ଆସିବେ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ମହାକୁମ୍ଭର ପବିତ୍ରତା ବଜାୟ ରଖିବା ଏବଂ ଏହାର ବିଶ୍ୱସ୍ତରୀୟ ଉପସ୍ଥିତିକୁ ଆହୁରି ବ୍ୟାପକ କରିବା ପାଇଁ ନିୟମିତ ସମୀକ୍ଷା କରାଯାଉଛି। ତୀର୍ଥଯାତ୍ରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସେ ଗ୍ରହଣ କରୁଥିବା ଆଭିମୁଖ୍ୟ, ନିରପେକ୍ଷ କାର୍ଯ୍ୟକାରିତା ପ୍ରତି ତାଙ୍କର ସମର୍ପଣ ଭାବକୁ ଦର୍ଶାଉଛି। ସାମୂହିକ ଭାଗିଦାରୀକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ୨୦୧୯ରେ ଏହି ଅଦ୍ଭୁତ ମେଳାର ସଫଳତାରୁ ପ୍ରେରଣା ନେଇ ଆଗାମୀ ସଂସ୍କରଣ ଭକ୍ତି, ବୈଷୟିକ ଜ୍ଞାନକୌଶଳ ଏବଂ ନିରନ୍ତରତାର ଏକ ନିରବଚ୍ଛିନ୍ନ ମିଶ୍ରଣ ହେବ ଏବଂ ନୂତନ ବିଶ୍ୱସ୍ତରୀୟ ମାନଦଣ୍ଡ ମଧ୍ୟ ସ୍ଥାପନ କରିବ ବୋଲି ଆଶା କରାଯାଇଛି।

ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ପବିତ୍ର ସ୍ନାନ ତଥା ବୁଡ଼ ପକାଇବା ଲାଗି ସ୍ଥାନର ବିକାଶ ଏବଂ ସହଜ ଉପଲବ୍ଧି। ଏଥିଲାଗି ଘାଟ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ଭିଡ଼ ଏଡ଼ାଇବା ପାଇଁ ଅତ୍ୟାଧୁନିକ ଭିଡ଼ ପରିଚାଳନା କୌଶଳ ଉପଯୋଗ କରାଯାଇଛି। ପ୍ରୟାଗରାଜକୁ ପ୍ରମୁଖ ସହର ସହ ସଂଯୋଗ କରିବା ଲାଗି ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି। ଏକ ଉନ୍ନତ ରେଳ ନେଟୱାର୍କ ଓ ପରିବହନ ଭିତ୍ତିଭୂମିକୁ ବୃଦ୍ଧି କରାଯାଉଛି। ଭାରି ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ମଲ୍ଟି ଲେନ୍ ରାଜପଥ, ଉନ୍ନତ ଛକ ଏବଂ ସମ୍ପ୍ରସାରିତ ପାର୍କିଂ ଅଞ୍ଚଳ ବିକଶିତ କରାଯାଇଛି। ଏହାବ୍ୟତୀତ ପ୍ରୟାଗରାଜ ବିମାନ ବନ୍ଦରର ସମ୍ପ୍ରସାରଣ କରାଯାଇ ବର୍ଦ୍ଧିତ ଯାତ୍ରୀ ସଂଖ୍ୟାକୁ ସମ୍ଭାଳିବା ଲାଗି କ୍ଷମତାପନ୍ନ କରାଯିବା ସହ ଅନ୍ତର୍ଜାତୀୟ ତୀର୍ଥଯାତ୍ରୀଙ୍କ ପାଇଁ ଚାର୍ଟର୍ଡ଼ ବିମାନ ଚଳାଚଳ ଆରମ୍ଭ କରାଯାଇଛି।

ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସେବାପାଇଁ ସର୍ବସାଧାରଣ ସୁବିଧାଗୁଡ଼ିକର ଅଭୁତପୂର୍ବ ସ୍ତରରେ ଉନ୍ନତିକରଣ କରାଯାଇଛି। ୫୦ ହଜାରରୁ ଅଧିକ ପରିବେଶ ଅନୁକୂଳ ଶୌଚାଳୟ ଏବଂ ପୋର୍ଟେବଲ୍ ପରିମଳ ୟୁନିଟ୍ ଦ୍ୱାରା ସ୍ୱଚ୍ଛତା ଏବଂ ସୁବିଧା ସୁନିଶ୍ଚିତ କରାଯାଇଛି। ବିଶୁଦ୍ଧ ପାନୀୟ ଜଳ ସୁବିଧା, ସୌରଶକ୍ତି ଚାଳିତ ଆଲୋକ ଏବଂ ବିଶାଳ ଆଶ୍ରୟସ୍ଥଳୀ ମଧ୍ୟ ବିକଶିତ କରାଯାଇଛି, ଯାହା ତୀର୍ଥଯାତ୍ରୀଙ୍କ ଆରାମ ଏବଂ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ମହାକୁମ୍ଭ-୨୦୨୫ ଅନୁଭୂତିକୁ ଆନନ୍ଦଦାୟକ କରିବାରେ ବୈଷୟିକ ଜ୍ଞାନକୌଶଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଡ୍ରୋନ୍ ସହାୟତାରେ ଏଆଇ ଚାଳିତ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ଭିଡ଼କୁ ରୋକିବା ପାଇଁ ରିୟଲ୍ ଟାଇମ୍ ଭିତ୍ତିରେ ଭିଡ଼ ଘନତା ଉପରେ ନଜର ରଖିବ। ତୀର୍ଥଯାତ୍ରୀମାନେ ଏକ ଉତ୍ସର୍ଗୀକୃତ ମୋବାଇଲ ଆପ୍ ଆକସେସ୍ କରିପାରିବେ, ଯେଉଁଥିରେ ରାସ୍ତାର ଦିଗ, ଘାଟର ସମୟ, ପାଣିପାଗ ଅପଡେଟ୍ ଏବଂ ଜରୁରୀକାଳୀନ ସେବା ବିଷୟରେ ରିଅଲ ଟାଇମ୍ ସୂଚନା ପାଇପାରିବେ। ଏହାବ୍ୟତୀତ ୟୁପିଆଇ ସମର୍ଥିତ କିଓସ୍କ ସମେତ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ମାଧ୍ୟମରେ କ୍ୟାସ୍‌ଲେସ୍ ଅର୍ଥନୀତିକୁ ପ୍ରୋତ୍ସାହିତ କରାଯାଇଛି, ଯାହା ବିକ୍ରେତା ଏବଂ ତୀର୍ଥଯାତ୍ରୀଙ୍କ ପାଇଁ କାରବାରକୁ ସହଜ କରିବ।

୨୦୧୯ରେ ଆରମ୍ଭ ହୋଇଥିବା ସବୁଜ ପଦକ୍ଷେପଗୁଡ଼ିକ ୨୦୨୫ ମେଳାର ମୂଳଦୁଆ। ଏହା ବ୍ୟାପକ ରିସାଇକ୍ଲିଂ ବ୍ୟବସ୍ଥା ଏବଂ କମ୍ପୋଷ୍ଟିଂ ସୁବିଧା ସହିତ ଏକ ଶୂନ୍ୟ ବର୍ଜ୍ୟବସ୍ତୁ ନୀତି କାର୍ଯ୍ୟକୁ ମାର୍ଗଦର୍ଶନ କରିବ। ପ୍ଲାଷ୍ଟିକ୍ ବ୍ୟବହାରକୁ କଡ଼ାକଡ଼ି ଭାବେ ନିୟନ୍ତ୍ରଣ କରାଯିବା ସହ ପ୍ୟାକେଜିଂ ଓ ୟୁଟିଲିଟି ପାଇଁ ବାୟୋଡିଗ୍ରେଡେବଲ୍ ବିକଳ୍ପକୁ ପ୍ରୋତ୍ସାହିତ କରାଯାଇଛି। ଉନ୍ନତ ଜଳ ବିଶୋଧନ କାରଖାନା ଏବଂ ବାସ୍ତବିକ ସମୟରେ ଗୁଣବତ୍ତା ନିରୀକ୍ଷଣ ପ୍ରଣାଳୀ ଗଙ୍ଗା ଓ ଯମୁନା ନଦୀର ଶୁଦ୍ଧତାକୁ ସୁନିଶ୍ଚିତ କରିବ। ନଦୀ କୂଳରେ ବ୍ୟାପକ ବନୀକରଣ ଅଭିଯାନର ଉଦ୍ଦେଶ୍ୟ ହେଉଛି ମୃତ୍ତିକା କ୍ଷୟ ହ୍ରାସ କରିବା ଏବଂ ଜଳ ଧାରଣରେ ଉନ୍ନତି ଆଣିବା। ସୌର ପ୍ୟାନେଲ ଏବଂ ଜୈବ ଶକ୍ତି ପ୍ରଣାଳୀ ପରି ଅକ୍ଷୟ ଶକ୍ତି ଉତ୍ସ ମେଳାର ଏକ ବିଶାଳ ଅଂଶକୁ ଶକ୍ତି ପ୍ରଦାନ କରିବ, ଯାହା ଏହାର କାର୍ବନ ଫୁଟପ୍ରିଣ୍ଟକୁ ଯଥେଷ୍ଟ ହ୍ରାସ କରିବ।

ଏହି ବିଶାଳ ଆୟୋଜନ ପାଇଁ ସୁରକ୍ଷା ଏବଂ ନିରାପତ୍ତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଆଇ-ସମ୍ବର୍ଦ୍ଧିତ ମୁହଁ ଚିହ୍ନିପାରୁଥିବା ଟେକ୍ନୋଲୋଜି ସହ ୧୦ ହଜାରରୁ ଅଧିକ ସିସିଟିଭି କ୍ୟାମେରା ପରିସର ଉପରେ ନଜର ରଖିବ। ଏହା ସହ ପାରାମେଡ଼ିକ୍ସ, ଅଗ୍ନିଶମ ସେବା ଏବଂ ବିପର୍ଯ୍ୟୟ ମୁକାବିଲା ଟିମ୍ ସମେତ ହଜାର ହଜାର କର୍ମଚାରୀ ନିୟୋଜିତ ହେବେ। ଆସୁଥିବା ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ଯତ୍ନ ନେବା ଲାଗି ଅତ୍ୟାଧୁନିକ ଚିକିତ୍ସା ସୁବିଧାରେ ସଜ୍ଜିତ ଏବଂ ଟେଲିମେଡ଼ିସିନ୍ ସେବା ଦେଇପାରୁଥିବା ଅସ୍ଥାୟୀ ଡାକ୍ତରଖାନା ଏବଂ କ୍ଲିନିକ୍ କାର୍ଯ୍ୟକ୍ଷମ ହୋଇଛି।

ମହାକୁମ୍ଭ ମେଳା-୨୦୨୫ ମଧ୍ୟ ଭାରତ ଏକ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ପ୍ରଦର୍ଶନୀ ହେବ। ଉତ୍ସର୍ଗୀକୃତ ମଣ୍ଡପରେ ଦେଶର ବିଭିନ୍ନ ସ୍ଥାନରୁ ପାରମ୍ପରିକ ସଙ୍ଗୀତ, ନୃତ୍ୟ ଓ କଳା ପରିବେଷଣ କରାଯିବା ସହ ଭିଆର ଅନୁଭୂତି ସହିତ କୁମ୍ଭମେଳାର ଇତିହାସ ଓ ବିଜ୍ଞାନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ବିଶ୍ୱର ବିଭିନ୍ନ କୋଣରୁ ଆଧ୍ୟାତ୍ମିକ ନେତା ଏବଂ ପଣ୍ଡିତମାନଙ୍କୁ ନେଇ ଆନ୍ତଃଧାର୍ମିକ ଆଲୋଚନା ଆୟୋଜନ କରାଯାଇଛି, ଯାହା ବିଭିନ୍ନ ଧର୍ମ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିବ। ଯୁବବର୍ଗଙ୍କ ଭିତରେ ଦାୟିତ୍ୱ ଏବଂ ଆଧ୍ୟାତ୍ମିକ ଭାବ ଅଭିବୃଦ୍ଧି ଲାଗି ଭିନ୍ନଭିନ୍ନ କର୍ମଶାଳା, ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ସହ ସ୍ୱେଚ୍ଛାସେବୀ ସୁଯୋଗକୁ ପ୍ରୋତ୍ସାହିତ କରାଯାଇଛି।

କୁମ୍ଭମେଳାର ବିଶ୍ୱସ୍ତରୀୟ ଆକର୍ଷଣକୁ ବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନ ଅନୁକୂଳ ପଦକ୍ଷେପ ଯଥା ବହୁଭାଷୀ ସୂଚନା କେନ୍ଦ୍ର ଏବଂ ଗାଇଡେଡ୍ ଟୁର୍ ବ୍ୟବସ୍ଥା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଐତିହ୍ୟ ପଦଯାତ୍ରା ସମେତ ଆଧ୍ୟାତ୍ମିକ ପର୍ଯ୍ୟଟନ ପ୍ୟାକେଜ୍ ଏହି ଅଞ୍ଚଳର ସମୃଦ୍ଧି ଇତିହାସ ଉପରେ ଆଲୋକପାତ କରିବ। ଦିବ୍ୟାଙ୍ଗମାନଙ୍କ ପାଇଁ ହ୍ୱିଲ୍‌ଚେୟାର ଉପଲବ୍ଧ ଅଞ୍ଚଳ ଏବଂ ବ୍ୟକ୍ତିଗତ ସହାୟତା ସମେତ ପ୍ରଭୃତି ବ୍ୟବସ୍ଥା ସମସ୍ତଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ବାତାବରଣ ସୁନିଶ୍ଚିତ କରିବ।

୨୦୨୫ର ମହାକୁମ୍ଭ ମେଳା ଏକ ପରିବ୍ୟାପ୍ତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଏବଂ ଏହାର ଉତ୍କୃଷ୍ଟ ପରିଚାଳନାରେ ଏକ ଭବ୍ୟ ନିଦର୍ଶନ ପାଲଟିବ। ଏହି କାର୍ଯ୍ୟକ୍ରମ ବିଶ୍ୱାସ, ନବସୃଜନ ଏବଂ ସ୍ଥିରତାକୁ ଏକ ଅଭୁତପୂର୍ବ ସ୍ତରରେ ସଂଯୋଜନା କରୁଛି। ଏହା ଭାରତର ପ୍ରାଚୀନ ପରମ୍ପରାକୁ ସମ୍ମାନ ଦେବା ସହ ଆଧୁନିକ ବିକାଶକୁ ଗ୍ରହଣ କରି ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ପ୍ରଦାନ କରିବ।



# ଜେଲରେ ବନ୍ଦୀ ଥିବା ବ୍ୟକ୍ତିମାନଙ୍କ ତାଲିକା ତୁରନ୍ତ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସୋମବାର ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜରୁରୀକାଳୀନ ପରିସ୍ଥିତି ଜାରି ହେବା ସମୟରେ ଯେଉଁମାନେ ଏମ୍‌ଆଇଏସ୍‌ଏ, ଡିଆଇଆର ଓ ଡିଆଇଏସ୍‌ଆଇଆର୍ ଆଇନ ବଳରେ ରାଜ୍ୟର ବିଭିନ୍ନ ଜେଲରେ କାରାବରଣ କରିଥିଲେ ସେମାନଙ୍କ ଏକ ନିର୍ଭୁଲ ତାଲିକା ଜିଲ୍ଲା ସ୍ତରରେ ପ୍ରସ୍ତୁତ କରାଯିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ଆଭାସି ଯୋଗେ ସମସ୍ତ ଜିଲ୍ଲାପାଳ ଓ ଏସପିମାନଙ୍କ ସହ କଥାବାର୍ତ୍ତା କରିଥିଲେ । ଆବେଦନକାରୀଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ସମ୍ପୃକ୍ତ ଜିଲ୍ଲାର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଆବେଦନପତ୍ର ସହିତ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ ଏବଂ ତିନି ଜଣ ପ୍ରମୁଖ ସହ-ବନ୍ଦୀଙ୍କ ନାମ ଏବଂ ଓଡ଼ିଶା ରାଜ୍ୟରେ ଉକ୍ତ ସମୟ ମଧ୍ୟରେ ଏମ୍‌ଆଇଏସ୍‌ଏ କିମ୍ବା ଡିଆଇଆର କିମ୍ବା ଡିଆଇଏସ୍‌ଆଇଆର୍ ଅଧୀନରେ ତାଙ୍କ ଅଟକର ସମର୍ଥନରେ ଏକ ଶପଥପତ୍ର ଦାଖଲ କରିବାକୁ ପଡିବ । ଆବେଦନ ଫର୍ମରେ ନାମ, ପିତା/ସ୍ୱାମୀଙ୍କ ନାମ, ଜନ୍ମ ତାରିଖ, ଠିକଣା (ସ୍ଥାୟୀ ଏବଂ ଚିଠିପତ୍ର ଉଭୟ), ଆଧାର ନମ୍ବର (ଆଧାର କାର୍ଡର କପି ସହିତ), ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ଅଟକ ଅବଧି ଏବଂ ଅଟକ ସ୍ଥାନ, ପାସପୋର୍ଟ ଆକାର ଫଟୋଗ୍ରାଫ ପାଇଁ ସ୍ଥାନ, ଆବେଦନକାରୀଙ୍କ ପରିଚୟ ଚିହ୍ନ, ନିର୍ଦ୍ଧାରିତ ଫର୍ମାଟରେ ପେନସନ ଏବଂ ପ୍ରତିଶ୍ରୁତି ପାଇବାକୁ ଇଚ୍ଛୁକ ଟ୍ରେଜେରୀର ନାମ ରହିବ । ଆବେଦନ ପାଇବା ପରେ, ଏହାକୁ କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ କମିଟି ସମ୍ମୁଖରେ ରଖାଯିବ, ଯେଉଁଥିରେ ଜିଲ୍ଲାର ପୋଲିସ ଅଧୀକ୍ଷକ ଏବଂ ଜିଲ୍ଲା/ସ୍ୱତନ୍ତ୍ର ଜେଲ/ସବଜେଲର ଜେଲ ଅଧୀକ୍ଷକ (ମାନେ) ଆବେଦନଗୁଡ଼ିକର ଯାଞ୍ଚ ପାଇଁ ସଦସ୍ୟ ଭାବରେ ରହିବେ । ଉକ୍ତ କମିଟି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବେ । ସମ୍ପୃକ୍ତ କଲେକ୍ଟର ଏବଂ ଡି.ଏମ୍. କମିଟି ଦ୍ୱାରା ସୁପାରିଶ କରାଯାଇଥିବା ଯୋଗ୍ୟ ଆବେଦନକାରୀଙ୍କ ତାଲିକା ସହିତ ସହାୟକ ଡକ୍ୟୁମେଣ୍ଟଗୁଡ଼ିକୁ ସରକାରଙ୍କ ଗୃହ ବିଭାଗକୁ ବିଚାର ପାଇଁ ପ୍ରଦାନ କରିବେ । ସମ୍ପୃକ୍ତ ଜିଲ୍ଲା କଲେକ୍ଟରଙ୍କଠାରୁ ପ୍ରାପ୍ତ ସୁପାରିଶଗୁଡ଼ିକୁ ବିଚାର କରିବା ପାଇଁ ସଚିବ (ସ୍ୱରାଷ୍ଟ୍ର ବିଭାଗ), ସଚିବ (ଅର୍ଥ ବିଭାଗ), ସଚିବ (ଆଇନ ବିଭାଗ), ଆର୍ଥିକ ପରାମର୍ଶଦାତା (ସ୍ୱରାଷ୍ଟ୍ର), ମହାନିର୍ଦ୍ଦେଶକ (ପୋଲିସ) ଏବଂ ମହାନିର୍ଦ୍ଦେଶକ (କାରାଗାର)ଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ କମିଟି ଗଠନ କରାଯିବ । ଗୃହ ବିଭାଗ ଉପରୋକ୍ତ ରାଜ୍ୟ ସ୍ତରୀୟ କମିଟିର ସୁପାରିଶ ଆଧାରରେ ଯୋଗ୍ୟ ଆବେଦନକାରୀଙ୍କ ସପକ୍ଷରେ ଲାଭ ବୃଦ୍ଧି ପାଇଁ ସରକାରୀ ନିର୍ଦ୍ଦେଶ ପାଇବ ଏବଂ ପେନସନ ଆଦାୟ ପାଇଁ ଯୋଗ୍ୟ ଆବେଦନକାରୀଙ୍କ ସପକ୍ଷରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଜାରି କରିବ । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଏହି ସୁବିଧାଗୁଡ଼ିକ ୧ ଜାନୁଆରୀ, ୨୦୨୫ରୁ ଆରମ୍ଭ ହେଉଥିବା ଅବଧି ପାଇଁ ପ୍ରଦାନ କରାଯିବ । ୧ ଜାନୁଆରୀ, ୨୦୨୫ ପୂର୍ବ ଅବଧି ପାଇଁ କୌଣସି ସୁବିଧା ପ୍ରଦାନ କରାଯିବ ନାହିଁ । ଏହା ଅର୍ଥ ବିଭାଗ ଦ୍ୱାରା ସେମାନଙ୍କର ଓଏସ୍‌ଡବ୍ଲୁଏସ୍ ଫାଇଲ୍ ନଂ. ଏଫ୍‌ଆଇଏନ୍ - ଜିଏସ୍୧-ପିଇଏନ୍-୦୦୪୦-୨୦୨୪ ମାଧ୍ୟମରେ ମଞ୍ଜୁର ହୋଇଛି । ଏହି ପେନସନ ଓଡ଼ିଶା ରାଜ୍ୟରେ ୨୫/୦୬/୧୯୭୫ରୁ ୨୧/୦୩/୧୯୭୭ ପର୍ଯ୍ୟନ୍ତ ଏମ୍‌ଆଇଏସ୍‌ଏ କିମ୍ବା ଡିଆଇଆର କିମ୍ବା ଡିଆଇଏସ୍‌ଆଇଆର ଅଧୀନରେ ବନ୍ଦୀ (ଯେଉଁମାନେ: ୦୧.୦୧.୨୦୨୫ ପର୍ଯ୍ୟନ୍ତ ଜୀବିତ ଥିଲେ)ଙ୍କ ସପକ୍ଷରେ ଦିଆଯିବ । ଅର୍ଥ ବିଭାଗ/ସ୍ୱରାଷ୍ଟ୍ର ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶ ପାଳନ କରି ସମ୍ପୃକ୍ତ ଟ୍ରେଜେରୀ ଦ୍ୱାରା ପ୍ରତି ମାସରେ ମାସିକ ଆର୍ଥିକ ଲାଭ ଯୋଗ୍ୟ ଆବେଦନକାରୀଙ୍କୁ ବଣ୍ଟନ କରାଯିବ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି । ବୈଠକରେ ବିଧି ବିଭାଗର ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଜେଲ ବିଭାଗର ମହାନିର୍ଦ୍ଦେଶକ ଅରୁଣ ରାୟ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଆର କେ ଶର୍ମା, ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ସୌମେନ୍ଦ୍ର ପାତ୍ର, ବିଧି ବିଭାଗର ଅତିରିକ୍ତ ଶାସନ ସଚିବ ଏସ ମହାପାତ୍ର, ଗୃହ ବିଭାଗର ଏ ଏଫ ଏ ଗଙ୍ଗାଧର ମଲ୍ଲିକ, ଅର୍ଥ ବିଭାଗର ଉପଶାସନ ସଚିବ ଅଶୋକ କୁମାର ଦୀକ୍ଷିତ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ ।

# ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ଜୀବନୀ ଓ କୃତି ଉପରେ ପୁସ୍ତକ ଉନ୍ମୋଚନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ଇତିହାସ କଂଗ୍ରେସର ୪୪ତମ ଅଧିବେଶନ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଗତ ଜାନୁଆରୀ ୧୧ -୧୨ ରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ନେସନାଲ ମନୁମେଣ୍ଟ ଅଥରିଟିର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିଦ ପ୍ରଫେସର ଏଲ.ଏସ.ନିଗମ, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ, ଇତିହାସ କଂଗ୍ରେସର




ସଭାପତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ ଓ ସମ୍ପାଦକ ଡଃ ସୁବାଷ ଚନ୍ଦ୍ର ବାରିକଙ୍କ ଦ୍ୱାରା କଂଗ୍ରେସ ସଦସ୍ୟ ଓ ନିମନ୍ତ୍ରିତ ଅତିଥି ମାନଙ୍କ ଉପସ୍ଥିତିରେ ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ 'ପ୍ରଫେସର ଜଗନ୍ନାଥ ପଟ୍ଟନାୟକ: ଏ ପ୍ରୋଫାଇଲ୍' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ପୁସ୍ତକଟିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଡଃ ଜଗନ୍ନାଥ ପଟ୍ଟନାୟକଙ୍କ ଜୀବନୀ ଓ ଓଡ଼ିଶା ଇତିହାସ ରଚନାରେ ତାଙ୍କର ମୂଲ୍ୟବାନ ଅବଦାନକୁ ଦର୍ଶାଯାଇଛି । ପୁସ୍ତକର ରଚୟିତା ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ଏଥିପାଇଁ ଇତିହାସ କଂଗ୍ରେସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆଞ୍ଚଳିକ ଶିକ୍ଷାପ୍ରତିଷ୍ଠାନ ସମୂହର ଛାତ୍ରସମ୍ମେଳନ ଉଦ୍‌ଯାପିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**
ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଆୟୋଜିତ ପଞ୍ଚଦିବସୀୟ ସର୍ବଭାରତୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଛାତ୍ର ସମ୍ମେଳନ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଭୁବନେଶ୍ୱର ସମେତ ଆଜମେର, ଭୋପାଳ, ମୈସୁର ଓ ସିଲଂଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀ ଏଥିରେ ବିଭିନ୍ନ ସାହିତ୍ୟ ଓ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ ରାଜ୍ୟବିଦ୍ୟାଳୟ ଓ ଗଣଶିକ୍ଷା, ଜନଜାତି – ପଛୁଆବର୍ଗ, ସଂଖ୍ୟାଲଘୁ, ବିକାଶ,ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ବହୁ ଭାଷିକତା ଓ ସାଂସ୍କୃତିକ ବିବିଧତାର ପରିଚୟ ବହନ କରୁଥିବା ଭାରତବର୍ଷ ବସୁଧୈବ କୁଟୁମ୍ବକମ୍ ପାଇଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧ । ଆମ ପ୍ରତିଭା ଆମକୁ ପରିଚୟ ପ୍ରଦାନ କରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଏକାଗ୍ରତା ଆବଶ୍ୟକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଓ ରାଞ୍ଚିର ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ ଯେ, ଶୃଙ୍ଖଳା ଓ ନିଷ୍ଠା ସର୍ବଦା ସଫଳତାର ଚାବି କାଠି ହୋଇଆସିଛି । ଛାତ୍ର ଛାତ୍ରୀମାନେ ଅଧ୍ୟୟନ ଓ ଗବେଷଣା ସହ ଖେଳକୁଦରେ ବି ନିଜର ଆଗ୍ରହ ପ୍ରକାଶ କରିବା ଆବଶ୍ୟକ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଦ୍ୱିତୀୟ ଥର ପାଇଁ ପ୍ରତିଷ୍ଠାନ ପରିସରରେ ଆୟୋଜିତ ହେବା ଗୌରବର କଥା ବୋଲି ମତ ଦେଇ ଛାତ୍ର ଛାତ୍ରୀମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ସହ ବିବିଧତାରେ ଏକତା ସମ୍ମେଳନ ଆୟୋଜନର ପ୍ରମୁଖ ଅଭିମୁଖ୍ୟ ବୋଲି କହିଥିଲେ । ବିଭିନ୍ନ ଭାଷା, ଅଞ୍ଚଳ ଓ ସଂସ୍କୃତି ପୃଷ୍ଠଭୂମିରୁ, ଛାତ୍ରଛାତ୍ରୀଙ୍କୁ ଏକାଠିକରି ଭବିଷ୍ୟତର ଶିକ୍ଷକମାନଙ୍କ ମଧ୍ୟରେ ସାମଗ୍ରିକ ଶିକ୍ଷା, ସାଂସ୍କୃତିକ ବୁଝାମଣା ଓ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରୋତ୍ସାହିତ କରୁଥିବା ଏହି ସମ୍ମେଳନରେ ବିତର୍କ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ଫୁଟବଲ, ଭଲିବଲ, ବ୍ୟାଡ୍‌ମିଣ୍ଟନ ସମେତ ବିଭିନ୍ନ ବିଭାଗର ଦୌଡ଼ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରିଶେଷରେ ପ୍ରଫେସର ରୀତାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି-ୟାସିର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରଦେଶ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ତଥା ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ବିନା ଅଧ୍ୟାପକରେ ଚାଲିଛି ବିଶ୍ୱବିଦ୍ୟାଳୟ । ତେଣୁ ଏଠାରେ ଛାତ୍ରଛାତ୍ରୀମାନଙ୍କୁ କିଭଳି ଉଚ୍ଚଶିକ୍ଷା ଦିଆଯାଉଛି, ତାହା ସ୍ପଷ୍ଟ ହୋଇ ବାରିହୋଇ ପଡୁଛି । ସରକାର ଶିକ୍ଷା ବିଭାଗରେ ବଜେଟରେ ଯେତେ ଅର୍ଥ ବ୍ୟବସ୍ଥା କଲେ ବି ଉଚ୍ଚଶିକ୍ଷାର ଦୂରବସ୍ଥାରେ ପରିବର୍ତନ ହେଉନାହିଁ । ଯାହାଫଳରେ ଘରୋଇ ଉଚ୍ଚଶିକ୍ଷା ଅନୁଷ୍ଠାନ ଲାଭବାନ ହେଉଛନ୍ତି ଏବଂ ଶିକ୍ଷାର ଘରୋଇକରଣ ବୃଦ୍ଧି ପାଉଛି । ଅର୍ଥ ନଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କ ଜୀବନର ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ । ବର୍ତମାନ ସମସ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସଂଖ୍ୟା ବିପଦଜନକ ସ୍ଥିତିରେ ଅଛି । ଏଥର ନାକ୍ ମାନ୍ୟତା ପାଇବାରେ ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକ ନିଶ୍ଚିତ ପ୍ରଭାବିତ ହେବ । ୟୁଜିସି ଚିଠି ପ୍ରସ୍ତାବରେ ନାକ୍ ମାନ୍ୟତାର ମାନଦଣ୍ଡ ବହୁ ବିଶ୍ୱବିଦ୍ୟାଳୟମାନେ ପୂରଣ କରିପାରୁ ନାହାଁନ୍ତି । ନାକ୍ ମାନ୍ୟତାରେ ୭୫ ପ୍ରତିଶତ ଅଧ୍ୟାପକ ରହିବା ଜରୁରୀ । ମାତ୍ର ବିଡ଼ମ୍ବନାର କଥା ଏହିକି ଯେ, ଓଡ଼ିଶାରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ୬୦ ପ୍ରତିଶତ ଅଧ୍ୟାପକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଛି । ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି ଉତ୍କଟ ଜନକ ସ୍ଥିତି ସୃଷ୍ଟି କରିଛି । ଏଣୁ ବିଦ୍ୟାର୍ଥୀମାନେ ଗୁଣାତ୍ମକ ଶିକ୍ଷାରୁ ବଂଚିତ ହେଉଛନ୍ତି । ରାଜ୍ୟର ସମୁଦାୟ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି । ଯେଉଁଥିରେ ସମୁଦାୟ ୧୯୧୧ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ମାତ୍ର ୭୨୪ ଅଧ୍ୟାପକ ପଦବୀ ପୂରଣ ରହିଥିବା ବେଳେ ୧୧୮୭ ପଦବୀ ଖାଲି ପଡ଼ିଛି । ଏପରିକି ଓଡ଼ିଶାରେ ଶିକ୍ଷାର କୋଣାର୍କ କୁହାଯାଉଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ସମୁଦାୟ ୨୬୭ ଅଧ୍ୟାପକ ପଦବୀରୁ ୧୫୭ଟି ପଦବୀ ଖାଲି ପଡ଼ିଛି । ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟରେ ମଧ୍ୟ ୨୪୪ଟି ପଦବୀରୁ ୧୧୮ଟି ପଦବୀ ଖାଲି ପଡ଼ିଛି । ଓଡ଼ିଆ ବିଶ୍ୱବିଦ୍ୟାଳୟରୁ ୨୧ଟି ପଦବୀରୁ ୨୧ଟି ପଦବୀ ଖାଲି ପଡ଼ିଛି । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ମହାବିଦ୍ୟାଳୟର ୧୧୫ରୁ ୬୫ଟି ପଦବୀ ଖାଲି ପଡ଼ିଛି । ସେହିଭଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୧୪ରୁ ୭୭, ସମ୍ବଲପୁର ବଶ୍ୱବିଦ୍ୟାଳୟରେ ୧୩୫ରୁ ୭୧, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୧୭ରୁ ୪୯, ରମାଦେବୀ ବିଶ୍ୱବିଦ୍ୟାଳୟରେ ୧୩୭ରୁ ୭୭ଟି ପଦବୀ ଖାଲି ପଡ଼ିଛି । ଏଭଳି ଉଦ୍‌ବେଗଜନକ ପରିସ୍ଥିତିରେ କିଭଳି ପାଠପଢା ଚାଲିଛି ତାହା ଆଶ୍ଚର୍ଯ୍ୟ ଲାଗୁଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାର, ସେ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରନ୍ତୁ, ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ତୁରନ୍ତ ପୂରଣ କରିବାକୁ ପଦକ୍ଷେପ ନିଅନ୍ତୁ । ଓଡ଼ିଶାରେ ବିଜେପି ସରକାର ୭ ମାସ ଧରି ଶାସନ କଳାପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ନୀରବଦ୍ରଷ୍ଟା ସାଜିଛନ୍ତି । ଯଦି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଧ୍ୟାପକ ପଦବୀ ପୂରଣ ନହୁଏ, ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି ।

# ଆୟୁଷ୍ମାନ ଭାରତ ଏମଓୟୁ ପାଇଁ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,**
ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ, ଭାରତ ସରକାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ମଧ୍ୟରେ ଏମଓୟୁ ପାଇଁ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ । ଶ୍ରୀ ମୋଦୀ କହିଛନ୍ତି ଯେ ଏହି ଯୋଜନା ଲୋକମାନଙ୍କୁ, ବିଶେଷକରି ନାରୀ ଶକ୍ତି ଓ ବରିଷ୍ଠ ନାଗରିକମାନଙ୍କୁ ସୁଲଭ ମୂଲ୍ୟରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏକ୍ସରେ କରାଯାଇଥିବା ଏକ ପୋଷ୍ଟର ଜବାବରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି:
"ଓଡ଼ିଶାର ଲୋକମାନଙ୍କୁ ଅଭିନନ୍ଦନ! ଏହା ଏକ ବିଡ଼ମ୍ବନା ଯେ ପୂର୍ବବର୍ତ୍ତୀ ସରକାର ମୋ ଓଡ଼ିଶାର ଭାଇ ଓ ଭଉଣୀମାନଙ୍କୁ ଆୟୁଷ୍ମାନ ଭାରତର ସୁବିଧା ପାଇବାରୁ ବଂଚିତ କରି ରଖିଥିଲେ । ଏହି ଯୋଜନା ସୁଲଭ ମୂଲ୍ୟରେ ଉଚ୍ଚମାନର ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବ । ଏହା ବିଶେଷଭାବରେ ନାରୀ ଶକ୍ତି ଓ ବରିଷ୍ଠ ନାଗରିକମାନଙ୍କୁ ଉପକୃତ କରିବ ।"

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଆନୁକୂଲ୍ୟରେ ଭୁବନେଶ୍ୱର ଏକାମ୍ର କାନନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ଏହି ବାର୍ଷିକ ପୁଷ୍ପ ପ୍ରଦର୍ଶନୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗତ ୭ ତାରିଖରେ ଉଦଘାଟନ କରିଥିବା ବେଳେ ୧୨ ତାରିଖରେ ଏହି ପ୍ରଦର୍ଶନୀ ଉଦଯାପିତ ହୋଇଥିଲା । ଜେଏସପିର ପୁଷ୍ପ ପ୍ରଦର୍ଶନୀ ଉଭୟ ବିଚାରକ ଏବଂ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା । "ପ୍ରବାସୀ ଭାରତୀ"ର ବାର୍ତ୍ତା ଦେଇ ଏଥିରେ ବିରଳ ପ୍ରଜାତିର ଫୁଲକୁ ପ୍ରଦର୍ଶିତ କରାଯାଇଥିଲା । ଓଡ଼ିଶାର ବିକାଶରେ ଅଣ ଅବାସିକ ଭାରତୀୟ (ଏନଆରଆଇ)ଙ୍କୁ ନିମନ୍ତ୍ରଣ ଦେବା ଲକ୍ଷ୍ୟରେ ଏଭଳି ଏକ ବାର୍ତ୍ତା ଦିଆଯାଇଥିଲା । ଜେଏସପି ଅନୁଗୁଳର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଶ୍ରୀ. ବି.ପି ମିଶ୍ର ଏବଂ ଇଏମଡି ଉପାଧ୍ୟକ୍ଷ ଶ୍ରୀ ଅଲୋକ ସାହୁଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନରେ ଜେଏସପି ଅନୁଗୁଳର ଉଦ୍ୟାନ କୃଷି ଟିମ୍ ଚମତ୍କାର ଉପସ୍ଥାପନ କରିଥିଲେ, ଯାହା ସମସ୍ତ ପ୍ରତିଯୋଗୀଙ୍କୁ ପଛରେ




ପକାଇ ଦେଇଥିଲା । ଡ. ଏସ.ପି. ଶର୍ମା, ଶ୍ରୀ ବାଚସ୍ପତି ମିଶ୍ର ଏବଂ ଜେଏସପି ଅନୁଗୁଳର ଉଦ୍ୟାନ କୃଷି ଟିମ୍ ପୁଷ୍ପ ପ୍ରଦର୍ଶନୀରେ କଂପାନୀର ପ୍ରତିନିଧିତ୍ୱ କରିଥିଲେ । ଏକ ଦୃଢ଼ ଉପସ୍ଥିତି ଏବଂ ପ୍ରଭାବଶାଳୀ ପ୍ରଦର୍ଶନ ଜରିଆରେ ପୁରସ୍କାର ମଧ୍ୟ ସୁନିଶ୍ଚିତ କରିଥିଲେ । ପ୍ରଦର୍ଶନୀରେ ଟାଟା ଷ୍ଟିଲ, ଓଏମସି, ଆଦାନୀ, ନାଲକୋ, ହିଣ୍ଡାଲକୋ, ଜେଏସଡବ୍ଲୁ, କିଟ୍ ବିଶ୍ୱବିଦ୍ୟାଳୟ ଭଳି ପ୍ରାୟ ୨୦ଟି କର୍ପୋରେଟ୍ ହାଉସ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଂଟିଆ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ପ୍ରେମ କୁମାର ଝା, ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେଶ କୁମାର ପନ୍ତ, ପ୍ଲାଂଟ ଲଭର୍ସ ଆସୋସିଏସନର ସଭାପତି ଶ୍ରୀ ଖିରୋଦ କୁମାର ପଟ୍ଟନାୟକ ଏବଂ ଓଡ଼ିଶା ରୋଜ୍ ସୋସାଇଟିର ସଂପାଦକ ଶ୍ରୀ ହେମନ୍ତ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜେଏସପିର ଉଲ୍ଲେଖନୀୟ ଯୋଗଦାନ ଏବଂ ପ୍ରଥମ ପୁରସ୍କାର ଭାବେ ମିଳିଥିବା ସଫଳତା, ଜେଏସପିର ପରିବେଶ ଓ ସମାଜ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ସେହିପରି ଏହି ସଫଳତା ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ସବୁଜ ଆବରଣକୁ ବୃଦ୍ଧି କରିବା ପ୍ରତି କଂପାନୀର ସମର୍ପଣକୁ ସୂଚିତ କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ଲାଗୁହେଲା ଆୟୁଷ୍ମାନ...

ବର୍ତ୍ତମାନ ଏହି ଯୋଜନା ଓଡିଶାର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଯୋଡିହେବ ଏବଂ ଏହା ଦ୍ୱାରା ଓଡିଶାରେ ୧ କୋଟିରୁ ଅଧିକ ପରିବାର ଦେଶର ୨୯ ହଜାର ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ । ବର୍ତ୍ତମାନ ମାତ୍ର ୯୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବଜେଟ୍‌ରେ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ଯାହାକି ପୂର୍ବ ବର୍ଷ ଅପେକ୍ଷା ୩୨.୨ ପ୍ରତିଶତ ଅଧିକ ଏବଂ ଏହା ରାଜ୍ୟ ବଜେଟର ୮ ପ୍ରତିଶତ । ଏହି ପରିମାଣ ଜାତୀୟ ସ୍ୱାସ୍ଥ୍ୟନୀତିର ସୁପାରିଶ ଅନୁରୂପ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ପୁରୁଷମାନେ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ । ମହିଳା ହିତାଧିକାରୀମାନେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଲ୍, ଆଇ.ଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ ।

### ଏଲ୍‌ଏସି ସ୍ଥିତି ସମ୍ବେଦନଶୀଳ...

ନିୟନ୍ତ୍ରଣ ଭିତରେ ଥିବା ସେ କହିଛନ୍ତି । ଅମରନାଥ ଯାତ୍ରାରେ ଏଥର ୫ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀଙ୍କ ସମାଗମ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଏକ ସକରାତ୍ମକ ପରିବର୍ତ୍ତନକୁ ସୂଚାଉଛି ବୋଲି ସେନା ମୁଖ୍ୟ କହିଛନ୍ତି ।

### ଯୋଡ଼ି ହେବ କଶ୍ମୀରରୁ ଲଦାଖ...

ଅସୁବିଧା । ଲଦାଖକୁ ସବୁ ଋତୁରେ ଯିବା ଆସିବା କରିପାରିବେ ଲୋକେ । ଏହି ଟନେଲ୍ ଦ୍ୱାରା ବିଶେଷ କରି ଭାରତୀୟ ସେନା ଉପକୃତ ହେବେ । ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁକଶ୍ମୀରରେ ଜେଡ୍ ମୋଡ୍ ବା ସୋନମାର୍ଗ ଟନେଲର ଉଦ୍‌ଘାଟନ କରିଛନ୍ତି । ୨୭ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ସାଢେ ୬ କିଲୋମିଟର ଲମ୍ବ ଟନେଲର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ । ଜେଡ୍ ମୋଡ୍ ଟନେଲ ଗଗନଗିରିରୁ ସୋନମାର୍ଗ ପର୍ଯ୍ୟନ୍ତ ରହିଛି । ଏହା ସମୁଦ୍ର ପତ୍ତନରୁ ୮ ହଜାର ୬୫୦ ଫୁଟ୍ ଉଚ୍ଚରେ ରହିଛି । ଲଦାଖକୁ ଯିବା ପାଇଁ ପାହାଡିଆ ଅଞ୍ଚଳ ଦେଇ ବୁଲିବୁଲି ଯିବାକୁ ଆଉ ଅଧିକ ସମୟ ଲାଗିବନି । ବର୍ଷ ତମାମ ବରଫ ଭିତରେ ଫସୁଥିଲେ ପର୍ଯ୍ୟଟକ । ଟନେଲ୍ ହେବା ଦ୍ୱାରା ଚଳାଚଳ ସୁଗମ ହେବ । ଏଥିସହ ପର୍ଯ୍ୟଟନ ଓ ବ୍ୟବସାୟକୁ ମଧ୍ୟ ଦ୍ରୁତ ଗତିରେ ବଢ଼ାଇବାକୁ ଏହି ଟନେଲ ସହାୟକ ହେବ । ହୋଟେଲ, ପରିବହନ, ରେଷ୍ଟୁରାଣ୍ଟ ସହିତ ସ୍ଥାନୀୟ ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବ ।

### ଓଡ଼ିଶା ଆଗାମୀ ଦିନରେ ...

ଓଡ଼ିଶାରେ ୪ଟି ଶିକ୍ଷାନୁଷ୍ଠାନରେ ସେମି କଣ୍ଡକ୍ଟର ଶିକ୍ଷା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି । ଆଉ ୫ଟି କଲେଜରେ ସେମି କଣ୍ଡକ୍ଟର ଶିକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଥିବା ସମ୍ପର୍କରେ ସେ କହିଛନ୍ତି ।
ଓଡ଼ିଶାରେ ରେଳ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ବିକାଶ ଜାରି ରହିଛି । ବର୍ତ୍ତମାନ ୭୩ ହଜାର କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ଚାଲିଥିବା କେନ୍ଦ୍ରମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।


**GOVERNEMENT OF ODISHA e-PROCUREMENT NOTICE** B-836
WORKS DEPARTMENT
Bid Identification No. S.E. CBT (R&B) 26/ 2024-25
charbatiadivision1@gmail.com

i. Name of the work : Civil works-02 Nos
ii. Estimated cost : Rs 35,89,083/- to Rs50,14,315/-
iii. Period of completion : 03 months (90 days) to 04 months (120 days)
iv. Date & time of availability of Bid documents in the portal: **from 10.00 AM of 15.01.2025 to 24.01.2025 up to 5.00 PM for 'online" bidding**
v. Last date/ time for receipt of Bids in the portal: **24.01.2025 up to 5.00 PM.**
vi. Name and address of the officer inviting Bid : **Superintending Engineer Charbatia (R&B) Division, Choudwar**

Further details can be seen from the e-procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.

Sd/- Superintending Engineer
Charbatia (R&B) Division, Choudwar
OIPR-34092/11/0012/2425



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK.** O-1222
ee_rwbdk2@yahoo.co.in
*"e" Procurement Notice for Building Works*
*Identification Online Tender 11/RWD/BDK-II / 2024-25 Dtd. 09.01.2025*

1. Name of the Work :- Building Works as per Annexure
2. Total Number of Works :- 2 Nos
3. Approximate Estimated Cost :- Rs . 21.19 lakhs – Rs. 25.29 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details :- The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer ,R.W. Division-II, Bhadrak | 11 | 16.01.2025 At 11.30 A.M. | 27.01.2025 up to 5.00 P.M | 27.01.2025 up to 3.00 P.M | 28.01.2025 at 11.30 AM |

7. Further details can be seen from the e-procurement portal "https:// www.tendersorissa.gov.in"
8. Any other changes / Corrigendum may be seen only in website www.tendersorissa.gov.in
9. DATE OF TRANSPARENT LOTTERY TO BE CONDUCTED ON DT 05.02.2025 at 11.30 AM IN THE OFFICE OF THE SUPERINTENDING ENGINEER, RURAL WORKS DIVISION –II, BHADRAK.

Sd/- Executive Engineer
R.W. Division-II, Bhadrak
OIPR-25090/11/0014/2425



**ପୂର୍ବ ତଟ ରେଳପଥ**
**କେନ୍ଦ୍ରୀୟ ଚିକିତ୍ସାଳୟ,ଭୁବନେଶ୍ୱର ଠାରେ ଅଂଶକାଳିକ(Part Time) ଦନ୍ତ ଚିକିତ୍ସକଙ୍କ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**
ନିଯୁକ୍ତି ସୂଚନା ସଂ. **01/2025(PTDS)**, ତା.**09.01.2025** ରିଖ
**ଖାଲି ପଦବୀ ସଂଖ୍ୟା : 01**(ଅଣସଂରକ୍ଷିତ) । ଯେକୌଣସି ଦୃଷ୍ଟିକୋଣରୁ ଅଧିସୂଚନାରେ ଅଧିସୂଚିତ ଖାଲି ପଦବୀ ସଂଖ୍ୟାରେ ପ୍ରଶାସନିକ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ କରାଯାଇପାରେ ।
ଏକ ବର୍ଷ ଅବଧି ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର ଠାରେ ଚୁକ୍ତି ଭିତ୍ତିରେ ଦୈନିକ **4** ଘଣ୍ଟା ଏବଂ ସପ୍ତାହରେ **6** ଦିନ ଡ୍ୟୁଟି ସହିତ ନିଯୁକ୍ତି ପ୍ରଦାନ ନିମନ୍ତେ ଅଂଶକାଳିକ ଦନ୍ତ ଚିକିତ୍ସକମାନଙ୍କ ଏକ ତାଲିକା(**Panel**)ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ । ପରବର୍ତ୍ତୀ ସମୟରେ ପ୍ରଶାସନିକ ଆବଶ୍ୟକତା ଏବଂ ସଂପୃକ୍ତ ଅଂଶକାଳିକ ଦନ୍ତ ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାନି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାକି ସର୍ବାଧିକ **12** ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରଣଯୋଗ୍ୟ କିମ୍ବା **65** ବର୍ଷରେ ପଦାର୍ପଣ କରିବା ପର୍ଯ୍ୟନ୍ତ କିମ୍ବା ନିୟମିତ **IRHS** ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ କିମ୍ବା ଯୋଜନା ଉପଲବ୍ଧ ହେବା ପର୍ଯ୍ୟନ୍ତ ଯେଉଁଠି ପ୍ରଥମେ ହୋଇଥିବ ।

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ନିମନ୍ତେ ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ଉପ ମୁଖ୍ୟ କାର୍ମିକ ଅଧିକାରୀ(ମୁଖ୍ୟାଳୟ)ଙ୍କ ଚାମ୍ବର, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ପୂର୍ବ ତଟ ରେଳପଥ ସଦନ, ଭୁବନେଶ୍ୱର । | ତା.**29.01.2025**ରିଖ ପୂର୍ବାହ୍ନ **09.30** ଘଟିକା ଏବଂ ପ୍ରମାଣପତ୍ରଗୁଡ଼ିକର ତନଖି ସମାପ୍ତ ପରେ **11.00** ଘଟିକା ଠାରୁ ୱାକ୍-ଇନ୍ ଇଣ୍ଟରଭ୍ୟୁ ପରିଚାଳନା କରାଯିବ । |

ଦ୍ରଷ୍ଟବ୍ୟ : ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା, ବୟସ, ପାରିଶ୍ରମିକ, ନିଯୁକ୍ତି ଅବଧି, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ ।

PR-880/P/24-25 | ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର

ଭୁବନେଶ୍ୱର
୧୪ ଜାନୁଆରୀ
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସୂର୍ଯ୍ୟମନ୍ଦିରରେ କେବଳ ଅନୁମତିପ୍ରାପ୍ତ ଫଟୋଗ୍ରାଫର ଉଠାଇ ପାରିବେ ଫଟୋ

ଭୁବନେଶ୍ୱର, ୧୩।୧
ନ୍ୟୁଜ ବ୍ୟୁରୋ

କେବଳ ଅନୁମତିପ୍ରାପ୍ତ ଫଟୋଗ୍ରାଫର ହିଁ ସୂର୍ଯ୍ୟ ମନ୍ଦିରରେ ଉଠାଇ ପାରିବେ ଫଟୋ। ଏନେଇ ଜଣିକିଆ ଖଣ୍ଡପୀଠଙ୍କ ରାୟକୁ କାଏମ ରଖିଲେ ହାଇକୋର୍ଟ। ପ୍ରତ୍ନତତ୍ତ୍ୱ ବିଭାଗରୁ ଲାଇସେନ୍ସ ପାଇଥିବା ଫଟୋଗ୍ରାଫରଙ୍କୁ ସୂର୍ଯ୍ୟମନ୍ଦିରରେ ଫଟୋ ଉଠାଇବାକୁ ଅନୁମତି ଦେଲେ ହାଇକୋର୍ଟ। ୨୦୧୭ ମସିହା ନିୟମ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ଫଟୋଗ୍ରାଫରଙ୍କୁ ଫଟୋ ଉଠାଇବାକୁ ଅନୁମତି ମିଳିଛି। ବିନା ଲାଇସେନ୍ସରେ ଫଟୋ ଉଠାଉଥିବା ୧୫୪ ଜଣଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି।



ଅପରପକ୍ଷେ ସୋମବାର ପ୍ରତ୍ୟୁଷରୁ ଘନ କୁହୁଡି ମାଡ଼ି ଆସିଥିଲା । ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର କୁହୁଡି ବଳୟରେ ଲୁଚି ଯାଇଥିଲା। କୁହୁଡି ଯୋଗୁଁ ସକାଳ ୮ଟା ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ଅଦୃଶ୍ୟ ପ୍ରତୀୟମାନ ହୋଇଥିଲା। ଦୂର ଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପାରିନଥିଲେ। କୁହୁଡିରେ ରାସ୍ତା ଘାଟ ଏକ ପ୍ରକାର ଶୂନଶାନ ହୋଇପଡିଥିଲା। ଯାନବାହନ ଚଳାଚଳରେ ବାଧା ଉପୁଜିଥିଲା ।

# ଶ୍ରୀମନ୍ଦିରରେ ଦେବାଭିଷେକ ନୀତି : ମହାପ୍ରଭୁଙ୍କ ରାଜାଧିରାଜ ଓ ନବାଙ୍କ ବେଶ

ପୁରୀ, ୧୩/୦୧

ସୋମବାର ପୌଷ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ପାଳନ ଅବସରରେ ମହାପ୍ରଭୁଙ୍କ ରାଜାଧିରାଜ ବେଶ ସହ ମକର ସଂକ୍ରାନ୍ତି ପୂର୍ବ ଦିନ ନୀତି ଅନୁସାରେ ନବାଙ୍କ ବେଶ ଅନୁଷ୍ଠିତ ହୋଇଛି । ଏକା ଦିନକେ ଠାକୁରଙ୍କ ଦୁଇଟି ବେଶର ଅଦ୍ଭୁତ ଯୋଗାଯୋଗ ବହୁ ବର୍ଷରେ ଆସିଥିବା କୁହାଯାଉଛି । ଦ୍ୱିପହର ଧୂପରେ ଠାକୁରଙ୍କ ସୁନା ବେଶ ଓ ସନ୍ଧ୍ୟା ଧୂପରେ ନବାଙ୍କ ବେଶ ସମ୍ପନ୍ନ ହୋଇଛି । ପୌରାଣିକ କଥାବସ୍ତୁ ଆଧାରରେ ପୌଷପୂର୍ଣ୍ଣିମାରେ ଶ୍ରୀରାମଚନ୍ଦ୍ର ବନବାସରୁ ଫେରି ରାଜା ହୋଇଥିଲେ । ଏଣୁ ବଡ଼ଦେଉଳ ରତ୍ନସିଂହାସନରେ ମହାପ୍ରଭୁଙ୍କ ଅଭିଷେକ ନୀତି ସମ୍ପନ୍ନ



ହୋଇଛି । ଠାକୁରଙ୍କ ପୁଷ୍ୟାଭିଷେକ ପୂର୍ବରୁ ରବିବାର ରାତିରେ ଅଙ୍କୁରାରୋପଣ ଓ ଜଳ ଅଧିବାସ ଆଦି ବିଧି ସମ୍ପନ୍ନ ହୋଇଥିଲା। ଚନ୍ଦନଲାଗି ନୀତି ସରିଲାପରେ ଭୋଗମଣ୍ଡପ ଘରେ ଜଳ ଓ ଘୃତ ଅଧିବାସ ହୋଇଛି । ସୋମବାର ସକାଳ ଧୂପ ସରିଲା ପରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିର ଶୁଭାରମ୍ଭ ହୋଇଛି । ରତ୍ନସିଂହାସନ ନିମ୍ନରେ ଥିବା ଦର୍ପଣରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଭିଷେକ ନୀତି ଅନୁଷ୍ଠିତ ହୋଇଛି ।

ଏହାପରେ ମହାପ୍ରଭୁଙ୍କ ଚିତ୍ତାକର୍ଷକ ସୁନାବେଶ ସମ୍ପନ୍ନ ହୋଇଛି । ଏହି ଅବସରରେ ଭିତରଛ ମହାପାତ୍ର ଶ୍ରୀଲକ୍ଷ୍ମଣଙ୍କ ରୂପରେ ଦଣ୍ଡଛତ୍ର ଧରି ଦଣ୍ଡାୟମାନ ହୋଇଥିଲେ। ଦଣ୍ଡଛତ୍ର ମୂଳକୁ ଧାରଣ କରି ପାଳିଆ ଭଣ୍ଡାର ମେକାପ ଶ୍ରୀହନୁମାନଙ୍କ ରୂପରେ ଆଣ୍ଠୁମାଡ଼ି ବସିଥିଲେ । ଷୋଡ଼ଷ ଉପଚାରରେ ମହାପ୍ରଭୁଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା । ରାଜନୀତି ଓ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି । ଶ୍ରୀରଘୁନାଥ ରତ୍ନସିଂହାସନକୁ ବିଜେ ହୋଇ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ରାଜାଧିରାଜ ବେଶ ଓ ବିଶେଷ ନୀତି ଦର୍ଶନ କରି ହଜାର ହଜାର ଭକ୍ତ କୃତାର୍ଥ ହୋଇଛନ୍ତି ।

# ଶ୍ରୀଲିଙ୍ଗରାଜଙ୍କ ପୁଷ୍ୟାଭିଷେକ : ୧୦୮ ଗରା ତୀର୍ଥ ଜଳରେ ସ୍ନାନ କଲେ ମହାପ୍ରଭୁ

ଭୁବନେଶ୍ୱର, ୧୩/୦୧ ନ୍ୟୁଜ ବ୍ୟୁରୋ

ସୋମବାର ପୌଷ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୁଷ୍ୟାଭିଷେକ ନୀତି କରାଯାଇଛି । ଭୋଗମଣ୍ଡପ ନୀତି ବଢିବା ପରେ ବଡୁ ସେବାୟତ ମାନେ ତୀର୍ଥ ପୁଷ୍କରିଣୀ ବିନ୍ଦୁ ସାଗରରୁ ୧୦୮ ଗରା ପାଣି ଉତ୍ତୋଳନ କରି ମନ୍ଦିରକୁ ଆଣିଥିଲେ । ବେହେରାଣ ମଣ୍ଡପରେ ପୂଜାପଣ୍ଡାଙ୍କ ଦ୍ୱାରା ଅଧିବାସ କରାଯିବା ପରେ ଅଭିଷେକ ନୀତି ବଢି ଠାକୁରଙ୍କୁ ବେଶ ଓ ଭାଗ ଲାଗି ହୋଇଛି ।

ସେହିପରି ସନ୍ଧ୍ୟାଧୂପ ପରେ ମକର ନୀତିର ଆଦ୍ୟ ପର୍ବ ନବାଙ୍କ ବେଢା ଆରମ୍ଭ ହୋଇଥିଲା। ସେବାୟତମାନେ ମେଘ ଡମ୍ବରୁ



ଶୋଭାଯାତ୍ରା ସହ ସାମନ୍ତରାଙ୍କ ଘରକୁ ଯାଇ ଖିର ଆଣିଥିଲେ । ସେହି ଖିରକୁ ଆଉଟା ଯାଇ ଦୁଗ୍ଧ ଘରେ ସଂରକ୍ଷଣ ରଖାଯାଇଛି । ସଂକ୍ରାନ୍ତିରେ ଖିରକୁ ବ୍ୟବହାର କରି ମକର ଚାଉଳ ପ୍ରସ୍ତୁତ ହୋଇ ଦିଅଁଙ୍କ ଠାରେ ଲାଗି ହେବ ବୋଲି ନୀତି ସୁପରଭାଇଜର ରାଜ କିଶୋର ମହାପାତ୍ର ଓ ବଡୁ ସେବାୟତ ମୌସମ ବଡୁ ସୂଚନା ଦେଇଛନ୍ତି।

# ପ୍ରକାଶ ପାଇଲା ବିଜ୍ଞପ୍ତି : ସଂଗ୍ରାମୀଙ୍କୁ ମିଳିବ ୨୦ ହଜାର ପେନସନ୍

ଭୁବନେଶ୍ୱର, ୧୩/୦୧ ନ୍ୟୁଜ ବ୍ୟୁରୋ

ଜରୁରୀ କାଳୀନ ପରିସ୍ଥିତିରେ ବନ୍ଦୀ ହୋଇଥିବା ସଂଗ୍ରାମୀଙ୍କୁ ମିଳିବ ୨୦ ହଜାର ଟଙ୍କାର ପେନସନ୍। ସଂଗ୍ରାମୀମାନଙ୍କ ସମସ୍ତ ମେଡିକାଲ୍ ଖର୍ଚ୍ଚ ବହନ କରିବେ ଓଡ଼ିଶା ସରକାର। ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ଏହି ପେନସନ ଓ ଚିକିତ୍ସା ସୁବିଧା ପାଇବେ। ଦେଶର ଜରୁରୀ କାଳୀନ ପରିସ୍ଥିତିରେ ମିସା, ଡିଆଇଆର ଏବଂ ଡିଆଇଏସଆଇଆର ଆଇନରେ ବିଭିନ୍ନ ଜେଲ୍‌ରେ ବନ୍ଦୀଥିବା ସଂଗ୍ରାମୀମାନଙ୍କୁ ମାସକୁ ୨୦ ହଜାର ଟଙ୍କାର ପେନସନ ମିଳିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଏ ବିଷୟରେ ଘୋଷଣା କରିଥିଲେ। ସୋମବାର ଏ ସଂପର୍କରେ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପେନସନ ସହିତ ସମସ୍ତ ସଂଗ୍ରାମୀମାନଙ୍କ ମେଡିକାଲ ଖର୍ଚ୍ଚ




ମଧ୍ୟ ରାଜ୍ୟ ସରକାର ବହନ କରିବେ। ସୂଚନା ଯୋଗ୍ୟ ଯେ, ୧୯୭୫ ମସିହା ଜୁନ୍ ୨୫ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଦେଶରେ ଜରୁରୀ କାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ତତ୍କାଳୀନ ରାଷ୍ଟ୍ରପତି ଫକିରୁଦ୍ଦୀନ ଅଲୀ ଅହମ୍ମଦ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ ସରକାରଙ୍କ ସୁପାରିଶରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଜୁନ ୨୫ ମଧ୍ୟରାତ୍ରୀରେ ରାଷ୍ଟ୍ରପତି ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏହାର ପରଦିନ ଇନ୍ଦିରା ଗାନ୍ଧୀ ରେଡିଓ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରି ଏହି ସୂଚନା ଦେଇଥିଲେ। ୨୬ର ସୂର୍ଯ୍ୟୋଦୟରୁ ଦେଶର ସମସ୍ତ ନାଗରିକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରିଦିଆଯାଇଥିଲା। ଲୋକଙ୍କ ପାଖରେ ଅଭିବ୍ୟକ୍ତିର ଅଧିକାର ନଥିଲା। ଜୁନ୍ ୨୫ ରାତିରୁ ବିରୋଧୀ ଦଳ ନେତାଙ୍କୁ ଗିରଫ କରିବା ଆରମ୍ଭ ହୋଇଯାଇଥିଲା। ଏହା ବିରୋଧରେ ସ୍ୱର ଉଠାଇ ଅନେକ ସଂଗ୍ରାମୀ ବିଭିନ୍ନ ଜେଲରେ ବନ୍ଦୀ ହୋଇଥିଲେ।

# ମଧୁର ସ୍ମୃତି ନେଇ ଫେରିଲେ ଇଣ୍ଡିଆ ଟ୍ରେକ୍‌ର ୪୦ ଜଣିଆ ପ୍ରତିନିଧିମଣ୍ଡଳ

ଭୁବନେଶ୍ୱର, ୧୩/୦୧ ନ୍ୟୁଜ ବ୍ୟୁରୋ

ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୫ ତାରିଖରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଓ ମାସାଚ୍ୟୁସେଟ୍‌ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ୪୦ ଜଣିଆ ପ୍ରତିନିଧିମଣ୍ଡଳ ରବିବାର ସମସ୍ତ କାର୍ଯ୍ୟକ୍ରମ ସାରି ଫେରି ଯାଇଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। କିଟ୍ ଓ କିସ୍ ପରିଦର୍ଶନରେ ଆସି କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଦଳରେ ହାର୍ଭାର୍ଡ



ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଓ ମାସାଚ୍ୟୁସେଟ୍‌ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ ବିଶେଷ କରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ଓ ଜ୍ଞାନର ଆଦାନ ପ୍ରଦାନ କରିବା। ଓଡ଼ିଶା କଳା, ସଂସ୍କୃତି ଓ ପରମ୍ପରାରେ ସେମାନେ ଅଭିଭୂତ ହୋଇପଡ଼ିଥିଲେ। ଏଭଳି ପ୍ରୟାସ ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଦୀପକ ବେହେରା ପ୍ରମୁଖ ଉପସ୍ଥିତ ରହି ଇଣ୍ଡିଆ ଟ୍ରେକ ପ୍ରତିନିଧିମଣ୍ଡଳ ସହ ଭାବ ବିନିମୟ କରିଥିଲେ।

## ଝାରସୁଗୁଡା ବିଧାନସଭା ନିର୍ବାଚନୀ ମାମଲା

# ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ

ଭୁବନେଶ୍ୱର, ୧୩।୧ ନ୍ୟୁଜ ବ୍ୟୁରୋ

ଝାରସୁଗୁଡା ବିଧାନସଭା ନିର୍ବାଚନୀ ମାମଲା। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ଦାୟର ନିର୍ବାଚନୀ ମାମଲାକୁ ଖାରଜ ପାଇଁ ଆବେଦନ କରିଛନ୍ତି ଟଙ୍କଧର । ଆସନ୍ତା ୧୭ରେ ଏହାର ପରବର୍ତ୍ତୀ ଶୁଣାଣି ହେବ । ଝାରସୁଗୁଡା ନିର୍ବାଚନରେ ପୂର୍ବତନ ବିଧାୟିକା ଦୀପାଳି ଦାସ ପରାଜୟ ପରେ



ବିଧାୟକ ଟଙ୍କଧରଙ୍କ ବିରୁଦ୍ଧରେ ହାଇକୋର୍ଟରେ ନିର୍ବାଚନୀ ମାମଲା ଦାୟର କରିଛନ୍ତି । ଦାୟର ମାମଲାକୁ ଖାରଜ କରିବାକୁ ବିଧାୟକ ଟଙ୍କଧର ହାଇକୋର୍ଟରେ ଆବେଦନ କରିଛନ୍ତି ।

# ଯୋଗାଣ ଅଧିକାରୀଙ୍କୁ ଚେତାବନୀ, କାର୍ଯ୍ୟରେ ଅବହେଳା କଲେ ହେବ ଆକ୍ସନ୍

ଭୁବନେଶ୍ୱର, ୧୩/୧ ନ୍ୟୁଜ ବ୍ୟୁରୋ

ଯୋଗାଣ ଅଧିକାରୀଙ୍କୁ ଯୋଗାଣ ମନ୍ତ୍ରୀଙ୍କ ଚେତାବନୀ। ଦାୟିତ୍ୱରେ ଅବହେଳା କଲେ କିମ୍ବା ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ନିକଟରେ ଦାୟିତ୍ୱରେ ଅବହେଳା ପାଇଁ ଜଗତସିଂହପୁର ପାରାଦ୍ୱୀପ ଏମଆଇଙ୍କୁ ନିଲମ୍ବନ କରାଯାଇଛି। ଆଗକୁ ଯେଉଁଠି ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିବ ସେଠାରେ କାର୍ଯ୍ୟାନୁଷ୍ଠାନ ହେବ।



ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେହିପରି ଧାନ କିଣାକୁ ନେଇ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସରକାର ଏବେ ସୁଦ୍ଧା ୨୬ ଲକ୍ଷ ୨୮ ହଜାର ୨୨୮ ମେଟ୍ରିକ୍ ଟନ୍ ଧାନ କିଣିଲେଣି। ୪ ଲକ୍ଷ ୯୯ ହଜାର ୭୭୮ ଜଣ ଚାଷୀ ଧାନର ମୂଲ୍ୟ ପାଇଲେଣି। ଏଯାବତ୍ ଚାଷୀଙ୍କୁ ୧୯୦୪ କୋଟି ଟଙ୍କାର ଇନପୁଟ ସବସିଡି ସହ ମୋଟ ୭୩୭୯ କୋଟି ଟଙ୍କା ସରକାର ଦେଇସାରିଲେଣି। ମଣ୍ଡିରେ ପ୍ୟାଡ଼ି ଆନାଲାଇଜର ମେସିନ ଯଥେଷ୍ଟ ନଥିବା କଥା ଯୋଗାଣ ମନ୍ତ୍ରୀ ମାନିଛନ୍ତି। ସେ କହିଛନ୍ତ ଯେ, ଏବେ ଆନାଲାଇଜର ମେସିନ କମ୍ ଅଛି, ଆମେ ଆଗକୁ ଅଧିକ ଆଣିବୁ। ପ୍ରକାଶ ଥାଉକି, ରବିବାର ପାରାଦ୍ୱିପ ପୌରାଞ୍ଚଳର ଯୋଗାଣ ନିରୀକ୍ଷକ(ଏମ୍‌ଆଇ) ଅଲିଭା ଦାଶ ଶୁକ୍ରବାର ସମୀକ୍ଷା ବୈଠକରେ ଅନୁପସ୍ଥିତ ରହିଥିଲେ। ଏନେଇ ଯୋଗାଣ ମନ୍ତ୍ରୀ ବିରକ୍ତି ଓ ଉଦ୍‌ବେଗ ପ୍ରକାଶ କରିଥିଲେ। ପୂର୍ବରୁ ତାଙ୍କ ନାଁରେ ଅନ୍ୟାନ୍ୟ ଅଭିଯୋଗ ମଧ୍ୟ ରହିଥିଲା। ଏତାଦୃଶ ଆଚରଣ ତଥା କାର୍ଯ୍ୟରେ ଅବହେଳା ନିମନ୍ତେ ଏମ୍‌ଆଇ ଶ୍ରୀମତୀ ଦାଶଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ।

# ମକରମେଳା ପାଇଁ ଟି ସେତୁରେ ଲାଗିଲା କଟକଣା

ବଡମ୍ବା, ୧୩/୧ ନ୍ୟୁଜ ବ୍ୟୁରୋ

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମକର ସଂକ୍ରାନ୍ତି ଅବସରରେ ଜାନୁଆରୀ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ବଡମ୍ବାର ପ୍ରସିଦ୍ଧ ବାବା ସିଂହନାଥଙ୍କ ପୀଠରେ ମକର ମେଳା ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଏହି ତିନି ଦିନ ବନ୍ଦ ରହିବ ବଡମ୍ବାର ଟି-ସେତୁ । ସକାଳ ୭ ଟାରୁ ରାତି ୯ ପର୍ଯ୍ୟନ୍ତ ବନ୍ଦ ରହିବ ଏହି ସେତୁ । ଅବଶିଷ୍ଟ ସମୟ ଯାତାୟାତ ପାଇଁ ଖୋଲାଯିବ । ତିନି ଦିନ ପର୍ଯ୍ୟନ୍ତ ଏହି ମେଳାରେ କଟକ ସମେତ ଅନ୍ୟାନ୍ୟ ଆଖପାଖ ଜିଲ୍ଲାମାନଙ୍କରୁ ପୂଜାର୍ଚ୍ଚନା ନିମନ୍ତେ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ଜନସମାଗମକୁ ଦୃଷ୍ଟିରେ ରଖି ସିଂହନାଥ ପୀଠକୁ ସଂଯୋଗ କରୁଥିବା ବୈଦେଶ୍ୱର-ବଡ଼ମ୍ବା ଟି-ସେତୁ ଉପରେ କଟକଣା ଜାରି କରିଛି ପ୍ରଶାସନ । ଜନସାଧାରଣଙ୍କର ସୁରକ୍ଷା ପାଇଁ ଯେପରି କୌଣସି ଅଘଟଣ ନଘଟେ ସେଥିପ୍ରତି ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସେହିପରି ନୟାଗଡ ପଟୁ ବଡମ୍ବା ଆସୁଥିବା ସମସ୍ତ ଯାନବାହନ ଗୁଡିକୁ ସିଦ୍ଧମୂଳା ସେତୁ ଦେଇ ବଡମ୍ବା ଅଭିମୁଖେ ଯାତାୟାତ କରିବ । ସେହିଭଳି ବଡମ୍ବା ପଟୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଯାଉଥିବା ଯାନବାହନ ଗୁଡିକ ଜାତମୁଣ୍ଡିଆ ସେତୁ ଦେଇ ଗତି କରିବ । ଏହି ମେଳା ସମୟରେ ଯାନବାହାନ ଚଳାଚଳର ନିୟନ୍ତ୍ରଣ, କଟକଣା ଓ ଗତିପଥ ପରିବର୍ତ୍ତନ ସମ୍ବନ୍ଧରେ ତହସିଲଦାର ବଡମ୍ବା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ୨୦୨୪ ଥିଲା ବିଶ୍ୱର ସବୁଠୁ ଉତ୍ତପ୍ତ ବର୍ଷ

# ବୈଜ୍ଞାନିକ କହିଲେ ଆଗକୁ ଲଗାତାର ଆସିବ ବନ୍ୟା ଓ ଝଡତୋଫାନ

ନୂଆଦିଲ୍ଲୀ ୧୩/୦୧

୨୦୨୪ ଥିଲା ବିଶ୍ୱର ସବୁଠୁ ଉତ୍ତପ୍ତ ବର୍ଷ । ପ୍ରଥମ ଥର ପାଇଁ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍-ଶିଳ୍ପ ସ୍ତରଠାରୁ ୧ ଦଶମିକ ୫ ଡିଗ୍ରି ସେଲସିୟସ୍ ଅତିକ୍ରମ କରିଛି ଯାହାକି ଆଗାମୀ ଦିନରେ ମନୁଷ୍ୟସମାଜ ପାଇଁ ସତର୍କ ଘଣ୍ଟି ବାଜିଛି। ଏମିତି କହି ଚେତାଇଛନ୍ତି ବିଶିଷ୍ଟ ବୈଜ୍ଞାନିକ। ବୈଜ୍ଞାନିକ କହିଛନ୍ତି ୨୦୨୪ ଥିଲା ବିଶ୍ୱର ସବୁଠୁ ଉତ୍ତପ୍ତ ବର୍ଷ । ପ୍ରଥମ ଥର ପାଇଁ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍-ଶିଳ୍ପ ସ୍ତରଠାରୁ ୧ ଦଶମିକ ୫ ଡିଗ୍ରି ସେଲସିୟସ୍ ଅତିକ୍ରମ କରିଥିଲା । ୧୯୦୧ ପରଠାରୁ ୨୦୨୪ ବର୍ଷ



ଭାରତ ପାଇଁ ମଧ୍ୟ ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା । ଏହା ୨୦୨୪ରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଜନ୍ମ ଦେଇଛି । ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ବାୟୁ ଓ ସମୁଦ୍ରପୃଷ୍ଠ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥିଲା । ଏଲ୍‌ନିନୋ ସାଉଥ୍ ଅସିଲେସନ୍ ଭଳି ଅନ୍ୟାନ୍ୟ କାରଣ ମଧ୍ୟ ଅସ୍ୱାଭାବିକ ତାପମାତ୍ରାର କାରଣ । ପ୍ରବଳ ଗରମ ଯୋଗୁଁ ଉତ୍ତର ପଶ୍ଚିମ ଓ ପୂର୍ବ ଭାରତରେ ବହୁ ଲୋକ ପ୍ରାଣ ହରାଇଛନ୍ତି । ମୌସୁମୀ ସମୟରେ ବନ୍ୟା, ଭୂସ୍ଖଳନ ଓ ଲକ୍ଷାଦ୍ୱୀପର ରିଫ୍‌ରେ ରେକର୍ଡ ବ୍ଲିଚିଂ ହୋଇଥିବା ସୂଚନା ମିଳିଛି । ଇମ୍ପେରିଆଲ କଲେଜ ଲଣ୍ଡନର ସେଣ୍ଟର ଫର ଏନଭାରମେଣ୍ଟାଲ ପଲିସିର ବରିଷ୍ଠ ଅଧ୍ୟାପକ ଫ୍ରିଡେରିକ୍ ଓଟୋ କହିଛନ୍ତି ଯେ ଦେଶଗୁଡ଼ିକ ଏବେ ବି ବିପୁଳ ପରିମାଣର ତୈଳ, ଗ୍ୟାସ୍ ଓ କୋଇଲା ଜାଳୁଛନ୍ତି । ତାପମାତ୍ରା ବୃଦ୍ଧି ଓ ପରିବର୍ତ୍ତିତ ପାଣିପାଗ ଯୋଗୁ ଭାଲେନ୍ସିଆ ବନ୍ୟା, ଆମେରିକା ବାତ୍ୟା, ଫିଲିପାଇନ୍ସ ବାତ୍ୟା ଓ ଆମାଜନ ମରୁଡ଼ି ଭଳି ବିପର୍ଯ୍ୟୟ ଘଟିଛି ।

# ମହାକୁମ୍ଭର ପ୍ରଥମ ଦିନରେ ବୁଡ଼ ପକାଇଲେ ୬୦ ଲକ୍ଷ ଶ୍ରଦ୍ଧାଳୁ : ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ପ୍ରୟାଗରାଜ, ୧୩/୧
ନ୍ୟୁଜ ବ୍ୟୁରୋ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ସୋମବାରଠାରୁ ଆରମ୍ଭ ହୋଇଛନ୍ତି ପବିତ୍ର ମହାକୁମ୍ଭ। ଏହି ଅବସରରେ ମହାକୁମ୍ଭର ପ୍ରଥମ ଦିନରେ ୬୦ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଏହା ସହିତ ମହାକୁମ୍ଭ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ମୋଦି କହିଛନ୍ତି, ଭାରତୀୟ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ଭଲ ପାଉଥିବା କୋଟି କୋଟି ଭାରତୀୟଙ୍କ ପାଇଁ ସୋମବାର ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ପବିତ୍ର ଦିବସ। ସେଥିପାଇଁ ସମସ୍ତଙ୍କୁ ଶୁଭେଚ୍ଛା। ମହାକୁମ୍ଭ ୨୦୨୫ ପ୍ରୟାଗରାଜରେ ଆରମ୍ଭ ହୋଇଛି। ଆସ୍ଥା, ଭକ୍ତି ଏବଂ ସଂସ୍କୃତିର ଏକ ପବିତ୍ର ସଙ୍ଗମସ୍ଥଳରେ ମହାକୁମ୍ଭ ଅଗଣିତ ଲୋକଙ୍କୁ ଏକତ୍ର କରିଛି ବୋଲି ଶ୍ରୀ ମୋଦି କହିଛନ୍ତି। ଅନ୍ୟପଟେ ଉତ୍ତରପ୍ରଦେଶ ଡିଜିପି ପ୍ରଶାନ୍ତ କୁମାର କହିଛନ୍ତି, ପ୍ରାୟ ୬୦ ଲକ୍ଷ ଶ୍ରଦ୍ଧାଳୁ ପ୍ରଥମ ଦିନରେ ବୁଡ଼ ପକାଇଛନ୍ତି। ଆଧୁନିକତା ଏବଂ ବିଶ୍ୱାସର ଏହା ଏକ ସଙ୍ଗମସ୍ଥଳ। ସୋମବାର ପ୍ରଥମ ଦିନରେ ପୁଷ୍ପ ବର୍ଷା ଅନୁଷ୍ଠିତ ହୋଇଛି।

ବଜାରରେ ଉପଲବ୍ଧ...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍‌ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ରାଜ୍ୟରେ ନିର୍ମାଣ ହେବ କୋଷ୍ଟାଲ୍ ହାଇୱେ :୧୬୩ କିଲୋମିଟର ପାଇଁ ୭୦୪୦ କୋଟି ଆକଳନ

ଭୁବନେଶ୍ୱର, ୧୩/୦୧
ନ୍ୟୁଜ ବ୍ୟୁରୋ

ରାଜ୍ୟବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ । ରାଜ୍ୟରେ ଶୀଘ୍ର କୋଷ୍ଟାଲ୍ ହାଇୱେ କାମ ଆରମ୍ଭ ହେବ । କୋଷ୍ଟାଲ୍ ହାଇୱେର ୧୬୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କଲେ ଭାରତର ଜାତୀୟ ରାଜପଥ ବା ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ । ଏହି ରାସ୍ତା ପାଇଁ ଫେବ୍ରୁୟାରୀ ୨୭ ତାରିଖକୁ ଟେଣ୍ଡର ଅବଧିର ଶେଷ ଦିବସ ଭାବେ ଧାର୍ଯ୍ୟ କରାଯାଇଛି । ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଚାରି ଭାଗରେ ୧୬୩ କିମି ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରିଥିବା ବେଳେ ଏ ବାବଦରେ ୭୦୪୦ କୋଟିରୁ ଅଧିକ ଖର୍ଚ୍ଚ ହେବ ବୋଲି ଆକଳନ କରିଛନ୍ତି । ବହୁ ବାଦବିବାଦ, ବାରମ୍ବାର ନକ୍ସା ପରିବର୍ତ୍ତନ ପରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ଏହି ୧୬୩ କିଲୋମିଟର ରାସ୍ତା ପାଇଁ ଏପ୍ରିଲରୁ କାମ ଆରମ୍ଭ ହେବ । ପୁରୀରୁ କାକଟପୁର ୪୨ କିଲୋମିଟରରେ ୪ ଲେନ୍ ବିଶିଷ୍ଟ କୋଷ୍ଟାଲ୍ ହାଓୱେ ନିର୍ମାଣ ବାବଦରେ ୧୫୯୨.୯୫ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି କାକଟପୁରରୁ ଏରସମା ପର୍ଯ୍ୟନ୍ତ ୪୭.୬୦୦ କିମିରେ ୨୨୦୧.୧୭ କୋଟି ଟଙ୍କା, ଏରସମାରୁ ପାରାଦୀପ ୨୬.୨୦୦ କିମି ପାଇଁ ୧୩୭୦.୪୧ କୋଟି ଓ ରାମେଶ୍ୱରରୁ ପୁରୀ ୪୭.୩୪୦ କିମି ପାଇଁ ୧୮୭୫.୯୦ କୋଟିର ଆକଳନ କରାଯାଇଛି । ରାମେଶ୍ୱରରୁ ପୁରୀ ଟେଣ୍ଡର ଆବେଦନର ଶେଷ ଦିବସ ୨୪ ତାରିଖ ଥିବା ବେଳେ ଅନ୍ୟ ୩ଟି ପ୍ରକଳ୍ପ ପାଇଁ



୨୭ ତାରିଖ ଶେଷ ଦିବସ ରହିଛି । ୯ ବର୍ଷ ତଳେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଏନେଇ ଘୋଷଣା କରିଥିଲେ । ପ୍ରଥମେ ଉପକୂଳ ରାଜପଥ ପ୍ରକଳ୍ପ ପ୍ରାୟ ୪୪୦ କିମି ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ଯିବାର ଥିଲା । କିନ୍ତୁ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟି(ଇଏସି) ଚିଲିକା, ବାଲୁଖଣ୍ଡ ଓ ଭିତରକନିକାଠାରୁ ଦୂରରେ ରାଜପଥ ତିଆରି କରିବାକୁ ପରାମର୍ଶ ଦେଇଥିଲେ । ପରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀଠାରୁ ବାହାରି ରତନପୁର ଦେଇ ଦୀଘା ପର୍ଯ୍ୟନ୍ତ (୩୮୨ କିମି) ଉପକୂଳ ରାଜପଥ ହେବା ପାଇଁ ସ୍ଥିର ହୋଇଥିଲା । ହେଲେ ଜଗତସିଂହପୁର ଜିଲ୍ଲାରେ ସମୁଦ୍ରଠାରୁ ପ୍ରାୟ ୨୫ କିମି ଦୂରରେ ରାଜପଥ ନିଆଯିବାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଫଳରେ ଟେଣ୍ଡରକୁ ବାତିଲ କରାଯାଇଥିଲା । ଏବେ ତ୍ରୁଟିକୁ ସୁଧାରି ନୂଆ ନକ୍ସା ତିଆରି ହୋଇଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେଇ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅପଣ୍ଡରା ପଞ୍ଚାୟତର ପାଦରୁଆଁ ଗାଁ ଏବଂ ଏହାପରେ ନଳରା, ତାଳଗାଁ, ବରଦିଆ, ତେନ୍ତୁଲିବେଲାରୀ ଦେଇ ଉପକୂଳ ରାଜପଥ ଆଗକୁ ଯାଇଛି । ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଏ ନେଇ ଜନଶୁଣାଣି ସରିଛି । ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରୀଆରୁ କେନ୍ଦ୍ରାପଡ଼ା ଜିଲ୍ଲା ମଶାକଣୀ ପର୍ଯ୍ୟନ୍ତ ମୋଟ ୧୬୩ କିଲୋମିଟର ରାସ୍ତା ହେବ । ପରେ ଦ୍ୱିତୀୟ ପର୍ଯ୍ୟାୟ ରାସ୍ତା କେନ୍ଦ୍ରାପଡ଼ା ଖଦଳସାହିରୁ ଦୀଘା ପର୍ଯ୍ୟନ୍ତ ପ୍ରାୟ ୧୭୧ କିମି ନିର୍ମାଣ ହେବ । ଏଥିପାଇଁ ବ୍ୟୟ ଅଟକଳ ହୋଇନାହିଁ । ପରିବେଶ ମଞ୍ଜୁରି ମଧ୍ୟ ମିଳିନାହିଁ । ଏଥିଲାଗି ପ୍ରାୟ ୧ ବର୍ଷ ଲାଗିବ ବୋଲି ସୂଚନା ମିଳିଛି । ଏ ସମ୍ପର୍କରେ ରାଜ୍ୟ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଭାରତମାଳା ପରିଯୋଜନା ଅନ୍ତର୍ଗତ ରାମେଶ୍ୱରରୁ ପାରାଦୀପର ରତନପୁର ପର୍ଯ୍ୟନ୍ତ କୋଷ୍ଟାଲ୍ ହାଇୱେ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ । ପୂର୍ବରୁ ଏଥିରେ ସନ୍ଦେହ ରହିଥିଲା । ମାତ୍ର ଡବଲ ଇଞ୍ଜିନ ସରକାର ଆସିବା ପରେ ଏହି କାର୍ଯ୍ୟ ସୁନିଶ୍ଚିତ ଆରମ୍ଭ ହେବ । ଏହାଦ୍ୱାରା ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ ଅପରେସନ ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।